# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ' ୨୨/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, May 22/2023 | Page 14 | ₹ 7.00 | RAYAGADA

୪୯ଶ ଭାଗ ୧୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 176 | ମୂଲ୍ୟ ₹୭/-




**କାମେରନଙ୍କ ପ୍ରଥମ ଆଇପିଏଲ୍ ଶତକ**

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସର କାମେରନ ଗ୍ରୀନ ତାଙ୍କର ପ୍ରଥମ ଆଇପିଏଲ୍ ଶତକ ହାସଲ କରିଛନ୍ତି।

୧୪

୧୦

**ରାଣାଙ୍କ ସହ ନଜର ଆସିବେ ଶ୍ରଦ୍ଧା**

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ସାଉଥ୍ ଅଭିନେତା ରାଣା ଦଗ୍ଗୁବତିଙ୍କ ସହ ଏକ ମୁଭିରେ ଏକାଠି କାମ କରୁଥିବାର ଭିଡିଓ ଶେୟାର କରିଛନ୍ତି।



# ସରକାରୀ ଘରେ ନିଶା କାରବାର

## କୋଟିଏ ଟଙ୍କାର ବ୍ରାଉନ୍‌ସୁଗାର ଜବତ

**ଭୁବନେଶ୍ୱରର ଏକ ସରକାରୀ କ୍ୱାର୍ଟର୍ସରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରବିବାର ପ୍ରାୟ ୧ କୋଟି ଟଙ୍କାର ବ୍ରାଉନ୍‌ସୁଗାର ଜବତ କରିଛି। ଏଥିସହିତ ଉକ୍ତ କ୍ୱାର୍ଟର୍ସରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ତେବେ ସରକାରୀ କ୍ୱାର୍ଟର୍ସକୁ କିପରି ଭଡ଼ାରେ ଦିଆଯାଉଛି ଏବଂ ସେଠାରେ ନିଶା କାରବାର ଭଳି ଅପରାଧ ଚାଲିଛି ତା'କୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

- **ଭଡ଼ାଟିଆ ଗିରଫ, ବାଲେଶ୍ୱରରୁ ଆସିଥିଲା ବ୍ରାଉନସୁଗାର**
- **ଘର ଭଡ଼ା ଦେଇଥିବା ସରକାରୀ ବାବୁଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**



ସରକାରୀ କ୍ୱାର୍ଟର୍ସ ନଂ. ୧ଆର୍/୨



ଗିରଫ ଚିତ୍ତରଞ୍ଜନ ସାହୁ

ଭୁବନେଶ୍ୱର,୨୧।୫(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ସରକାରୀ କ୍ୱାର୍ଟର୍ସକୁ ଭଡ଼ାରେ ଲଗାଯାଉଛି। ଏପରିକି ସେଥିରେ ବେଆଇନ ନିଶା କାରବାର ମଧ୍ୟ ଚାଲିଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) କମିଶନରେଟ ପୋଲିସ ସହାୟତାରେ ୟୁନିଟ-୮ସ୍ଥିତ ଉକ୍ତ ସରକାରୀ କ୍ୱାର୍ଟର୍ସ (ନଂ. ୧ଆର୍/୨)ରେ ଚଢ଼ାଉ କରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଏଥିସହ ସେଠାରେ ଭଡ଼ାରେ ରହୁଥିବା ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ଦୀନବନ୍ଧୁପୁର ଗ୍ରାମର ଚିତ୍ତରଞ୍ଜନ ସାହୁ ଓରଫ ମଧୁଙ୍କୁ ଗିରଫ କରିଛି। ତାଙ୍କଠାରୁ ୧ କେଜି ୧୦୭ ଗ୍ରାମ ବ୍ରାଉନସୁଗାର ସହ ଗୋଟିଏ ବାଇକ, ମୋବାଇଲ ଫୋନ୍, ଜୀବନ ବୀମା, ବ୍ୟାଙ୍କ ପାସ୍‌ବୁକ୍ ଆଦି ଜବତ କରାଯାଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୧/୨୦୨୩) ରୁଜୁ କରି ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ରବିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ବ୍ରାଉନସୁଗାରକୁ ବାଲେଶ୍ୱରର ଜଣେ ଯୁବକ ଚିତ୍ତରଞ୍ଜନଙ୍କୁ ଦେଇଥିବା ଏସ୍‌ଟିଏଫ୍ ପଚରାଉଚରାବେଳେ ଜାଣିବାକୁ ପାଇଛି। ତେଣୁ ସମ୍ପୃକ୍ତ ଯୁବକଙ୍କ ନାମକୁ ଏସ୍‌ଟିଏଫ୍ ଗୋପନ ରଖିବା ସହ ତାଙ୍କୁ ମଧ୍ୟ ଏହି ମାମଲାରେ ଯୋଡ଼ିଛି। ସମ୍ପୃକ୍ତ ଯୁବକଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ଏସ୍‌ଟିଫ୍ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଉକ୍ତ କ୍ୱାର୍ଟର୍ସକୁ ଭଡ଼ାରେ ଲଗାଇଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବ। ସେ ଜଣେ ଅବସରପ୍ରାପ୍ତ ଆର୍ମି ଯବାନ ହୋଇଥିବାବେଳେ ଏବେ ସଚିବାଳୟରେ ଚାକିରି କରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କ ଜାଣତରେ ଚିତ୍ତରଞ୍ଜନ ଏହି କାରବାର କରୁଥିଲେ କି ନାହିଁ ତାହା ଜାଣିବାକୁ ଏସ୍‌ଟିଏଫ୍ ପ୍ରୟାସ ଚଳାଇଛି। ଏସ୍‌ଟିଏଫ୍ ଏସ୍‌ପି କିଶୋର କୁମାର ପାଣିଗ୍ରାହୀ କହିଛନ୍ତି, ଉକ୍ତ କ୍ୱାର୍ଟର୍ସ ☞ ପୃଷ୍ଠା-୪

# ଆଜି ମନ୍ତ୍ରୀ ଭାବେ ଶପଥ ନେବେ ସୁଦାମ, ସାରଦା, ବିକ୍ରମ



ସୁଦାମ ମାରାଣ୍ଡି



ସାରଦା ନାଏକ



ବିକ୍ରମ କେଶରୀ ଆରୁଖ

ଭୁବନେଶ୍ୱର, ୨୧।୫(ବ୍ୟୁରୋ)

- **ବାଚସ୍ପତି କିଏ ହେବେ ସ୍ପଷ୍ଟ ହୋଇନାହିଁ**
- **ସକାଳ ୯ଟା ୫୦ ମିନିଟ୍‌ରେ ମନ୍ତ୍ରିମଣ୍ଡଳ ଶପଥ**
- **ଭିନ୍ନ ଭିନ୍ନ ନେତାଙ୍କ ନାଁକୁ ନେଇ ଲାଗି ରହିଥିବା ଚର୍ଚ୍ଚାରେ ବ୍ରେକ୍**
- **୩ ଜିଲାର ସାଙ୍ଗଠନିକ ସ୍ଥିତିକୁ ଦେଖି ମନ୍ତ୍ରୀ ଚୟନ**

ରାଜ୍ୟରେ ଖାଲି ପଡ଼ିଥିବା ମନ୍ତ୍ରୀ ପଦ ପାଇଁ ଲାଗି ରହିଥିବା ଚର୍ଚ୍ଚାରେ ଏବେ ବ୍ରେକ୍ ଲାଗିବାକୁ ଯାଉଛି। ରାଜ୍ୟର ନୂଆ ମନ୍ତ୍ରୀ ଭାବେ ପୂର୍ବତନ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ରାଉରକେଲା ବିଧାୟକ ସାରଦା ନାଏକ ଏବଂ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଦାୟିତ୍ୱ ଗ୍ରହଣ କରିବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ଏହି ୩ ଜଣ ବିଧାୟକଙ୍କୁ କ୍ୟାବିନେଟ୍ ମନ୍ତ୍ରୀଭାବେ ଶପଥ ନେବା ଲାଗି ଉତ୍ସବରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଟେଲିଫୋନ ଯାଇଥିବା ଜଣାପଡ଼ିଛି। ଗତ ୧୨ ତାରିଖରେ ବାଚସ୍ପତି ପଦରୁ ଅଚାନକ ବିକ୍ରମ କେଶରୀ ଆରୁଖ ଇସ୍ତଫା ଦେଇଥିଲେ। ଏହାର କିଛି ସମୟ ମଧ୍ୟରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଶ୍ରୀକାନ୍ତ ସାହୁ ମଧ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଫଳରେ ସମୀରଙ୍କ ହାତରେ ଥିବା ବିଦ୍ୟାଳୟ ☞ ପୃଷ୍ଠା-୪

# ୨ ହଜାର ଟଙ୍କା ନୋଟ୍ ବଦଳ ପାଇଁ ଆବଶ୍ୟକ ନାହିଁ ଆଇଡି ପ୍ରୁଫ୍

ନୂଆଦିଲ୍ଲୀ, ୨୧।୫

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨,୦୦୦ ଟଙ୍କିଆ ନୋଟ୍‌କୁ ସର୍କୁଲେଶନ୍‌ରୁ ପ୍ରତ୍ୟାହାର କରିନେବା ଲାଗି ଘୋଷଣା କରିବା ପରେ ସେଗୁଡ଼ିକୁ ବ୍ୟାଙ୍କରେ ବଦଳାଇବା ବା ଜମା କରିବା ପାଇଁ ଲୋକଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହି ନୋଟ୍‌ଗୁଡ଼ିକୁ ସେପ୍ଟେମ୍ବର ସୁଦ୍ଧା ବଦଳାଯାଇପାରିବ। ଗୋଟିଏ ଥରରେ ଜଣେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ୨,୦୦୦ ଟଙ୍କିଆ ନୋଟ୍ ବଦଳାଇପାରିବେ। ଏଥିପାଇଁ କୌଣସି ପରିଚୟ (ଆଇଡି) ପ୍ରମାଣ କିମ୍ବା ରିକ୍ୱିଜିଶନ ସ୍ଲିପ୍ ଆବଶ୍ୟକ ପଡ଼ିବ ନାହିଁ ବୋଲି ରବିବାର ☞ ପୃଷ୍ଠା-୪





KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act, 1956), Bhubaneswar, Odisha, India

25 Years Silver Jubilee 1997-2022 SOIL TO SILVER

20th Among Indian Universities Ranked by NIRF, Govt of India | Rank 1 MoE ARIIA Among Self-Financing Institutes of India | Tier 1 Accreditation Washington Accord NBA | A++ NAAC | ABET (US) Accreditation | IET The Institution of Engineering and Technology

KIITEE 2023
APPLY ONLINE NOW
Through KIIT Websites
www.kiitee.ac.in / www.kiit.ac.in

Last Date to Apply: 4th June 2023

Date of Online Exam (Phase-3) 7th - 8th June 2023
No Application / Examination Fee, Computer Based Online Test




ACADEMIC PROGRAMMES AVAILABLE

B.Tech (4 Years) in following branches of Engineering:
- Civil
- Electrical
- Mechanical
- Electronics & Telecommunication
- Electronics & Computer Science
- Electronics & Electrical
- Aerospace
- Mechatronics
- Mechanical (Automobile)
- Chemical Technology
- Computer Science
- Information Technology
- Computer Science & System
- Computer Science & Communication

Bachelor Programmes:
- B.Tech. ( Lateral Entry) (3 years)
- B.Tech & M.Tech - Biotechnology (5 Years)
- B. Arch. (5 years)
- Bachelor of Design (Fashion / Textile) (4 years)
- BA.LL.B / BBA LL.B / B.Sc. LL.B (5 years)
- Bachelor of Film & Television Production (3 years)
- Bachelor of Communication & Journalism (3 years)
- BBA (3 years)
- BCA (3 years)
- B.Sc. Computer Science (3 years)
- B.Sc. Nursing (4 years)
- BA (Hons) in English/ Economics/Sociology/Psychology/ Anthropology (3 years)
- B.Com (Hons) (3 years)

Masters Programmes:
- M.Sc Biotechnology (2 years)
- M.Sc. Applied Microbiology (2 years)
- M.Sc. Computer Science (2 years)
- M.Sc. Nursing (2 years)
- M.Sc. (Phy./ Chem./ Math & Data Science (2 years)
- M.Sc (by Research - S & T Translation) (2 years)
- M.Com (2 years)
- M.Tech. (2 years)
- MCA (2 years)
- LLM (2 years)
- M. Arch (2 years)
- Int. M.Tech & Ph.D (5 years)
- Master of Communication & Journalism (2 years)
- MA in Economics (2 years)
- MA in Sociology (2 years)
- MA in English (2 years)
- MA/M.Sc. in Psychology (2 years)
- MA / M.Sc. in Public Policy (2 years)
- MA in Leadership (2 years)
- MA in Anthropology (2 years)
- MA in Spiritualism (2 years)
- M.A. Yoga Therapy (2 years)
- Master of Hospital Administration (2 years)
- Master of Public Health (2 years)
- MBA-Rural Management (2 years)
- MBA Agribusiness Management (2 Years)

THE World University Rankings 2023
301-400 Computer Science | 401-500 Engineering | 601-800 University Ranking

CAMPUS PLACEMENT 2022 HIGHLIGHTS
750 + companies | 6000 + job offers | 95% students already placed | ₹52 Lakhs highest CTC offered | 2000+ paid internship opportunities

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email :admission@kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ସଂକ୍ଷେପରେ

### ମେକ୍ସିକୋରେ ଗୁଳିକାଣ୍ଡ: ୧୦ ମୃତ

**ମେକ୍ସିକୋ ସିଟି, ୨୧ା୫:** ଉତ୍ତର ମେକ୍ସିକୋର ବାଜା କାଲିଫର୍ନିଆରେ ଶନିବାର ଗୁଳିକାଣ୍ଡ ଘଟି ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଏନ୍‌ସେନାଡା ସହରର ସାନ୍ ଭିସେଣ୍ଟରେ କାର୍ ରେସିଂ ଶୋ' ଚାଲିଥିବାବେଳେ ଏହି ଗୁଳିକାଣ୍ଡ ଘଟିଛି। ଏକ ଧୂସର ରଙ୍ଗର ଭ୍ୟାନ୍‌ରେ ବନ୍ଧୁକଧାରୀମାନେ ଆସି କାର୍ ରେସ୍‌ର ଅଂଶଗ୍ରହଣକାରୀମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିକାଣ୍ଡର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଗ୍ରୁପ୍ ଗଠନ କରାଯାଇଥିବା ମେୟର ଆର୍ମଣ୍ଡୋ ଆୟାଲା ରୋବଲ୍‌ସ କହିଛନ୍ତି।

### ପିଏଲ୍‌ଏଫ୍‌ଆଇ ମୁଖ୍ୟ ନେପାଳରୁ ଗିରଫ

**ରାଞ୍ଚି, ୨୧ା୫:** ବେଆଇନ ଘୋଷିତ ପିପୁଲ୍ସ ଲିବରେଶନ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଲ୍‌ଏଫ୍‌ଆଇ) ସଂଗଠନର ମୁଖ୍ୟ ଦିନେଶ ଗୋପଙ୍କୁ ନେପାଳରୁ ଗିରଫ କରାଯାଇଛି। ତାଙ୍କୁ ଧରିବା ପାଇଁ ଏନ୍‌ଆଇଏ ଏବଂ ଝାଡ଼ଖଣ୍ଡ ପୋଲିସ ପକ୍ଷରୁ ମିଳିତ ଅଭିଯାନ ଆରମ୍ଭ ହୋଇଥିଲା। ଦିଲ୍ଲୀରେ ପହଞ୍ଚିବା ପରେ ତାଙ୍କୁ କୋର୍ଟରେ ହାଜର କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଗୋପ ସମ୍ପର୍କରେ ସୂଚନା ଦେଲେ ୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଝାଡ଼ଖଣ୍ଡ ପୋଲିସ ଘୋଷଣା କରିଥିଲା। ଗତବର୍ଷ ଗୋପ୍ ଗ୍ୟାଙ୍ଗ୍ ସହ ଝାଡ଼ଖଣ୍ଡ ପୋଲିସ୍‌ର ଅନେକ ଥର ଏନ୍‌କାଉଣ୍ଟର ହୋଇଥିଲେ ମଧ ସବୁଥର ସେ ଖସି ପଳାଇଯିବାକୁ ସମର୍ଥ ହୋଇଥିଲା। ହତ୍ୟା, ବଟି ଆଦାୟ୍ ସାଙ୍ଗକୁ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ସେ ଅଭିଯୁକ୍ତ। ଝାଡ଼ଖଣ୍ଡର ବିଭିନ୍ନ ଥାନାରେ ଗୋପଙ୍କ ବିରୋଧରେ ୧୫୦ରୁ ଊର୍ଦ୍ଧ୍ୱ ମାମଲା ରହିଛି।


ଦିନେଶ ଗୋପ

ଜନ୍ମଦିନରେ ଛାତ୍ରଙ୍କ ଜୀବନ ଗଲା

### ମୃତଦେହ ପାଖରେ କେକ୍ କାଟିଲେ ମାଆବାପା

**ହାଇଦ୍ରାବାଦ, ୨୧ା୫:** ତେଲଙ୍ଗାନାର ଅସିଫାବାଦ ମଣ୍ଡଳ ଅନ୍ତର୍ଗତ ବାବାପୁର ଗ୍ରାମରେ ଏକ ଅଭାବନୀୟ ତଥା ଦୁଃଖଦ ଘଟଣା ଘଟିଛି। ଜନ୍ମଦିନରେ ଜଣେ ଦଶମ ଶ୍ରେଣୀ ଛାତ୍ର ହୃଦ୍‌ଘାତରେ ପ୍ରାଣ ହରାଇବାରୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୁଃଖରେ ଭାଙ୍ଗିପଡ଼ିଥିବା ମାଆବାପା ପୁଅ ସଚିନଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ମୃତଦେହ ନିକଟରେ ଜନ୍ମଦିନ କେକ୍ କାଟିଛନ୍ତି। ୧୯ ତାରିଖରେ ସଚିନଙ୍କର ଜନ୍ମଦିନ ଥିଲା। ଏହାର ପୂର୍ବଦିନ ସେ ଅସିଫାବାଦ ସହରରେ ଶପିଂ କରୁଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ପଡ଼ିଯାଇଥିଲେ। ପ୍ରଥମେ ତାଙ୍କୁ ସ୍ଥାନୀୟ ହସ୍ପିଟାଲ ଓ ପରେ ମଞ୍ଚେରିଆଲ ସରକାରୀ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ମରଶରୀର ଗାଁକୁ ଫେରିବା ପରେ ମାଆ ଲଲିଥା ଓ ବାପା ଗୁନବନ୍ତ ରାଓ ପଡୋଶୀ, ସମ୍ପର୍କୀୟ ଓ ପିଲାମାନଙ୍କୁ ଡାକି ସେଠାରେ କେକ୍ କାଟିଥିଲେ। ପିଲାମାନେ ଜନ୍ମଦିନ ଗୀତ ଗାଇଥିବାବେଳେ ଗ୍ରାମବାସୀ ସଚିନଙ୍କ ସ୍ମୃତିରେ ମହମବତି ଜଳାଇଥିଲେ।

# ରୁଷିଆ ଦଖଲରେ ବାଖ୍‌ମୁଟ୍

ମସ୍କୋ/ହିରୋଶିମା, ୨୧ା୫

ୟୁକ୍ରେନ୍‌ର ଗୁରୁତ୍ୱପୂର୍ଣ୍ଣ ବାଖ୍‌ମୁଟ୍ ସହରକୁ ରୁଷିଆ ଦଖଲ କରିଥିବା ରବିବାର ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ରୁଷିଆ ସୈନ୍ୟମାନଙ୍କ ସହାୟତାରେ ୱାଗ୍‌ନର ଘରୋଇ ସେନା ବାଖ୍‌ମୁଟ୍‌କୁ ନିୟନ୍ତ୍ରଣକୁ ନେଇଛି। ୱାଗ୍‌ନର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍ ମଧ ଅନୁରୂପ ଦାବି କରିଛନ୍ତି। ଅନ୍ୟପକ୍ଷରେ ବାଖ୍‌ମୁଟ୍ ପାଇଁ ଲଢ଼େଇ ଜାରି ରହିଥିବା ୟୁକ୍ରେନ୍ କର୍ତ୍ତୃପକ୍ଷ କହିଛନ୍ତି। ରୁଷିଆ ସୈନ୍ୟ ବାଖ୍‌ମୁଟ୍‌କୁ ଅକ୍ତିଆର କରି ନ ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଜାପାନର ହିରୋଶିମାରେ ଜି୭ ନେତାମାନଙ୍କ ସହ ଆଲୋଚନା ପାଇଁ ଆସିଥିବା ଜେଲେନ୍‌ସ୍କି ମସ୍କୋର ଦାବିକୁ ଖଣ୍ଡନ କରିଛନ୍ତି। ବାଖ୍‌ମୁଟ୍‌ରେ କ'ଣ ଘଟୁଛି, ତାହା ମୁଁ ସ୍ପଷ୍ଟ ବୁଝିପାରୁଛି, ତେବେ ଆମ ଯୋଦ୍ଧାମାନଙ୍କ ସହ ଟେକ୍‌ନିକାଲି କ'ଣ ଘଟିଛି ତାହା ସବିଶେଷ ଭାବେ କହିପାରିବି ନାହିଁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି କହିଛନ୍ତି।

ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ୧୫ ମାସ ହୋଇଥିବାବେଳେ ଏହାର ପୂର୍ବପାର୍ଶ୍ୱରେ ଥିବା ବାଖ୍‌ମୁଟ୍ ସହର ପାଇଁ ୮ ମାସ ହେଲା ଲଢ଼େଇ ଜାରି ରହିଥିଲା। ଏହା ସବୁଠୁ ଦୀର୍ଘ ଓ ରକ୍ତାକ୍ତ ସଂଘର୍ଷ ବୋଲି କୁହାଯାଉଛି। ଶନିବାର ମଧ୍ୟାହ୍ନରେ ଏହି ସହର ସମ୍ପୂର୍ଣ୍ଣ ଭାବେ ରୁଷିଆ କବଳକୁ ଆସିଥିବା ୱାଗ୍‌ନର ମୁଖ୍ୟ ଟେଲିଗ୍ରାମ୍‌କୁ ଦେଇଥିବା ଭିଡିଓରେ କୁହାଯାଇଛି। ସେ କହୁଥିବା ସମୟରେ ପାଖରେ ସୈନ୍ୟମାନେ ଛିଡ଼ାହୋଇଥିବା ଏବଂ ବିଲ୍ଡିଂର ଧ୍ୱଂସାବଶେଷ ଦେଖିବାକୁ ମିଳିବା ସହ କିଛି ଦୂରରେ ବିସ୍ଫୋରଣର ଶବ୍ଦ ଶୁଭୁଥିଲା। ଏହାର କିଛି ସମୟ ପରେ ୟୁକ୍ରେନ୍ ଉପପ୍ରତିରକ୍ଷା ମନ୍ତ୍ରୀ ହନ୍ନା ମାଲିଆର୍ କହିଛନ୍ତି, ବାଖ୍‌ମୁଟ୍‌ରେ ଜୋର୍‌ଦାର ଲଢ଼େଇ ଜାରି ରହିଛି। ସେଠାର ସ୍ଥିତି ଗମ୍ଭୀର ଅଛି। ଉକ୍ତ ଅଞ୍ଚଳର କେତେକ ଶିଳ୍ପାଞ୍ଚଳ ଓ ଭିତ୍ତିଭୂମିକୁ ଶତ୍ରୁପକ୍ଷ ଅକ୍ତିଆର କରିଥିବା ମାଲିଆର୍ କହିଛନ୍ତି।

ଯଦି ରୁଷିଆ ସୈନ୍ୟ ବାଖ୍‌ମୁଟ୍‌କୁ ଅକ୍ତିଆର କରିଥାନ୍ତି, ତଥାପି ଡୋନେସ୍କର ଅନ୍ୟ ଅଞ୍ଚଳଗୁଡ଼ିକୁ ଦଖଲ କରିବା ସେମାନଙ୍କ ପାଇଁ ଏତେ ସହଜ ହେବ ନାହିଁ। କାରଣ ଉକ୍ତ ଅଞ୍ଚଳଗୁଡ଼ିକ ଏବେ ମଧ ୟୁକ୍ରେନ୍ ନିୟନ୍ତ୍ରଣରେ ରହିଛି। ୮ ମାସ ଧରି ବାଖ୍‌ମୁଟ୍‌ରେ ଜାରି ରହିଥିବା ଜୋର୍‌ଦାର ଲଢ଼େଇରେ କାହାର ଅଧିକ କ୍ଷୟକ୍ଷତି ହୋଇଛି, ତାହା ସ୍ପଷ୍ଟ ଭାବେ କୁହାଯାଇପାରିବ ନାହିଁ। ଉଭୟ ପକ୍ଷ ହଜାର ହଜାର ସୈନ୍ୟଙ୍କୁ ହରାଇଥିବା ବିଶ୍ୱାସ କରାଯାଉଥିବାବେଳେ କେହି ସଂଖ୍ୟା କହୁନାହାନ୍ତି। ବାଖ୍‌ମୁଟ୍‌ର ପତନ ୟୁକ୍ରେନ୍ ପାଇଁ ଏକ ବଡ଼ ଝଟକା ଏବଂ ରୁଷିଆ ପାଇଁ କେତେକ କୌଶଳଗତ ଫାଇଦା ଦେବ। କିନ୍ତୁ ଏହା ଯୁଦ୍ଧ ପରିଣତିର ନିର୍ଣ୍ଣାୟକ ପ୍ରମାଣିତ ହେବ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଡୋନେସ୍କ କ୍ଷେତ୍ରର ଅନେକ ଅଞ୍ଚଳ ୟୁକ୍ରେନ୍ କବଳରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଛି। ସେଗୁଡ଼ିକୁ ଅକ୍ତିଆର କରିବା ରୁଷିଆ ସୈନ୍ୟବାହିନୀ ପାଇଁ କଷ୍ଟକର ହେବ। ବାଖ୍‌ମୁଟ୍‌ର ଲୋକସଂଖ୍ୟା ୮୦ ହଜାର ହୋଇଥିବାବେଳେ ଏହା ଲବଣ ଓ ଜିପ୍‌ସମ୍ ଖଣି ପରିବେଷ୍ଟିତ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପାଞ୍ଚଳ କେନ୍ଦ୍ର। ଏହା ଡୋନେସ୍କର ଆଞ୍ଚଳିକ ପରିବହନ ଓ ଲଜିଷ୍ଟିକ୍ ହବ୍। ମସ୍କୋ ଏହାର ଆତ୍ମଘୋଷିତ ସ୍ୱତନ୍ତ୍ର ସାମରିକ ଅଭିଯାନରେ ଉକ୍ତ ଅଞ୍ଚଳକୁ ବଳପୂର୍ବକ ଅକ୍ତିଆର କରିବାକୁ ଚାହୁଁଥିଲା। ଯଦି ରୁଷିଆ ବାଖ୍‌ମୁଟ୍‌କୁ ଅକ୍ତିଆର କରିଥାଏ ଡୋନେସ୍କ କ୍ଷେତ୍ରର କ୍ରମାଟୋର୍ସ୍କ ଏବଂ ସ୍ଲୋଭିଆନ୍‌ସ୍କକୁ ଅକ୍ତିଆର କରିବା ଏହା ପାଇଁ ସହଜ ହେବ ବୋଲି କୁହାଯାଉଛି। 'ପିପୁଲ୍ସ ରିପବ୍ଲିକ୍ ଅଫ୍ ଡୋନେସ୍କର ସ୍ୱାଧୀନତା ପାଇଁ ଉଭୟକୁ ଦଖଲ କରିବା ଆବଶ୍ୟକ ବୋଲି ମସ୍କୋ କହିଆସୁଛି।


ବାଖ୍‌ମୁଟ୍‌ରେ ରୁଷିଆର ଘରୋଇ ସେନା ୱାଗନର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍।

**ମସ୍କୋର ଦାବିକୁ ଜେଲେନ୍‌ସ୍କିଙ୍କ ଖଣ୍ଡନ**


ଭୋଲୋଡିମିର ଜେଲେନ୍‌ସ୍କି

ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ

### ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ରାଷ୍ଟ୍ରପତି କରନ୍ତୁ: ରାହୁଲ

ନୂଆଦିଲ୍ଲୀ, ୨୧ା୫

ନୂଆ ପାର୍ଲାମେଣ୍ଟ ଭବନକୁ ପ୍ରଧାନମନ୍ତ୍ରୀ ନୁହନ୍ତି, ରାଷ୍ଟ୍ରପତି ଉଦ୍‌ଘାଟନ କରିବା ଆବଶ୍ୟକ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କହିଛନ୍ତି। ନବନିର୍ମିତ ପାର୍ଲାମେଣ୍ଟ ଭବନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ ତାରିଖରେ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଗୁରୁବାର ପ୍ରଧାନମନ୍ତ୍ରୀଙ୍କୁ ଭେଟି ଏଥିପାଇଁ ଆମନ୍ତ୍ରଣ କରିଥିଲେ। ପାର୍ଲାମେଣ୍ଟ ଭବନକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବା ଉଚିତ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ହିନ୍ଦୁତ୍ୱବାଦୀ ନେତା ବିନାୟକ ଦାମୋଦର ସାବରକରଙ୍କ ଜନ୍ମବାର୍ଷିକୀରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ଉଦ୍‌ଘାଟନ କରାଯାଉଥିବାରୁ ବିରୋଧୀ ଦଳଗୁଡ଼ିକ ଏହାର ସମାଲୋଚନା କରିଛନ୍ତି। ଦେଶର ପ୍ରତିଷ୍ଠାତାମାନଙ୍କ ପ୍ରତି ଏହା ଘୋର ଅପମାନ ବୋଲି କଂଗ୍ରେସ କହିଛି। ୨୦୨୦ ଡିସେମ୍ବର ୧୦ରେ ପ୍ରଧାନମନ୍ତ୍ରୀ ନୂଆ ବିଲ୍ଡିଂର ଶିଳାନ୍ୟାସ କରିଥିଲେ। ଏହାର ଲୋକ ସଭା ସଦନରେ ୮୮୮ ସଦସ୍ୟଙ୍କ ପାଇଁ ଆସନ ଥିବାବେଳେ ରାଜ୍ୟ ସଭା ଚାମ୍ବରରେ ୩୦୦ ଆସନ ରହିଛି। ଉଭୟ ଗୃହର ମିଳିତ ଅଧିବେଶନ ଲାଗି ଥିବା ଚାମ୍ବରରେ ମୋଟ ୧,୨୮୦ ସଦସ୍ୟ ବସିପାରିବେ।

# କଶ୍ମୀରରେ ୨୬/୧୧ ଭଳି ଆକ୍ରମଣ ଯୋଜନା

ଶ୍ରୀନଗର, ୨୧ା୫

**ଜି୨୦ ପ୍ରତିନିଧିଙ୍କ ରହଣି ସ୍ଥାନ ବଦଳିଲା**

ଜମ୍ମୁ-କଶ୍ମୀରରେ ସୋମବାର ଜି୨୦ ପର୍ଯ୍ୟଟନ କାର୍ଯ୍ୟକାରୀ ଗ୍ରୁପ୍ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ଜି୨୦ ପ୍ରତିନିଧିମାନେ ରହିବାକୁ ଥିବା ହୋଟେଲରେ ୨୬/୧୧ ଭଳି ଆତଙ୍କବାଦୀ ଆକ୍ରମଣ ଲାଗି ଯୋଜନା ହେଉଥିବାର ସୂଚନା ମିଳିବା ପରେ ଶେଷ ମୁହୂର୍ତ୍ତରେ ରହଣି ସ୍ଥାନକୁ ବଦଳାଇ ଦିଆଯାଇଛି। ଗୁଲ୍‌ମାର୍ଗରେ ଜି୨୦ ସମ୍ମିଳନୀ ବେଳେ ସନ୍ଦିଗ୍ଧ ଆତଙ୍କବାଦୀ ସଂଗଠନ ୨୬/୧୧ ଭଳି ଆକ୍ରମଣ ଲାଗି ଷଡ଼ଯନ୍ତ୍ର କରୁଥିବା ଜଣେ ଅଟକ ସହଯୋଗୀ ସୂଚନା ଦେବା ପରେ ଏଭଳି ପରିବର୍ତ୍ତନ କରାଯାଇଛି। ଜି୨୦ ବୈଠକ ସମ୍ପର୍କରେ ଗୁଜବ ପ୍ରଚାର ହେବା ଆଶଙ୍କା ଥିବାରୁ ସନ୍ଦେହଯୁକ୍ତ ଅନ୍ତର୍ଜାତୀୟ ମୋବାଇଲ ନମ୍ବର ପ୍ରତି ସାବଧାନ ରହିବାକୁ କଶ୍ମୀର ପୋଲିସ ଆଡ୍‌ଭାଇଜରି ଜାରି କରିଛି।

# ୪,୫୦୦ ବର୍ଷ ପୂର୍ବେ ହୋଇଥିଲା ପ୍ରଥମ ଅଧର ଚୁମ୍ବନ

**ମେସୋପଟାମିଆ ଶିଳାଚିତ୍ରରୁ ମିଳିଛି ପ୍ରମାଣ**

**ନୂଆଦିଲ୍ଲୀ, ୨୧ା୫:** ଆଜିକୁ ୪,୫୦୦ ବର୍ଷ ପୂର୍ବେ ବିଶ୍ୱର ପ୍ରଥମ ଅଧର ଚୁମ୍ବନ ମେସୋପଟାମିଆ ସମାଜରେ ହୋଇଥିଲା ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ପ୍ରାଚୀନ ମଧ୍ୟପ୍ରାଚ୍ୟର ଲୋକମାନେ ଲିପ୍ କିସିଂ କରୁଥିଲେ ବୋଲି ଗବେଷକମାନେ ଏକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୩,୫୦୦ ବର୍ଷ ପୂର୍ବେ ଦକ୍ଷିଣ ଏସିଆର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଲିପ୍ କିସିଂ ଆରମ୍ଭ ହୋଇଥିବାର ପ୍ରମାଣ ଥିବା ପୂର୍ବରୁ ଏକ ଗବେଷଣା ସିଦ୍ଧାନ୍ତରେ କୁହାଯାଇଥିଲା। ପରେ ଏହା ଅନ୍ୟ ଅଞ୍ଚଳକୁ ବ୍ୟାପିଥିଲା। ଏବେ କୋପେନ୍‌ହାଗେନ ୟୁନିଭର୍ସିଟି ଏବଂ ଅକ୍ସଫୋର୍ଡ୍ ୟୁନିଭର୍ସିଟିର ଗବେଷକମାନେ 'ସାଇନ୍ସ' ପତ୍ରିକାରେ ପ୍ରକାଶ କରିଥିବା ରିପୋର୍ଟ ଅନୁଯାୟୀ ପୁରାତନ ମେସୋପଟାମିଆ ସଭ୍ୟତାରେ ଅଧର ଚୁମ୍ବନ ପ୍ରଥା ଥିଲା, ଯାହାକି ୪,୫୦୦ ବର୍ଷ ତଳର। ମେସୋପଟାମିଆ ହେଉଛି ପ୍ରଥମ ମାନବ ସଭ୍ୟତା, ଯାହା ୟୁଫ୍ରେଟସ୍ ଏବଂ ଟାଇଗ୍ରିସ୍ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଗଢ଼ିଉଠିଥିଲା। ଉକ୍ତ ଅଞ୍ଚଳ ଏବେ ଇରାକ ଏବଂ ସିରିଆରେ ରହିଛି। ସେତେବେଳେ ଲୋକେ ମାଟି ସ୍ଲେଟ୍‌ରେ କ୍ୟୁନିଫର୍ମ ଲିପିରେ ଲେଖୁଥିଲେ।



# ଡେଟ୍ ସିଲିଂ ଆଲୋଚନା ସ୍ଥଗିତ

ୱାଶିଂଟନ୍/ହିରୋଶିମା, ୨୧ା୫

**ରିପବ୍ଲିକାନ୍‌ଙ୍କ ଖର୍ଚ୍ଚକାଟ ସର୍ତ୍ତ ଗ୍ରହଣଯୋଗ୍ୟ ନୁହେଁ: ବାଇଡେନ୍**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରବିବାର କହିଛନ୍ତି, ଡେଟ୍ ସିଲିଂ ସୀମା ବୃଦ୍ଧି ପାଇଁ ସରକାରଙ୍କ ପ୍ରସ୍ତାବ ଉପରେ ବିରୋଧୀ ରିପବ୍ଲିକାନ୍‌ଙ୍କ ଅଫର୍ ଗ୍ରହଣଯୋଗ୍ୟ ନୁହେଁ। ତେବେ ଡିଲ୍ ପାଇଁ ଖର୍ଚ୍ଚ କାଟ୍ ସହ ଟିକସ ଆଡ୍‌ଜଷ୍ଟମେଣ୍ଟ (ସମାଯୋଜନ) କରିବାକୁ ସେ ଆଗ୍ରହୀ। ଜାପାନରେ ଆୟୋଜିତ ଜି୭ ସମ୍ମିଳନୀରେ ଯୋଗଦେଇଥିବା ବାଇଡେନ୍ ହିରୋଶିମା ଛାଡ଼ିବା ପୂର୍ବରୁ ସେ ଆହୁରି କହିଛନ୍ତି, ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟ୍ ବାଇଡେନ୍ ଯେପରି ଜିତିପାରିବେ ନାହିଁ ସେଥିଲାଗି କଂଗ୍ରେସରେ କେତେଜଣ ରିପବ୍ଲିକାନ୍ ଆମେରିକାକୁ ଡେଟ୍‌ରେ ଖିଲାପକାରୀ ଭାବେ ଦେଖିବାକୁ ଚାହାନ୍ତି।

ଜୁନ୍ ୧ ସୁଦ୍ଧା ସରକାରୀ ବିଲ୍ ପଇଠ ଏବଂ ଷ୍ଟାଫଙ୍କୁ ଦରମା ଓ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନ୍‌ସନ ଦେବା ପାଇଁ ପାଣ୍ଠି ଶେଷ ହେବା ଅବସ୍ଥାକୁ ଚାଲିଆସିଛି। ଏହାକୁ ଦେଖି ଅର୍ଥନୀତିଜ୍ଞମାନେ ମାନ୍ଦାବସ୍ଥା ମାଡ଼ିଆସିବା ଆଶଙ୍କା କରିଛନ୍ତି। ତେଣୁ ବାଇଡେନ୍ ରବିବାର ହିରୋଶିମାରୁ ୱାଶିଂଟନ୍ ଫେରିବା ପୂର୍ବରୁ ଏକ ସହମତିରେ ପହଞ୍ଚିବା ଲାଗି ଉଦ୍ୟମ କରିଥିଲେ। ହ୍ୱାଇଟ୍ ହାଉସ୍ ଅଧିକାରୀ ଓ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ମଧ୍ୟସ୍ଥଙ୍କ ମଧ୍ୟରେ ହୋଇଥିବା ଆଲୋଚନାରୁ କିଛି ନିଷ୍କର୍ଷ ବାହାରିପାରି ନାହିଁ। ଜୁନ୍ ୧ ଡେଡ୍‌ଲାଇନ୍‌କୁ ଦୁଇସପ୍ତାହରୁ କମ୍ ସମୟ ଥିବାବେଳେ ସଂଘୀୟ ସରକାର ଏହାର ସମସ୍ତ ଡେଟ୍ ପଇଠ କରିପାରିବ ନାହିଁ ବୋଲି ରବିବାର ଟ୍ରେଜେରି ବିଭାଗ ସତର୍କ କରାଇଛି। ଏପରି ହେଲେ ଦେଶର ଆର୍ଥିକ ବଜାରରେ ଅରାଜକତା ସୃଷ୍ଟି ହେବା ସହ ସୁଧହାର ମଧ ବୃଦ୍ଧି ପାଇବ। ଏନେଇ ବାଇଡେନ୍ କହିଛନ୍ତି, ସେ ହାଉସ୍ ସ୍ପିକର କେଭିନ୍ ମ୍ୟାକ୍‌କାର୍ଥିଙ୍କ ସହ ଖୁବ୍‌ଶୀଘ୍ର ଆଲୋଚନା କରିବେ। ରିପବ୍ଲିକାନ୍ ମ୍ୟାକ୍‌କାର୍ଥି ତାଙ୍କ ସହ ଏନେଇ ପ୍ରତ୍ୟକ୍ଷ ଆଲୋଚନା ପାଇଁ ଅପେକ୍ଷା କରିଥିବେ ବୋଲି ଆଶା। ମ୍ୟାକ୍‌କାର୍ଥି ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ରବିବାର ସକାଳେ ବାଇଡେନ୍‌ଙ୍କ ସହ ସେ ଆଲୋଚନା କରିପାରନ୍ତି। ତେବେ ଅସୁବିଧା ହେଉଛି ବର୍ତ୍ତମାନ ସୁଦ୍ଧା କୌଣସି ପ୍ରସଙ୍ଗରେ ସହମତି ହୋଇନାହିଁ। ପ୍ରକାଶ ଯେ, ଆମେରିକାର ଆସନ୍ନ ଆର୍ଥିକ ଦୁର୍ଗତିକୁ ଏଡ଼ାଇବା ପାଇଁ ସଂଘୀୟ ସରକାର ୩୧.୪ ଟ୍ରିଲିୟନ୍ ଡଲାର ଡେଟ୍ ସିଲିଂର ସୀମା ବୃଦ୍ଧି କରିବାକୁ ଚାହୁଁଛନ୍ତି। ବାଇଡେନ୍ ଏବଂ ପ୍ରତିନିଧି ସଭା ବାଚସ୍ପତିଙ୍କ ମଧ୍ୟରେ ମାସେ ଧରି ମୁହାଁମୁହିଁ ସ୍ଥିତି ଲାଗିରହିବା ପରେ ଉଭୟେ ପ୍ରତ୍ୟକ୍ଷ ଭାବେ ଏକ ଡିଲ୍ ପାଇଁ ଆଲୋଚନା କରିବାକୁ ମଙ୍ଗଳବାର ରାଜି ହୋଇଥିଲେ। ସରକାରୀ ରାଜକୋଷ ଖାଲି ହେବାକୁ ବସିଥିବାବେଳେ କଂଗ୍ରେସର ଉଭୟ ସଦନରେ ଜୁନ୍ ୧ ଡେଡ୍‌ଲାଇନ୍ ପୂର୍ବରୁ ଯଥାଶୀଘ୍ର ସମ୍ଭବ ଏକ ଚୁକ୍ତିନାମା ଉପରେ ସହମତି ପ୍ରକାଶ କରି ତାକୁ ଗୃହୀତ କରାଇବାକୁ ପଡ଼ିବ। କିଛି ବିକଳ୍ପ ନ ଥିବାରୁ ଆମେ ଏକାଠି ହେବାକୁ ଯାଉଛୁ ବୋଲି ହିରୋଶିମା ଗସ୍ତ ପୂର୍ବରୁ ବାଇଡେନ୍ ହ୍ୱାଇଟ୍ ହାଉସ୍‌ରେ ଖବରଦାତାମାନଙ୍କୁ କହିଥିଲେ।


ଜୋ ବାଇଡେନ୍

# ମୁଁ ନଡ୍ଡାଙ୍କ ପିଏ, ଟଙ୍କା ଦେଲେ ତୁମକୁ ମନ୍ତ୍ରୀ କରାଇଦେବି

ନାଗପୁର, ୨୧ା୫

**ଗୁଜରାଟର ଆଉ ଜଣେ ମହାଠକ ଗିରଫ**

ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ(ପିଏମ୍‌ଓ)ର ଅତିରିକ୍ତ ନିର୍ଦ୍ଦେଶକ ପରିଚୟ ଦେଇ ଲୋକଙ୍କୁ ଠକିବା ଅଭିଯୋଗରେ କିଛି ଦିନ ତଳେ ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଗୁଜରାଟର ମହାଠକ କିରନ୍ ପଟେଲ ଧରାପଡ଼ିଥିବାବେଳେ ତାଙ୍କ ଭଳି ଆଉ ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗୁଜରାଟର ଅହମଦାବାଦ ଜିଲା ମୋର୍‌ବି ବାସିନ୍ଦା ନୀରଜ ସିଂ ରାଠୋରଙ୍କୁ ମହାରାଷ୍ଟ୍ରର ନାଗପୁର ପୋଲିସ ଗିରଫ କରିଛି। ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ କ୍ୟାବିନେଟରେ ମନ୍ତ୍ରୀ କରାଇବା ପ୍ରତିଶ୍ରୁତି ଦେଇ ୩ ଭାଜପା ବିଧାୟକଙ୍କଠାରୁ ବେଆଇନ ଭାବେ ଟଙ୍କା ନେଇଥିବା ପୋଲିସ କହିଛି। କେବଳ ଏତିକି ନୁହେଁ, ନୀରଜ ବିଭିନ୍ନ ରାଜ୍ୟର ୨୮ ବିଧାୟକଙ୍କ ସହ ଯୋଗସୂତ୍ରରେ ଥିଲେ। ନାଗପୁର ପୋଲିସର କହିବା ହେଲା, ଗତ ୩ ମାସ ମଧ୍ୟରେ ମହାଠକ ନୀରଜ ନିଜକୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ବ୍ୟକ୍ତିଗତ ସହାୟକ (ପିଏ) ପରିଚୟ ଦେଇ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ହରିୟାଣା, ଝାଡ଼ଖଣ୍ଡ ଓ ଦିଲ୍ଲୀର ୨୮ ବିଧାୟକଙ୍କୁ ମନ୍ତ୍ରୀ କରାଇବା ପ୍ରତିଶ୍ରୁତି ଦେଇ ସେମାନଙ୍କଠାରୁ ବିପୁଳ ଅର୍ଥ ଲୁଟିଥିଲେ। ଏପରି କି ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କୌଣସି ପ୍ରକାରେ ମନ୍ତ୍ରୀ କରାଇବାରେ ସକ୍ଷମ ହୋଇଥିଲେ। ଗତବର୍ଷ ଦିଲ୍ଲୀର ଜଣେ ଭାଜପା ବିଧାୟକଙ୍କୁ କେନ୍ଦ୍ରର ଗୃହ ନିର୍ମାଣ ସ୍କିମ୍ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଦାୟିତ୍ୱ ପ୍ରଦାନ ପ୍ରତିଶ୍ରୁତି ଦେଇଥିଲେ। ସମ୍ପୃକ୍ତ ବିଧାୟକଙ୍କ ଅଭିଯୋଗକ୍ରମେ ଦିଲ୍ଲୀ ପୋଲିସ ନୀରଜଙ୍କୁ ଗିରଫ କରିଥିଲା। ଗତ ଜାନୁୟାରୀରେ ସେ ଜାମିନରେ ଆସିଥିଲେ। ନୀରଜଙ୍କ ବିରୋଧରେ ଆଇପିସି ଦଫା ୪୧୯ (ମିଥ୍ୟା ପରିଚୟ ଦେଇ ଠକିବା), ୪୨୦ (ଠକେଇ), ୧୨୦-ବି (ଆପରାଧିକ ଷଡ଼ଯନ୍ତ୍ର) ଏବଂ ୫୧୧ (ଅପରାଧ ଘଟାଇବା ଉଦ୍ୟମ ପାଇଁ ଆଜୀବନ କାରାଦଣ୍ଡାଦେଶ) ବଳରେ ମାମଲା ରୁଜୁ ହୋଇଛି। ନୀରଜଙ୍କ ଘର ନିକଟସ୍ଥ ଏକ ମୋବାଇଲ୍ ଦୋକାନର ମାଲିକ ତାଙ୍କ ତରଫରୁ ଅନ୍‌ଲାଇନ୍‌ରେ ବିଧାୟକମାନଙ୍କଠାରୁ ଟଙ୍କା ଗ୍ରହଣ କରୁଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।


ନୀରଜ ସିଂ ରାଠୋର




ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମେ ୨୨/୨୦୨୩ | Bhubaneswar, Monday, May 22/2023


# ଗୋଲାପି ପର୍ଦ୍ଦା

ଭାରତବର୍ଷରେ ଚାହିଦାଠାରୁ ଅଧିକ ରାଜନୈତିକ ଦଳ ଗଢ଼ିଉଠୁଛନ୍ତି ବୋଲି ଅନେକ ଦିନରୁ ଶୁଣୁଛୁ। ଏବେ ସେହି ପରିସ୍ଥିତିରେ କୌଣସି ପରିବର୍ତ୍ତନ ଆସି ନାହିଁ। ଅନ୍ୟପଟେ ସାଧାରଣ ଲୋକଙ୍କୁ ଆକର୍ଷିତ କରିବା ପାଇଁ ମାଗଣାରେ ଅନେକ ସୁବିଧା ଯୋଗାଇଦେବାର ପ୍ରତିଶ୍ରୁତି ସବୁଦଳରୁ ଦେଖିବାକୁ ମିଳୁଛି। ଏହା ଯେତିକି ମାରାତ୍ମକ ନୁହେଁ, ତାହାଠାରୁ କାହିଁ ଅଧିକ ବିପଜ୍ଜନକ ହେଉଛି ପ୍ରାୟ ଅଧିକାଂଶ ଦଳ ଏବେ ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ଏକପ୍ରକାର ନୀତି ପ୍ରଚଳନ କରିବାରେ ଲାଗିପଡ଼ିଛନ୍ତି। ସମସ୍ତେ ଭାବୁଥିଲେ ଭାରତୀୟ ଜନତା ପାର୍ଟି (ଭାଜପା)ର ପୁରୁଷପ୍ରାଧାନ୍ୟ ରାଜନୀତି ସହିତ ହିନ୍ଦୁତ୍ୱ ମିଶିଗଲେ ଭାରତକୁ ସବୁବେଳେ କବ୍‌ଜା କରି ରଖିବା ସହଜ ହେବ। ଏବେ ସେହି ଦୌଡ଼ରେ ଅନ୍ୟ ଦଳ ସାମିଲ ହେବାକୁ ପଛାଉ ନାହାନ୍ତି। ଦିଲ୍ଲୀରେ ଶାସନ କରୁଥିବା ଅରବିନ୍ଦ କେଜରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ଉଦାହରଣ ଭାବେ ଦେଖାଯାଉ। ଚିନ୍ତା କରାଯାଉଥିଲା ଯେ ଏହି ଦଳ ଆଧୁନିକ ଚିନ୍ତାଧାରା ସହିତ ଉଦାର ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେବ। ଏବେ ଦେଖାଯାଉଛି ତାହା ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା ଥିଲା। ନିକଟ ଅତୀତରେ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ଏକ ନୂଆ କାର୍ଯ୍ୟକ୍ରମ ହାତେଇଛି। ଦିଲ୍ଲୀ ସହରରେ ଥିବା ପ୍ରାୟ ୨୫୦ ୱାର୍ଡରେ ମହିଳାମାନଙ୍କ ପାଇଁ 'ସ୍ୱତନ୍ତ୍ର ପିଙ୍କ୍ ପାର୍କ' ବା ଗୋଲାପି ପ୍ରମୋଦ ଉଦ୍ୟାନ କରାଯିବ ବୋଲି ଘୋଷଣା କରାଯାଇଛି। ଏକ ସମୟରେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ତରଫରୁ ଘୋଷଣା କରାଯାଇଛି ଯେ, ମହିଳାଙ୍କ ସୁରକ୍ଷା ସକାଶେ ଭୂତଳ ରେଳ ଗାଡ଼ିଗୁଡ଼ିକରେ ଅଧିକ ସାଦା ପୋଷାକଧାରୀ ପୋଲିସ ନିୟୋଜିତ ହେବେ।

ଉପରଠାଉରିଆ ଭାବେ ଦେଖିଲେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ପାର୍କ, ଯେଉଁଥିରେ ପୁରୁଷଙ୍କ ପ୍ରବେଶ ନିଷିଦ୍ଧ ହେବ ଏବଂ ମେଟ୍ରୋରେ ଅଧିକ ପୋଲିସ ରହିବା ଘୋଷଣା ମହିଳାଙ୍କ ସୁରକ୍ଷା ଦିଗରୁ ସ୍ୱାଗତଯୋଗ୍ୟ। ଏହି ଘୋଷଣା ପାଇଁ ହୁଏତ ବିଭିନ୍ନ ମହଲରୁ ପ୍ରଶଂସାର ସ୍ରୋତ ବୋହିବ। କିନ୍ତୁ ଏଭଳି ପଦକ୍ଷେପ ଏକ ବିପଦ ଆଡିକି ଟାଣି ନେଉଛି ବୋଲି ଏବେ ବୁଝିବା କଷ୍ଟକର। ବିଶେଷକରି ଦିଲ୍ଲୀରେ ମହିଳାମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଓ ଅତ୍ୟାଚାରର କାହାଣୀ ଦେଶ ବିଦେଶର ଗଣମାଧ୍ୟମରେ ସବୁବେଳେ ପ୍ରକାଶ ପାଇଆସୁଛି। ଏହା ଆରମ୍ଭ ହୋଇଥିଲା ନିର୍ଭୟା ଘଟଣାରୁ, ଆଜି ମଧ୍ୟ ତାହା ହ୍ରାସ ପାଉନାହିଁ।

**ତଥାଗତ ସତପଥୀ**

ଏଭଳି ପଦକ୍ଷେପ ପଛରେ ଥିବା ଚିନ୍ତାଧାରା କାହିଁକି ବିପଦ ସୃଷ୍ଟି କରିବ ତା' ସମ୍ପର୍କରେ ଭାବିବା ଦରକାର। ମହିଳାମାନେ ଘରୁ ବାହାରକୁ ବାହାରିଲେ କେବଳ ପାର୍କରେ ଯାଇ ବସନ୍ତି ନାହିଁ। ସ୍କୁଲ, କଲେଜ, କାର୍ଯ୍ୟାଳୟଠାରୁ ଆରମ୍ଭ କରି ଟ୍ରେନ, ବସ୍, ହସ୍ପିଟାଲ ଓ ହୋଟେଲ ଇତ୍ୟାଦିରେ ମହିଳାଙ୍କ ଉପସ୍ଥିତି ପରିଲକ୍ଷିତ ହୋଇଥାଏ। ଯେତେବେଳେ ସୁରକ୍ଷା ନାମରେ କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ମହିଳାଙ୍କୁ ଆବଦ୍ଧ କରି ରଖିବାର ଚିନ୍ତାଧାରା ସୃଷ୍ଟି ହେବ, ତାହା ନିଶ୍ଚିତ ଭାବେ ଅତ୍ୟନ୍ତ ପଶ୍ଚାତପଦ ଭାବନା ବୋଲି କହିହେବ। ଫଳରେ ମହିଳାଙ୍କ ସ୍ୱାଧୀନତା ଉପରେ ଆଞ୍ଚ ଆସିବ। ଏମିତି ବି ହୋଇପାରେ ଯେ ପିଙ୍କ୍ ପାର୍କ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ମହିଳାଙ୍କୁ ଦେଖିଲେ କେହି ପ୍ରଶ୍ନ କରିପାରନ୍ତି ଯେ ପୁରୁଷଙ୍କ ପାର୍କରେ କାହିଁକି ଜଣେ ମହିଳା ଉପସ୍ଥିତ ଅଛନ୍ତି। ଏଠାରେ ଆଫଗାନିସ୍ତାନର ତାଲିବାନ ନୀତିକୁ ଦେଖାଯାଉ। ୧୫ ଅଗଷ୍ଟ ୨୦୨୧ଠାରୁ ଆଫଗାନିସ୍ତାନ ଉପରେ ଶାସନ କରିଆସୁଥିବା ତାଲିବାନ ସବୁ କଥାରେ ମୁସଲମାନଙ୍କ ଶାରିଆ ଆଇନକୁ ପ୍ରୟୋଗ କରୁଛି। ଘର ବାହାରକୁ ଜଣେ ମହିଳା ପାଦ ରଖିବା ମାତ୍ରକେ ସେ ପର୍ଦ୍ଦା ବ୍ୟବସ୍ଥାରେ ଯାତାୟାତ କରିବାକୁ ବାଧ୍ୟ। କୌଣସି ମହିଳା ଏକୁଟିଆ ଘର ବାହାରକୁ ବାହାରିପାରିବେ ନାହିଁ। ଜଣେ ମହିଳାଙ୍କ ସହିତ ବାଧ୍ୟତାମୂଳକ ଭାବେ ପରିବାରର ଜଣେ ପୁରୁଷ ଯିବାକୁ ପଡୁଛି। କଚେରିରେ ଉଭୟ ବିଚାରପତି ଏବଂ ଓକିଲାତି କରୁଥିବା ମହିଳାମାନେ ତାଙ୍କ ପେସା ହରାଇ ସାରିଲେଣି। ଦୀର୍ଘ ଦିନ ଧରି ଝିଅପିଲାଙ୍କ ପାଠପଢ଼ାକୁ ବନ୍ଦ କରିଦିଆଯାଇଛି। ଏହିଭଳି ଆହୁରି ଅନେକ କଠୋର ପଦକ୍ଷେପ ଆଫଗାନିସ୍ତାନରେ ନିଆଯାଇଛି ଏବଂ ଏହିସବୁର ଏକମାତ୍ର ଆଳ ହେଉଛି ମହିଳାଙ୍କ ସୁରକ୍ଷା।

ଭାରତରେ ଆମେ ମୁସଲମାନ ଆଇନକୁ ନାପସନ୍ଦ କରି ଭାବିଥିଲୁ ହିନ୍ଦୁ ଧର୍ମର ଉଦାରତା ଅଧିକ ଗୁରୁତ୍ୱ ପାଇବ। ଏବେ ଦେଖାଯାଉଛି ହିନ୍ଦୁ ଧର୍ମ ମଧ୍ୟରୁ ଉପୁଜିଥିବା ମୌଳ ହିନ୍ଦୁତ୍ୱବାଦୀ ଚିନ୍ତାଧାରା କୌଣସି ଭାବେ ଶାରିଆ ଆଇନଠାରୁ ଭିନ୍ନ ନୁହେଁ। ବିଶେଷକରି ମହିଳାଙ୍କ ସମ୍ପର୍କରେ ଉଭୟ ଚିନ୍ତାଧାରାର ଆଭିମୁଖ୍ୟ ପ୍ରାୟତଃ ଏକପ୍ରକାର ରହୁଛି। ଆଜି ମହିଳାଙ୍କ ପାଇଁ ଭିନ୍ନ ପାର୍କ ସୃଷ୍ଟି କଲେ, କାଲି ସ୍କୁଲ, କଲେଜ ଓ କାର୍ଯ୍ୟସ୍ଥଳୀରେ ମହିଳାଙ୍କ ସୁରକ୍ଷା ନାମରେ ସେମାନଙ୍କୁ ନିଶ୍ଚିତ ଭାବେ ଅଲଗା କରାଯିବ। କ୍ରମଶଃ ଏହା ଏକପ୍ରକାର ଗୋଲାପି ପର୍ଦ୍ଦା ଆଡ଼କୁ ଭାରତୀୟ ସମାଜକୁ ମୁହାଁଇ ନେଉଥିବା ଭଳି ମନେହେଉଛି।

ସେହିଭଳି ମେଟ୍ରୋରେ ଅଧିକ ପୋଲିସ ମୁତୟନ ହେବେ ବୋଲି ଶୁଣି ଆମେ ସମସ୍ତେ ଖୁସି ହୋଇପାରୁ। କିନ୍ତୁ ଧୈର୍ଯ୍ୟର ସହିତ ଚିନ୍ତା କଲେ ସ୍ପଷ୍ଟ ବୁଝାପଡୁଛି ଯେ, ଭାରତର କୌଣସି ପୋଲିସ ବଳ କେବେହେଲେ ଅସହାୟଙ୍କୁ ସାହାଯ୍ୟ କରେ ନାହିଁ। ଯଦି କୌଣସି ଯୁବକ ଜଣେ ଯୁବତୀଙ୍କୁ ହଇରାଣ କରୁଥିବାର ଦେଖାଯାଏ, ତେବେ ପୋଲିସ ସାହାଯ୍ୟ କରିବା ପରିବର୍ତ୍ତେ ସେହି ଯୁବତୀ କିଛି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରିଥିବେ ବୋଲି ଧରିନିଅନ୍ତି। ଏଭଳି ମାନସିକତାରେ ଦିଲ୍ଲୀ ପୋଲିସ କୌଣସି ଭାବେ ଊଣା ନୁହେଁ।

ମହିଳାଙ୍କୁ ଭିନ୍ନ ସ୍ଥାନରେ କଣ୍ଟାବାଡ଼ ପକାଇ ଅଲଗା ରଖିଲେ ତାହା କେବେହେଲେ ତାଙ୍କୁ ସୁରକ୍ଷା ଦେବ ବୋଲି କୁହାଯାଇ ପାରିବ ନାହିଁ। ସେଭଳି ପଦକ୍ଷେପ କେବଳ ପ୍ରମାଣ କରୁଛି ଯେ, ପ୍ରଶାସନ ଏବଂ ଆଇନ ଶୃଙ୍ଖଳା ବ୍ୟବସ୍ଥା ନିଜର ଦାୟିତ୍ୱ ପୂରଣ କରିବାରେ ଅସମର୍ଥ ହେଉଥିବାରୁ ଏଭଳି ନୀତି ପ୍ରଣୟନ ହେଉଛି। ମହିଳାଙ୍କୁ ସୁରକ୍ଷା ନାମରେ ବନ୍ଦୀ କରିଦେଲେ ଭବିଷ୍ୟତର ଭାରତୀୟ ସମାଜ ଆହୁରି ଅଧିକ ବିକୃତ ହୋଇଯିବ। ସେଥିପାଇଁ ମହିଳାଙ୍କୁ ବନ୍ଦୀ କରିବା ପରିବର୍ତ୍ତେ ପୁରୁଷଙ୍କୁ ପିଲାଦିନରୁ ଶିକ୍ଷା ବ୍ୟବସ୍ଥାରେ ମହିଳାଙ୍କୁ ସମ୍ମାନ ଦେବାର ଶିଖାଯିବା ଦରକାର। ପୋଲିସକୁ ବ୍ୟବହାର କରି ମହିଳାଙ୍କ ସମ୍ମାନ ସୁରକ୍ଷିତ ରଖିବାର ପ୍ରଚେଷ୍ଟା ଭାରତୀୟ ସମାଜକୁ ତାଲିବାନୀ କରିଦେବାର ସବୁ ସଙ୍କେତ ମିଳୁଛି।

**ଉଭେଇଗଲା ଛାଇ**



ଭୁବନେଶ୍ୱରରେ ଶୂନ୍ୟ ଛାୟା ଦିବସ: ରବିବାର ପ୍ଲାନେଟୋରିୟମ ପରିସରରେ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ମାନବଶୃଙ୍ଖଳ ମାଧ୍ୟମରେ ଶୂନ୍ୟ ଛାୟା ସମ୍ପର୍କରେ ବୁଝାଉଛନ୍ତି।

# କାଳବୈଶାଖୀରୁ ଅଟକିଲା ବନ୍ଦେ ଭାରତ ଏକ୍ସପ୍ରେସ୍

## ଗଛ ପଡ଼ି ଟ୍ରେନ୍‌ରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ

**ଯାଜପୁର ଅଫିସ/ ଭଣ୍ଡାରିପୋଖରୀ(ସ୍ୱ.ପ୍ର.), ୨୧।୫**

କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ବର୍ଷା ଓ ପବନ ଯୋଗୁ ରବିବାର ଅପରାହ୍ନରେ ପୁରୀରୁ ହାୱଡ଼ା ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍(ନଂ. ୨୨୮୯୬) ଭଦ୍ରକ ଜିଲା ମଞ୍ଜୁରୀରୋଡ୍ ଷ୍ଟେଶନ ନିକଟରେ ଅଟକି ରହିଛି। ଏକ ଗଛ ପଡ଼ି ଟ୍ରେନ୍‌ର ସାମ୍ନା କାଚ କ୍ଷତିଗ୍ରସ୍ତ ହେବା ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇପଡ଼ିଛି।

ସୂଚନା ଅନୁଯାୟୀ ଅପରାହ୍ନ ୪ଟା ୩୦ମିନିଟରେ ଟ୍ରେନ୍‌ଟି ଯାଜପୁରରୋଡ୍ ଷ୍ଟେଶନ ଛାଡ଼ିଥିବାବେଳେ ୪ଟା ୪୩ ମିନିଟରେ ଦୁଲାଖାପାଟଣା ଷ୍ଟେଶନ ପାର ହୋଇଥିଲା। ଏହାପରେ ବୈତରଣୀ ପୋଲ ଅତିକ୍ରମ କରି ମଞ୍ଜୁରୀରୋଡ ଷ୍ଟେଶନ ପାର ହେବା ପୂର୍ବରୁ ହଠାତ୍ ଟ୍ରେନ୍‌କୁ ବିଦ୍ୟୁତ୍ ସଂଯୋଗ ବନ୍ଦ ହୋଇଯାଇଥିଲା। ଏହାପରେ ଟ୍ରେନ୍‌ଟି ଖପୁରିଆପଦା ଗାଁ ଦେଇ ଯାଇଥିବା ରେଳଧାରଣା ଉପରେ ଅଟକି ଯାଇଥିଲା। ଗଛ ମାଡ଼ ହେବା ଯୋଗୁ ଟ୍ରେନ୍‌ର ଲୋକୋ ପାଇଲଟ୍ କ୍ୟାବିନ୍ ସାଙ୍ଗକୁ କେତେକ ବଗି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଏଭଳି ସ୍ଥିତିରେ ଶତାଧିକ ଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଇ ରେଳଧାରଣା ଉପରେ ବୁଲୁଥିବା ଦେଖିବାକୁ ମିଳିଛି। ପୂର୍ବତଟ ରେଳପଥର ବିଦ୍ୟୁତ ସେକ୍ସନ୍ ଯନ୍ତ୍ରୀମାନେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଜାରି ରଖିଛନ୍ତି। ରାତି ହୋଇଯାଇଥିବାରୁ ମରାମତି କାର୍ଯ୍ୟ ବିଳମ୍ବ ହେଉଥିବାବେଳେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାତି ୮ଟା ୨୦ ମିନିଟ ଯାଏ ଟ୍ରେନ୍‌ଟି ଅଟକି ରହିଥିଲା।



ଅଟକି ରହିଥିବା ବନ୍ଦେ ଭାରତ ଏକ୍ସପ୍ରେସ୍।

# ମହୁମାଛି ଆକ୍ରମଣରେ ସରପଞ୍ଚଙ୍କ ମୃତ୍ୟୁ

**ଜଗନ୍ନାଥପ୍ରସାଦ, ୨୧।୫(ଡି.ଏନ.ଏ.)**

ମହୁମାଛି ଆକ୍ରମଣରେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ କୁଡୁତାଇ ପଞ୍ଚାୟତ ସରପଞ୍ଚ ସନତ କୁମାର ପ୍ରଧାନଙ୍କ ମୃତ୍ୟୁ ଘଟିଛି। ଶନିବାର ସେ ଟ୍ରାକ୍ଟର ଯୋଗେ ନିଜ ଜମିରେ ଚାଷ କାର୍ଯ୍ୟ କରୁଥିଲେ। ଏହି ସମୟରେ ମାଟିତଳୁ ବହୁ ସଂଖ୍ୟାରେ ମହୁମାଛି ବାହାରି ସରପଞ୍ଚ ଓ ନିକଟରେ ଥିବା କେତେଜଣ ଯୁବକଙ୍କୁ ଆକ୍ରମଣ କରିଥିଲେ। ପ୍ରାଣ ବିକଳରେ ସରପଞ୍ଚ ଦୌଡ଼ି ଦୌଡ଼ି ନିକଟ ଗାଁକୁ ଯିବା ପରେ ସେଠାରେ କେତେଜଣ ଲୋକେ ତାଙ୍କୁ ଏକ ପାଲ ଘୋଡ଼ାଇ ଦେଇଥିଲେ। କିଛି ସମୟ ରହିବା ପରେ ମହୁମାଛି ପଲ ଛାଡି ଚାଲିଯାଇଥିଲେ। ଏହାପରେ ଗ୍ରାମବାସୀ ସରପଞ୍ଚଙ୍କୁ ଉଦ୍ଧାର କରି ପ୍ରଥମେ ଭଞ୍ଜନଗର ମେଡିକାଲକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ୧ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ମୃତଦେହ ଗ୍ରାମରେ ପହଞ୍ଚିଛି।



ସରପଞ୍ଚ ସନତ କୁମାର ପ୍ରଧାନ।

# ୬ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର

**ଢେଙ୍କାନାଳ ଅଫିସ, ୨୧।୫**

ଢେଙ୍କାନାଳ ଜିଲା ଗଁଦିଆ ଥାନା ବଣିଆପଡ଼ା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ୮ବର୍ଷର ଭାଇ ସମ୍ମୁଖରୁ ୬ବର୍ଷର ଭଉଣୀଙ୍କୁ ବଳପୂର୍ବକ ଉଠାଇ ନେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଗୌତମ ଦାସ (୨୫)ଙ୍କୁ ରବିବାର ପୋଲିସ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ଆଦିବାସୀ ସମ୍ପ୍ରଦାୟର ସମ୍ପୃକ୍ତ ଭଉଣୀଭାଇ ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ଗୌତମ ଶିଶୁକନ୍ୟାଙ୍କୁ ଜୋରଜବରଦସ୍ତ ଉଠାଇନେଇ ଏକ ବୁଦାମୂଳରେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ସେମାନେ ଘର ଲୋକଙ୍କୁ କହିବା ପରେ ଘଟଣା ପଦାକୁ ଆସିଥିଲା। ପରିବାର ସଦସ୍ୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୪୮/୨୩ରେ ଏକ ମାମଲା ରୁଜୁ କରିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ଗୌତମଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସତ୍ୟବ୍ରତ ଭୂଞିଆ ସୂଚନା ଦେଇଛନ୍ତି।

# ଏଣିକି ଏକା ବେଞ୍ଚରେ ସମାନ ମାମଲାର ଜାମିନ ଆବେଦନ

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା

**କଟକ ଅଫିସ, ୨୧।୫**

ସୁପ୍ରିମକୋର୍ଟଙ୍କ ଗତ ୧୫ ତାରିଖର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶା ହାଇକୋର୍ଟ ଜାମିନ ଆବେଦନ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହାଇକୋର୍ଟରେ ବିଚାରାଧୀନ କିମ୍ବା ଫଇସଲା ହୋଇଥିବା ମାମଲାରେ ନିୟମିତ ବା ଆଗୁଆ ଜାମିନ ଆବେଦନ ଏକା ବେଞ୍ଚରେ ବା ଗୋଟିଏ ବିଚାରପତିଙ୍କ ନିକଟରେ ତାଲିକାଭୁକ୍ତ ହେବା ପାଇଁ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତି ଅନୁସାରେ ସମସ୍ତ ସିଆର୍‌ପିସି ୪୩୮ ଏବଂ ୪୩୯ ସମ୍ବଳିତ ମାମଲାକୁ ପୂର୍ବରୁ ଫଇସଲା କରିଥିବା ବିଚାରପତିଙ୍କ ପାଖରେ ଜାମିନ ଆବେଦନ ତାଲିକାଭୁକ୍ତ ହେବ। ଯଦି ସମ୍ପୃକ୍ତ ମାମଲାର ବିଚାରପତି ଅନ୍ୟତ୍ର ବଦଳି ହୋଇଥାନ୍ତି ବା ଅବସର ଗ୍ରହଣ କରିଥାନ୍ତି, ତେବେ ପରବର୍ତ୍ତୀ ସମୟରେ ସେହି ଏକା ମାମଲାର ବିଚାର କରିଥିବା ବିଚାରପତିଙ୍କ ନିକଟରେ ଜାମିନ ଆବେଦନ ତାଲିକାଭୁକ୍ତ ହେବ। ଯଦି ଉକ୍ତ ମାମଲା ପରବର୍ତ୍ତୀ ସମୟରେ ଅନ୍ୟ କୌଣସି ବିଚାରପତିଙ୍କ ନିକଟକୁ ଯାଇ ନ ଥିବ ରୋଷ୍ଟର ଅନୁସାରେ ହାଇକୋର୍ଟର ନିୟମିତ ବେଞ୍ଚରେ ଜାମିନ ଆବେଦନ ତାଲିକାଭୁକ୍ତ ହେବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୁପ୍ରିମକୋର୍ଟରେ ପ୍ରଧାନୀ ଜାନି ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଫୌଜଦାରୀ ମାମଲା ୧୫୦୩/୨୦୨୩ର ବିଚାର କରି ଦେଇଥିବା ନିର୍ଦ୍ଦେଶ ଆଧାରରେ ଓଡ଼ିଶା ହାଇକୋର୍ଟ ଏହି ନିଷ୍ପତ୍ତି ନେଇଥିବା ରବିବାର ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ମହିଳା ଏଏସ୍‌ଆଇଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

**ବ୍ରହ୍ମପୁର ଅଫିସ, ୨୧।୫**

ଜଣେ ମହିଳା ଏଏସ୍‌ଆଇଙ୍କୁ ନିର୍ଯାତନା ଦେବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ ଅଭିଯୋଗରେ ବଡ଼ବଜାର ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଶ୍ରୀରାମନଗର ତୃତୀୟ ଲାଇନର ରମେଶ ଚନ୍ଦ୍ର ସାହୁ (୪୭)। ମାମଲା ନମ୍ବର ୧୬୬/୨୩ରେ ଅଭିଯୁକ୍ତ ରମେଶଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଆଜକୁ ୨୦ବର୍ଷ ତଳେ ରମେଶ ଚନ୍ଦ୍ର ସାହୁ ଜ୍ୟୋତ୍ସ୍ନା ସାହୁଙ୍କୁ ବିବାହ କରିଥିଲେ। ଜ୍ୟୋତ୍ସ୍ନା ବର୍ତ୍ତମାନ ପୋଲସରା ଥାନାରେ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଥିବା ବେଳେ ସ୍ୱାମୀ ରମେଶ ବ୍ୟବସାୟ କରନ୍ତି। ସେମାନଙ୍କର ୧୭ ବର୍ଷର ଏକ ଝିଅ ରହିଥିବା ବେଳେ ୧୪ ବର୍ଷର ଏକ ପୁଅ ଅଛନ୍ତି। ଜ୍ୟୋତ୍ସ୍ନାଙ୍କୁ ତାଙ୍କ ସ୍ୱାମୀ ବିଭିନ୍ନ କାରଣରୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ସେ ଏହାକୁ ଘରୋଇ କଥା ଭାବି ସହ୍ୟ କରି ଆସୁଥିଲେ। ଗତ ଦୁଇଦିନ ତଳେ ରମେଶ ନୟାଗଡ଼ରୁ ଶ୍ରୀରାମନଗର ଘରକୁ ଫେରିଥିଲେ। ଶନିବାର ରାତି ସାଢ଼େ ୧୧ ଟାରେ ରମେଶ ସ୍ତ୍ରୀ ଜ୍ୟୋତ୍ସ୍ନାଙ୍କୁ ମାରପିଟ କରିଥିଲେ। ପରେ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଘର ଭିତରେ ଥିବା ପୁଅ ଓ ଝିଅ ପ୍ରତିବାଦ କରିବା ସହ ଜରୁରିକାଳୀନ ସହାୟତା ସେବା ପାଇଁ ୧୧୨ ନମ୍ବରକୁ ଫୋନ କରି ଜଣାଇଥିଲେ। ପୋଲିସ ପହଞ୍ଚି ରମେଶଙ୍କୁ ଗିରଫ କରି ଥାନାକୁ ଆଣିଥିବା ବେଳେ ଆହତ ଜ୍ୟୋତ୍ସ୍ନାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥିଲା।

# ୨ ହଜାର ଟଙ୍କିଆ ଯିବାର ଅନ୍ତରାଳେ

**ନୂଆଦିଲ୍ଲୀ, ୨୧।୫**

୧୯ ମେ' ୨୦୨୩ରେ କେନ୍ଦ୍ର ସରକାର ୨ ହଜାର ଟଙ୍କିଆ ନୋଟ୍‌ର ପ୍ରଚଳନକୁ ବନ୍ଦ କରିଦେଇଛନ୍ତି। ୨୩ ମେ'ରୁ ୩୦ ସେପ୍ଟେମ୍ବର ମଧ୍ୟରେ ୨ ହଜାର ଟଙ୍କିଆ ନୋଟ୍‌କୁ ବ୍ୟାଙ୍କରେ ଜମା ଦେଇ ଅନ୍ୟ ନୋଟ୍‌ଗୁଡ଼ିକୁ ନିଆଯାଇପାରିବ। କିନ୍ତୁ ଏହି ବିନିମୟ ପାଇଁ ସର୍ବାଧିକ ୨୦,୦୦୦ ଟଙ୍କା ସୀମା ଧାର୍ଯ୍ୟ କରାଯାଇଛି। ଏଥିସହ ବର୍ତ୍ତମାନଠାରୁ ୨,୦୦୦ ଟଙ୍କିଆ ନୋଟ୍ ଜାରି ନ କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପକୁ ବିରୋଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ବିମୁଦ୍ରୀକରଣ ବା 'ଡେମୋ ୨.୦' ଆଖ୍ୟାଦେଇ ସମାଲୋଚନା କରିଛନ୍ତି। ମୋଦି ଏଥର ୨୦୧୬ ନଭେମ୍ବର ୮ର ବିମୁଦ୍ରୀକରଣ ଭଳି ନିଜେ ୨ ହଜାରିଆ ନୋଟ ପ୍ରତ୍ୟାହାର ବିଷୟ ଘୋଷଣା କରିନାହାନ୍ତି, ବରଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ସାମ୍ନାକୁ ଛଡ଼ାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ବଡ଼ ନୋଟ୍‌କୁ ସର୍କୁଲେଶନ୍‌ରୁ ହଟାଇବା ପାଇଁ ଆର୍‌ବିଆଇ ଘୋଷଣା କରିବା ପଛର ଅଭିସନ୍ଧିକୁ ନେଇ ଅନେକ ପ୍ରଶ୍ନ ଉଠିବାରେ ଲାଗିଛି। ସୋମବାରଠାରୁ ଶ୍ରୀନଗରରେ ଭାରତ ପକ୍ଷରୁ ୩ ଦିନିଆ ଜି୨୦ ସମ୍ମିଳନୀ ଆରମ୍ଭ ହେବ। ଏଥିରେ ସାମିଲ ହେବା ପାଇଁ ଚାଇନାକୁ ନିମନ୍ତ୍ରଣ କରାଯାଇଥିଲା। ତେବେ ଚାଇନା ଜମ୍ମୁ-କଶ୍ମୀରକୁ ବିବାଦୀୟ ଭୂଖଣ୍ଡ କହି ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକ ବର୍ଜନ କରିଛି। କେବଳ ଚାଇନା ନୁହେଁ, ତୁର୍କୀ ଓ ସାଉଦି ଆରବ ମଧ୍ୟ ଜି୨୦ ବୈଠକରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଜାପାନର ହିରୋଶିମା ସହରରେ ଆୟୋଜିତ ଜି୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ନିମନ୍ତ୍ରଣକ୍ରମେ ମୋଦି ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ୟୁକ୍ରେନ୍-ରୁଷିଆ ଯୁଦ୍ଧ ଉପରେ ଜାପାନ ଭାରତର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ରେ କୋଭିଡ୍-୧୯ ସଂକ୍ରମଣ ସମୟକୁ ବାଦ୍ ଦେଲେ ନିଜ ଶାସନ କାଳରେ (୨୦୧୪ରୁ ଅଦ୍ୟାବଧି) ୬୮ ଥର ବିଦେଶ ଗସ୍ତ କରିସାରିଲେଣି। ଏହି ସରକାରୀ ଗସ୍ତ ବାବଦକୁ ଭାରତୀୟଙ୍କ କଷ୍ଟ ଉପାର୍ଜିତ ଧନରୁ କେତେ ଟଙ୍କା ଖର୍ଚ୍ଚ ହେଲାଣି ଏବଂ ଏଥିରୁ କି ସୁଫଳ ମିଳିଛି ତାହା କେନ୍ଦ୍ର ସରକାର ସ୍ପଷ୍ଟ କରିନାହାନ୍ତି। ତେଣୁ ମୋଦିଙ୍କ ବିଫଳତାକୁ ଲୁଚାଇବାକୁ ଯାଇ ୨,୦୦୦ ଟଙ୍କିଆ ନୋଟ୍‌କୁ ପ୍ରତ୍ୟାହାର କରାଯାଇଥିବା କୁହାଯାଉଛି।

ଶ୍ରୀନଗରସ୍ଥିତ ଡାଲ୍ ହ୍ରଦ କୂଳରେ ମେ' ୨୨ରୁ ୨୪ ପର୍ଯ୍ୟନ୍ତ ଜି୨୦ ଟୁରିଜମ୍ ୱାର୍କିଂ ଗ୍ରୁପ୍ ବୈଠକ ହେବାକୁ ଯାଉଛି। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ପରଠୁ ଏହା ହେଉଛି ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଥମ କୂଟନୈତିକ ବୈଠକ। ଜି୨୦ରେ ଚଳିତବର୍ଷ ଅଧ୍ୟକ୍ଷତା କରୁଥିବା ଭାରତ ପକ୍ଷରୁ ଏଥିରେ ଯୋଗଦେବା ପାଇଁ ସଦସ୍ୟ ରାଷ୍ଟ୍ର ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଇଣ୍ଡୋନେସିଆ, ଇଟାଲୀ, ଦକ୍ଷିଣ କୋରିଆ, ଜାପାନ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ଆମେରିକା ଏବଂ ବ୍ରିଟେନ ସମେତ ୟୁରୋପୀୟ ସଂଘ (ଇୟୁ)କୁ ନିମନ୍ତ୍ରଣ କରାଯାଇଛି। ସେହିପରି ଅତିଥି ଭାବେ ସ୍ପେନ୍, ଜାତିସଂଘ, ବିଶ୍ୱବ୍ୟାଙ୍କ, ଆଫ୍ରିକୀୟ ସଂଘ ଏବଂ ଏସିଆନ୍‌କୁ ମଧ୍ୟ ଡକାଯାଇଛି। କିନ୍ତୁ ପାକିସ୍ତାନର ଘନିଷ୍ଠ ସହଯୋଗୀ ଚାଇନା ଏହାକୁ ଦୃଢ଼ ବିରୋଧ କରିଛି। ଜମ୍ମୁ-କଶ୍ମୀର ଏକ ବିବାଦୀୟ ଭୂଖଣ୍ଡ ହୋଇଥିବାରୁ ସେଠାରେ ଜି୨୦ ବୈଠକ ଆୟୋଜନ କରିବା ଦୁର୍ଭାଗ୍ୟଜନକ। ବେଜିଂ ଏଭଳି ବୈଠକରେ ସାମିଲ ହେବ ନାହିଁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ ଏକ ବିବୃତିରେ ସ୍ପଷ୍ଟ କରିଛନ୍ତି। ସେହିପରି ତୁର୍କୀ ଓ ସାଉଦି ଆରବ ମଧ୍ୟ ଏହି ସମ୍ମିଳନୀରେ ସାମିଲ ନ ହେବାକୁ ପସନ୍ଦ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ଦୁଇଦେଶ ଜି୨୦ରେ ଯୋଗଦାନ ନିମନ୍ତେ ପଞ୍ଜୀକରଣ କରାଇନାହାନ୍ତି।





ଅନ୍ୟପକ୍ଷେ ଜାପାନର ହିରୋଶିମା ସହରରେ ମେ' ୧୯ରୁ ୨୧ ପର୍ଯ୍ୟନ୍ତ ଜି ୭ ସମ୍ମିଳନୀ ଆୟୋଜିତ ହେଉଛି। ଜାପାନ ଏଥିରେ ଅଧ୍ୟକ୍ଷତା କରୁଥିବାବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଏବଂ ଜର୍ମାନୀ ଚାନ୍ସେଲର ଓଲାଫ୍ ସ୍କୋଲ୍‌ଜଙ୍କ ସମେତ ୟୁରୋପିଆନ୍ କାଉନ୍‌ସିଲ ପ୍ରେସିଡେଣ୍ଟ ଚାର୍ଲ୍ସ ମିଶେଲ ଓ ୟୁରୋପୀୟ କମିଶନ ଅଧ୍ୟକ୍ଷା ଭୋନ୍ ଡେର୍ ଲେୟେନ୍ ଯୋଗଦେଇଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ କିଶିଦା ଭାରତ ସମେତ ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ବ୍ରାଜିଲ, ଭିଏତ୍‌ନାମ, ଇଣ୍ଡୋନେସିଆ, କୋମୋରୋସ୍ ଏବଂ କୁକ୍ ଆଇଲାଣ୍ଡ୍‌ର ନେତାମାନଙ୍କୁ ଜି୭କୁ ନିମନ୍ତ୍ରଣ କରିଥିଲେ। ଚାଇନାର ବିସ୍ତାରବାଦୀ ନୀତି ଓ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ହିରୋଶିମା ସମ୍ମିଳନୀରେ ଏହି ସ୍ୱତନ୍ତ୍ର ନିମନ୍ତ୍ରିତ ରାଷ୍ଟ୍ରଗୁଡ଼ିକର ଉପସ୍ଥିତି ନୂଆ ରଣନୀତି ସ୍ଥିର କରିବାରେ ସହାୟକ ହେବ ବୋଲି କିଶିଦା ଆଶା କରିଥିଲେ। ଏପରି କି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ମଧ୍ୟ ଉକ୍ତ ସମ୍ମିଳନୀକୁ ନିମନ୍ତ୍ରଣ କରାଯାଇଛି। ବର୍ଷେ ତଳେ କ୍ୱାଡ୍ ସମ୍ମିଳନୀରେ କିଶିଦା ମସ୍କୋର ୟୁକ୍ରେନ୍ ଆକ୍ରମଣ ଉପରେ ଭାରତର ଆଭିମୁଖ୍ୟକୁ ନେଇ ଉଠାଇଥିବା ପ୍ରଶ୍ନର ଉତ୍ତର ମିଳି ନ ଥିବାବେଳେ ଏବେ ଜି୭ରେ ଜେଲେନ୍‌ସ୍କିଙ୍କୁ ପ୍ରଧାନମନ୍ତ୍ରୀ ମୋଦି ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି। ମୋଦି କହିଛନ୍ତି, ୟୁକ୍ରେନ୍‌ର ମାନବୀୟ ସଙ୍କଟର ସମାଧାନ ପାଇଁ ଭାରତ ଯାହା ପାରିବ କରିବ। ଭାରତରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ଆକାଶଛୁଆଁ ହୋଇଥିବାବେଳେ ମହଙ୍ଗା ମାଡ଼ରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ତୁହାକୁ ତୁହା ବିଦେଶ ଗସ୍ତ କରିବାରେ ଲାଗିଛନ୍ତି। ତାଙ୍କ ଗସ୍ତର ସୁଫଳ ଦେଶବାସୀ ପାଉ ନ ଥିବାବେଳେ ତମାମ ବିଫଳତାରୁ ଧ୍ୟାନ ହଟାଇବା ପାଇଁ ମୋଦି ନିଜେ ଆଣିଥିବା ୨,୦୦୦ ଟଙ୍କିଆ ନୋଟ୍‌କୁ ହଠାତ୍ ବନ୍ଦ କରିଦିଆଯାଇଥିବା ଅନେକେ ସମାଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୨ ମେ, ୨୦୨୩

**ଆଜିର ମନ୍ତବ୍ୟ**

"ନୂଆ ପାର୍ଲାମେଣ୍ଟ ଭବନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିବର୍ତ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବା ଆବଶ୍ୟକ।"
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଈ ସହଦେବଙ୍କର,**
**ଷଣ୍ଢ ମହାଦେବଙ୍କର,**
**ବଳଦ ବାପୁଡ଼ା କାହାର ନୁହେଁ।**

ଗାଈ ସହଦେବଙ୍କର ପ୍ରିୟ ଓ ଷଣ୍ଢ ମହାଦେବଙ୍କର ବାହନ। ସେହି ଦୃଷ୍ଟିରୁ ଏମାନଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଆଦର କରାଯାଇଥାଏ। ପରନ୍ତୁ ବଳଦକୁ ଏଭଳି ମର୍ଯ୍ୟାଦା ମିଳି ନ ଥାଏ। ଯେତେ ଖଟିଲେ, ଉପକାର କଲେ ମଧ୍ୟ କାଣିଚାଏ ଆଦର ମିଳିବା ଦୁଷ୍ପ୍ରାପ୍ୟ ହୋଇଥାଏ। ସେହିପରି ସମାଜରେ କିଛି ଲୋକ ଥାନ୍ତି, ଯେଉଁମାନେ ସବୁବେଳେ ଅବହେଳିତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଙ୍ଗା ଯା, ଗୟା ଯା,**
**କରମ ଘେନି ବୁଲୁ ଥା।**

କର୍ମ ହିଁ ସବୁ। କର୍ମ ବିନା ଜୀବନ ତୁଚ୍ଛ ଓ ଅସାର। ବିନା କର୍ମରେ ଭଗବତ୍ ଆରାଧନାର କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅସାବଧାନତାରୁ ଯାଉଛି ଜୀବନ



**ସାମାନ୍ୟ ଅସାବଧାନତାରୁ ଜୀବନ ଚାଲିଯାଏ। ଏହା ସମସ୍ତେ ଅଳ୍ପବହୁତେ ଜାଣିଛନ୍ତି। ଏହାସତ୍ତ୍ୱେ କେତେ ଲୋକ ବେଳେ ବେଳେ ଏମିତି କାମ କରନ୍ତି, ଯାହାପାଇଁ ସେମାନଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼େ। ଏପରି କି ଜୀବନ ମଧ୍ୟ ଚାଲିଯାଏ। ଏଭଳି ଘଟଣା ପ୍ରତ୍ୟହ କେଉଁଠି ନା କେଉଁଠି ଘଟୁଥିଲେ ସୁଦ୍ଧା ଲୋକମାନେ ସଚେତନ ହେଉନାହାନ୍ତି। ଏଭଳି ଅସାବଧାନତାରୁ ଟ୍ରେନ୍ ଧକ୍କାରେ ବାଲେଶ୍ୱର ଜିଲାରେ ୨ ଦିନରେ ୨ ଜଣଙ୍କ ମୃତ୍ୟୁ ଘଟିଲାଣି।**

ବାଲେଶ୍ୱର ଅଫିସ,୨୧।୫

ଦିନକୁ ଦିନ ବଢୁଛି ରେଳ ଲାଇନ୍ ଉପରେ ଦୁର୍ଘଟଣା। ରେଳ ବିଭାଗ ତରଫରୁ ନିଆଯାଇଥିବା ନିୟମ କାନୁନ୍‌କୁ ମାନୁନାହାନ୍ତି ଲୋକମାନେ। ରେଳ ଫାଟକ ପଡ଼ିଥିବାବେଳେ କାନରେ ମୋବାଇଲ୍ ଲଗାଇ ପାର୍ ହେବା ଏବଂ ରେଳ ଲାଇନ ଡେଇଁ ପ୍ଲାଟଫର୍ମ ପାର ହେଉଥିବା ବେଳେ ବାଲେଶ୍ୱର ଜିଲାରେ ୨ଦିନରେ ୨ଟି ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ପୂର୍ବାହ୍ଣରେ ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ଜଳେଶ୍ୱର ନିକଟସ୍ଥ ରାଜଘାଟ ରେଳ ଷ୍ଟେଶନରେ ଜଣେ ୬୦ ବର୍ଷୀୟ ଲୋକ ରେଳ ଧାରଣାରେ ଛିଡ଼ା ହୋଇଥିବା ମାଲବାହୀ ଟ୍ରେନ୍ ତଳ ଦେଇ ଷ୍ଟେଶନ ଆଡ଼କୁ ଆସୁଥିବାବେଳେ ଅପ୍‌ଲାଇନରେ ଜଳେଶ୍ୱର ପୁରୀ ମେମୋ ଟ୍ରେନ୍‌ରେ ବାଡ଼େଇ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ଜୀବନ ଯାଇଥିଲା। ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୪୫/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଅଦ୍ୟାବଧି ମୃତକଙ୍କ ପରିଚୟ ମିଳିପାରିନାହିଁ। ସେହିପରି ଶନିବାର ଅପରାହ୍ଣ ପ୍ରାୟ ୩ଟାରେ ଟାଉନ୍ ଥାନା ଅଧୀନ ସୁନହଟ୍ ଗ୍ରାମର ସମିମା ବିବି (୫୦) ନାମ୍ନୀ ମହିଳା ସାଇକେଲ ଧରି ବାଲେଶ୍ୱର ସହର ଅଙ୍ଗାରଗଡ଼ିଆସ୍ଥିତ ରେଳ ଫାଟକ ନିକଟରେ ପହଞ୍ଚିଥିଲେ। ଫାଟକ ପଡ଼ିଥିବା ବେଳେ ଅପେକ୍ଷା ନ କରି ବେପରୁଆ ଭାବେ ପାର ହେଉଥିଲେ। ଏହି ସମୟରେ ନିୟୁ ଜଳପାଇଗୁଡ଼ି ଏକ୍ସପ୍ରେସ୍ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାଲେଶ୍ୱର ଜିଆର୍‌ପି ଥାନାରେ ମାମଲା (ନଂ. ୪୪।୨୩) ରୁଜୁ କରାଯାଇଛି। ଏହିଭଳି ପ୍ରାୟ ପ୍ରତିମାସ ୧୦ରୁ ଅଧିକ ଜୀବନ ଯାଉଛି।

**୨ ଦିନରେ ଗଲାଣି ୨ ଜୀବନ**

ଏନେଇ ବାଲେଶ୍ୱର ଜିଆର୍‌ପି ଥାନା ଅଧିକାରୀ ପପୁ କୁମାର ନାୟକ କହନ୍ତି, ସର୍ବଦା ରେଳ ଫାଟକ ପଡ଼ିଥିବା ବେଳେ ରେଳଲାଇନ୍ ପାର ନ ହେବା କିମ୍ବା ଷ୍ଟେଶନରେ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ଏକ ପ୍ଲାଟଫର୍ମକୁ ଯିବା ପାଇଁ ଶିଡ଼ି ବ୍ୟବହାର କରିବା ସହିତ ପ୍ରତ୍ୟେକ ସମୟରେ ରେଳ କର୍ମଚାରୀଙ୍କ ଦ୍ୱାରା ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରାଯାଉଥିବା ନିୟମକୁ ମାନିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି। କିନ୍ତୁ କେତେକ ଲୋକ ବିଭିନ୍ନ କାରଣବଶତଃ ଏହାକୁ ଅବମାନନା କରିବା ଫଳରେ ଅକାଳରେ ଜୀବନ ଯାଉଥିବା କହିଛନ୍ତି।

# ଟିପିଲିମା ପାୱାର ହାଉସ, ଅତାବିରା କେନାଲ ପରିଦର୍ଶନ

ସମ୍ବଲପୁର,୨୧।୫(ବ୍ୟୁରୋ)

**ଦ୍ୱିତୀୟ ଦିନରେ ମହାନଦୀ ଟ୍ରିବ୍ୟୁନାଲ ଟିମ୍‌ର ଗସ୍ତ**

**ସବୁଠି ସମସ୍ୟା ଜଣାଉଛନ୍ତି ଅଧିକାରୀ**

ମହାନଦୀ ଜଳ ବିବାଦକୁ ନେଇ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ସମ୍ବଲପୁର ଗସ୍ତରେ ଆସି ରବିବାର ଦ୍ୱିତୀୟ ଦିନରେ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ସକାଳେ ବୁର୍ଲା ଅଶୋକ ନିବାସରୁ ବାହାରି ପ୍ରଥମେ ଟିପିଲିମା ପାୱାର ହାଉସ ଯାଇଥିଲେ। ସେଠାରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପାଣିର ସମସ୍ୟା ନେଇ ଅଧିକାରୀମାନେ ଜଣାଇଥିବା ଜଣାପଡିଛି। ପରେ ବରଗଡ଼ ଜିଲା ଅତାବିରା କେନାଲ ପରିଦର୍ଶନ କରିଥିଲେ। ତା'ପରେ ଅତିରିକ୍ତ ସ୍ପିଲୱେ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରି, ଶାସନ କେନାଲ ପରିଦର୍ଶନ କରିଥିଲେ। ସେଠାରେ ପାଣିର ପ୍ରବାହ ଓ ଅଣମୌସୁମୀ ସମୟରେ କଣ ରହୁଛି ସମସ୍ୟା ଅଧିକାରୀମାନଙ୍କଠାରୁ ପଚାରି ବୁଝିଥିଲେ। ସନ୍ଧ୍ୟା ସମୟରେ ସମଲେଇଙ୍କ ଦର୍ଶନ କରିଥିଲେ। ସମଲେଇ ମନ୍ଦିର ପରିସରରେ ଚାଲିଥିବା ଲାଇଟ୍ ଓ ସାଉଣ୍ଡ ଶୋ'କୁ ଦେଖିଥିଲେ। ଗସ୍ତ ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସମଲେଇ ମନ୍ଦିରରେ ଲାଇଟ ସାଉଣ୍ଡ ଶୋକୁ ସର୍ବସାଧାରଣଙ୍କ ପାଇଁ ରବିବାର ଗୋଟିଏ ଦିନ ବନ୍ଦ କରିଦିଆଯାଇଥିଲା। ୨୨ ତାରିଖ ଝାରସୁଗୁଡ଼ା ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ଓପିଜିସି ଇନଟେକ ପଏଣ୍ଟ, ଇବ୍ ଥର୍ମାଲ ପାୱାର ପ୍ଲାଣ୍ଟ, ଆଇବି ଡ୍ୟାମ ପରିଦର୍ଶନ କରି ସମ୍ବଲପୁର ଫେରି ଆସିବେ। ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବିବାଦ ଲାଗି ରହିଛି। ଏହି ବିବାଦର ସମାଧାନ ପାଇଁ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ପ୍ରଥମେ ଛତିଶଗଡ଼ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ମେ ୨୩ରେ ସାଇପଲା ଡ୍ୟାମ ଓ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ, ମେ ୨୪ରେ ସାତକୋଶିଆ ଏବଂ ଟିକରପଡ଼ାଠାରେ କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦ୍ୱାରା ସ୍ଥାପିତ ଜଳପ୍ରବାହ ମାପ କେନ୍ଦ୍ର ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ପୁରୀ ଜଗନ୍ନାଥ ମନ୍ଦିର ଦର୍ଶନ କାର୍ଯ୍ୟକ୍ରମ ମଧ୍ୟ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ମେ ୨୬ରେ ମହାନଦୀ ତ୍ରିକୋଣଭୂମି ଅଞ୍ଚଳ, ମୁଣ୍ଡଳି ଓ ସାପୁଆ ନଦୀର ମହାନଦୀ ମୁହାଣ ଅଞ୍ଚଳ, କାଠଯୋଡ଼ି ନଦୀ ଓ ନରାଜ ବ୍ୟାରେଜ, ମହାନଦୀ ଓ ବିରୂପା ବ୍ୟାରେଜ ଏବଂ କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ, ମେ ୨୭ରେ ସାତପଡ଼ାଠାରେ ଚିଲିକା ହ୍ରଦ ଓ ଗବକୁଠାରେ ସମୁଦ୍ର ସହ ଚିଲିକା ହ୍ରଦର ମୁହାଣ ଅଞ୍ଚଳ, ମେ ୨୮ରେ ଦୟା ଓ ଭାର୍ଗବୀ ନଦୀ, କୋଣାର୍କ ନିକଟସ୍ଥ କୁଶଭଦ୍ରା ନଦୀର ସମୁଦ୍ରରେ ମୁହାଣ ଅଞ୍ଚଳ ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କାର୍ଯ୍ୟକ୍ରମ ରହିଛି।



ସମ୍ବଲପୁର ଟିପିଲିମାରେ ମହାନଦୀ ଟ୍ରିବ୍ୟୁନାଲ ଟିମ୍।

# ରାଜ୍ୟର ମାଛ ଉତ୍ପାଦନ ବୃଦ୍ଧିରେ ଏସ୍‌ଏଚ୍‌ଜିର ଭୂମିକା ରହିଛି



ଭୁବନେଶ୍ୱର, ୨୧।୫(ବ୍ୟୁରୋ)

**ମାଛ ଓ ଶୁଖୁଆ ଉତ୍ପାଦନ ପାଇଁ ୫୦ ହଜାର ସଦସ୍ୟା ତାଲିମ ନେବେ**

ମିଶନ ଶକ୍ତି ସହାୟତାରେ ରାଜ୍ୟର ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ମିଶନ ଶକ୍ତି ଦ୍ୱାରା ଗଠିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ନିଜେ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ବିକାଶଧାରାରେ ସାମିଲ ହୋଇପାରିଛନ୍ତି। ଗତ ୪ବର୍ଷ ମଧ୍ୟରେ ୧୩ ହଜାର ୨୮୯ ମହିଳା ଏସ୍‌ଏଚ୍‌ଜି ଗ୍ରାମପଞ୍ଚାୟତ ପୋଖରୀକୁ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ନେଇ ସଫଳତାର ସହିତ ମାଛଚାଷ କରୁଛନ୍ତି। ରାଜ୍ୟର ମାଛ ଉତ୍ପାଦନ ବୃଦ୍ଧି ସହିତ ମହିଳା ସଶକ୍ତୀକରଣ ଦିଗରେ ଏମାନେ ବିଶେଷ ସହାୟକ ହୋଇପାରିଛନ୍ତି। ମହିଳା ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଆଗ୍ରହ, ଏକାଗ୍ରତା ଓ ନିଷ୍ଠା ଯୋଗୁ ଏହି ସଫଳତା ମିଳିପାରିଛି ବୋଲି ପ୍ରଥମ ପରିଚିତି ଓ ଆଭିମୁଖୀକରଣ କର୍ମଶାଳାରେ ମତ ପ୍ରକାଶ ପାଇଛି।

ମିଶନ ଶକ୍ତି ବିଭାଗ, ମତ୍ସ୍ୟ ନିର୍ଦ୍ଦେଶାଳୟ ଏବଂ ବିଶ୍ୱସ୍ତରୀୟ ସଂଗଠନ ୱାର୍ଲ୍ଡ ଫିଶ୍ ପକ୍ଷରୁ ରବିବାର ଲୋକସେବା ଭବନ କନ୍‌ଭେନଶନ ହଲରେ ମିଶନ ଶକ୍ତି ଏସ୍‌ଏଚ୍‌ଜି ଦ୍ୱାରା ସ୍ୱାସ୍ଥ୍ୟକର ପରିବେଶରେ ଉନ୍ନତମାନର ଶୁଖୁଆ ଉତ୍ପାଦନ ଓ ଗ୍ରାମ ପଞ୍ଚାୟତ ପୋଖରିରେ ମାଛ ଚାଷ ଉପରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ଓ ମିଶନଶକ୍ତି ବିଭାଗର କମିଶନର ତଥା ସଚିବ ସୁଜାତା ଆର୍ କାର୍ତ୍ତିକେୟନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ୭ଟି ଉପକୂଳବର୍ତ୍ତୀ ଜିଲାରେ ସ୍ୱାସ୍ଥ୍ୟକର ପରିବେଶରେ ଉନ୍ନତମାନର ଶୁଖୁଆ ଉତ୍ପାଦନ, ଏଥିପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା ଏବଂ ଗ୍ରାମପଞ୍ଚାୟତ ପୋଖରୀରେ ଉନ୍ନତ ପ୍ରଣାଳୀରେ ମାଛଚାଷ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆସନ୍ତା ୫ବର୍ଷ ମଧ୍ୟରେ ୱାର୍ଲଡ୍ ଫିଶ୍ ସହାୟତାରେ ୩ହଜାର ଏସ୍‌ଏଚ୍‌ଜିର ୩୦ହଜାର ସଦସ୍ୟା ଶୁଖୁଆ ଉତ୍ପାଦନ ପାଇଁ ଏବଂ ପ୍ରାୟ ୨ହଜାର ଏସ୍‌ଏଚ୍‌ଜିର ୨୦ହଜାର ସଦସ୍ୟା ଗ୍ରାମପଞ୍ଚାୟତ ପୋଖରୀରେ ଉନ୍ନତ ପ୍ରଣାଳୀରେ ମାଛଚାଷ ନିମନ୍ତେ ତାଲିମ୍ ପାଇବେ ବୋଲି ସେମାନେ ସୂଚନା ଦେଇଛନ୍ତି। ଅନ୍ୟତମ ଅତିଥି ଭାବେ ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଏନ. ତିରୁମାଲା ନାୟକ ଏବଂ ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସମେତ ରାଜ୍ୟର ଉପକୂଳବର୍ତ୍ତୀ ଜିଲାର ଏସ୍‌ଏଚ୍‌ଜି ସଦସ୍ୟା, ମତ୍ସ୍ୟ ବିଭାଗ ଓ ମିଶନ ଶକ୍ତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମୁଦ୍ରରେ ଭାସିଯିବାବେଳେ ୩ ପର୍ଯ୍ୟଟକ ଉଦ୍ଧାର

ପୁରୀ ଅଫିସ, ୨୧।୫

ପୁରୀ ସମୁଦ୍ରରେ ଭାସିଯାଉଥିବାବେଳେ ୩ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ପର୍ଯ୍ୟଟକମାନେ ହେଲେ ସୂର୍ଯ୍ୟ କୁମାର ପାତ୍ର (୨୮), ଦୀପକ ମେହେର (୨୬) ଏବଂ ସଚିନ୍ ମେହେର (୨୬)। ଏମାନେ ବଲାଙ୍ଗୀର ଜିଲାର ବାସିନ୍ଦା ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରବିବାର ଅପରାହ୍ଣ ପ୍ରାୟ ୧ଟା ୩୦ରେ କେତେଜଣ ପର୍ଯ୍ୟଟକ ହୋଟେଲ ସୁବ୍ ପ୍ୟାଲେସ୍ ସମ୍ମୁଖ ବେଳାଭୂମି ସେକ୍ଟର ୧୪ରେ ଗାଧୋଉଥିଲେ। ଏହିସମୟରେ ହଠାତ ବଡ଼ ଲହଡ଼ି ମାଡ଼ରେ ଉକ୍ତ ତିନିଜଣ ଯୁବକ ସମୁଦ୍ର ଭିତରକୁ ଭାସିଯାଇଥିଲେ। ତେବେ ସେଠାରେ ନିୟୋଜିତ ଥିବା ଲାଇଫ୍‌ଗାର୍ଡମାନେ ସେହି ପର୍ଯ୍ୟଟକମାନଙ୍କୁ ସମୁଦ୍ରରୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନେ ସୁସ୍ଥ ଥିବା ସୂଚନା ମିଳିଛି।



**ପ୍ରଥମ ପୃଷ୍ଠାରୁ...**

## ସରକାରୀ ଘରେ...

ପ୍ରକୃତରେ କାହା ନାଁରେ ଅଛି ତାହା ଜାଣିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ସୋମବାର ଚିଠି ଲେଖାଯିବ। ଏହି ତଥ୍ୟ ମିଳିବା ପରେ ଯଦି ସମ୍ପୃକ୍ତ ସରକାରୀ ବାବୁଙ୍କ ଜାଣତରେ ଏହି ବ୍ରାଉନସୁଗାର କାରବାର ହେଉଥିବା ଜଣାପଡିବ, ତେବେ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ସେହିଭଳି ସରକାରୀ କ୍ୱାର୍ଟର୍ସକୁ ଭଡ଼ାରେ ଲଗାଇବା ଅପରାଧ ହୋଇଥିବାରୁ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗକୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଚିତ୍ତରଞ୍ଜନ ୨ବର୍ଷ ହେବ ଉକ୍ତ କ୍ୱାର୍ଟର୍ସକୁ ଭଡ଼ାରେ ନେଇଥିଲେ। ଭୁବନେଶ୍ୱରର ଅନ୍ୟ ଏକ ସ୍ଥାନରେ ତାଙ୍କର ମଧ୍ୟ ଏକ ଗ୍ୟାରେଜ ରହିଛି। ଶନିବାର ଅପରାହ୍ଣରେ ଜଣେ ଯୁବକ ତାଙ୍କୁ ବିପୁଳ ପରିମାଣର ବ୍ରାଉନସୁଗାର ଆଣି ଦେଇଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏହାପରେ ଏସ୍‌ଟିଏଫ୍ ଟିମ୍ ତୁରନ୍ତ ସ୍ଥାନୀୟ ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରି ଚିତ୍ତରଞ୍ଜନଙ୍କୁ କାବୁ କରିଥିଲା। ପଚରାଉଚରା ସହ ଘର ଯାଞ୍ଚ ପରେ ସେଠାରୁ ବିପୁଳ ବ୍ରାଉନସୁଗାର ମିଳିଥିଲା।

## ୨ ହଜାର ଟଙ୍କା...

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ୨,୦୦୦ ଟଙ୍କିଆ ନୋଟ୍ ବଦଳାଇବା କିମ୍ବା ଜମା କଲାବେଳେ ଗ୍ରାହକମାନଙ୍କୁ ଏକ ଫର୍ମ ପୂରଣ କରିବାକୁ ପଡ଼ିବ ଏବଂ ଏଥିସହିତ ଆଧାର କାର୍ଡ ଭଳି ପରିଚୟ ପ୍ରମାଣପତ୍ର ଦାଖଲ କରିବାକୁ ହେବ ବୋଲି ସୋସିଆଲ ମିଡିଆରେ ମିଛ ଖବର ପ୍ରସାରଣ ହେଉଥିବାରୁ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏହି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଏସ୍‌ବିଆଇ ଉପରୋକ୍ତ ସ୍ପଷ୍ଟୀକରଣ ଦେଇଛି। ଯେଉଁମାନଙ୍କ ପାଖରେ ୨,୦୦୦ ଟଙ୍କିଆ ନୋଟ୍ ରହିଛି ସେମାନେ ମେ' ୨୩ରୁ ସେପ୍ଟେମ୍ବର ୩୦ ମଧ୍ୟରେ ବ୍ୟାଙ୍କରେ ବଦଳାଇପାରିବେ କିମ୍ବା ସେମାନଙ୍କ ଆକାଉଣ୍ଟରେ ଜମା କରିପାରିବେ। ଏହି ନୋଟ୍‌ର ଆଇନଗତ ବୈଧତା ବଳବତ୍ତର ରହିବ ବୋଲି ଆର୍‌ବିଆଇ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

## ଆଜି ମନ୍ତ୍ରୀ ଭାବେ...

ଓ ଗଣଶିକ୍ଷା ବିଭାଗ ଏବଂ ଶ୍ରୀକାନ୍ତଙ୍କ ପାଖରେ ଥିବା ଶ୍ରମ ବିଭାଗର ଦାୟିତ୍ୱ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକଙ୍କୁ ଦିଆଯାଇଥିଲା। ସେହିପରି ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ପରେ ତାଙ୍କ ପାଖରେ ରହିଥିବା ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଦିଆଯାଇଛି। ଏହି ୩ ବିଭାଗ ସମେତ ଅନ୍ୟ କେତେଜଣ ମନ୍ତ୍ରୀଙ୍କ ବିଭାଗ ମଧ୍ୟ ଅଦଳବଦଳ ହୋଇପାରେ।

ରାଜ୍ୟପାଳ ଛୁଟିରେ ଥିବା ଯୋଗୁ ମନ୍ତ୍ରିମଣ୍ଡଳ ଶପଥ ଉତ୍ସବ କାର୍ଯ୍ୟକ୍ରମ ସ୍ଥଗିତ ଥିଲା। ୨୨ ତାରିଖରେ ରାଜ୍ୟପାଳ ଫେରିବା କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହାର ଦିନକ ପୂର୍ବରୁ ଅର୍ଥାତ୍ ରବିବାର ସନ୍ଧ୍ୟାରେ ସେ ଭୁବନେଶ୍ୱର ଫେରି ଆସିଛନ୍ତି। ସୋମବାର ସକାଳ ୯ଟା ୫୦ ମିନିଟ୍ ସମୟରେ ନୂଆ ମନ୍ତ୍ରିମଣ୍ଡଳର ଶପଥ ଉତ୍ସବ ଅନୁଷ୍ଠିତ ହେବ। ଲୋକସେବା ଭବନ ନୂଆ କନ୍‌ଭେନସନ ସେଣ୍ଟରରେ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ବାଚସ୍ପତି ପଦକୁ ନେଇ ସସପେନ୍ସ ଜାରି ରହିଛି। କିଏ ବାଚସ୍ପତି ହେବେ ସେକଥା ସ୍ପଷ୍ଟ ହୋଇ ନାହିଁ।

ସୂଚନାଯୋଗ୍ୟ ଯେ, ୩ ଜିଲାର ସାଙ୍ଗଠନିକ ସ୍ଥିତିକୁ ଦୃଷ୍ଟିରେ ରଖି ବିଜେଡି ସୁଦାମ, ସାରଦା ଏବଂ ବିକ୍ରମଙ୍କୁ ମନ୍ତ୍ରୀ କରୁଥିବା ଚର୍ଚ୍ଚା ହେଉଛି। ଶ୍ରୀକାନ୍ତ ସାହୁଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯିବା ପରେ ଗଞ୍ଜାମ ଜିଲାର ସାଙ୍ଗଠନିକ ସ୍ଥିତିକୁ ଦୃଷ୍ଟିରେ ରଖି ଦଳ ସେଠାରେ ବିକ୍ରମ କେଶରୀ ଆରୁଖଙ୍କୁ ବାଚସ୍ପତି ପଦରୁ କାଢ଼ି କ୍ୟାବିନେଟ୍ ମନ୍ତ୍ରୀ କରିବାକୁ ଯାଉଛି। ତେବେ ୨୦୧୯ ସାଧାରଣ ନିର୍ବାଚନ ପରେ ମନ୍ତ୍ରିମଣ୍ଡଳରେ ଆରୁଖ ରହିଥିଲେ। ପ୍ରଥମ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ତାଙ୍କୁ ବାଦ୍ ଦିଆଯାଇ ବାଚସ୍ପତି କରାଯାଇଥିଲା। ହେଲେ ଦ୍ୱିତୀୟ ଥର ଲାଗି ଏବେ ହେବାକୁ ଯାଉଥିବା ଛୋଟଧରଣର ମନ୍ତ୍ରିମଣ୍ଡଳ ପୁନର୍ଗଠନରେ ତାଙ୍କୁ ପୁଣିଥରେ କ୍ୟାବିନେଟ୍ ମନ୍ତ୍ରୀ କରାଯାଉଛି। ସୁଦାମ ମାରାଣ୍ଡି ମଧ୍ୟ ୨୦୧୯ ନିର୍ବାଚନ ପରେ ମନ୍ତ୍ରିମଣ୍ଡଳ କ୍ୟାବିନେଟ୍ ମନ୍ତ୍ରୀ ରହିଥିଲେ। ପ୍ରଥମ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ତାଙ୍କୁ ବାଦ୍ ଦିଆଯାଇଥିଲା। ମୟୂରଭଞ୍ଜ ଜିଲାର ସାଙ୍ଗଠନିକ ଦୃଷ୍ଟିକୋଣରୁ ପୁଣିଥରେ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱ ମିଳିବାକୁ ଯାଉଥିବା ଚର୍ଚ୍ଚା ହେଉଛି। ମୟୂରଭଞ୍ଜ ଜିଲାର ୯ଟି ନିର୍ବାଚନମଣ୍ଡଳୀରେ ୨୦୧୯ ନିର୍ବାଚନରେ ଭାଜପା ଅଧିକ ସଫଳତା ପାଇଥିଲା। ଏପରିକି ମୟୂରଭଞ୍ଜ ଲୋକ ସଭା ଆସନରେ ମଧ୍ୟ ଭାଜପା ନେତା ବିଶ୍ୱେଶ୍ୱର ଟୁଡୁ ଏମ୍‌ପି ହୋଇ ଏବେ କେନ୍ଦ୍ରରେ ମନ୍ତ୍ରୀ ଅଛନ୍ତି। ସେହିପରି ଦେଶର ରାଷ୍ଟ୍ରପତି ଏହି ଜିଲାରୁ ହୋଇଛନ୍ତି। ତେଣୁ ଏହି ଜିଲାରେ ଆଦିବାସୀ ଭୋଟ୍ ହାତେଇବା ଲାଗି ମାରାଣ୍ଡିଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଉଥିବା ଜଣାପଡିଛି। ସୁନ୍ଦରଗଡ଼ ଜିଲା ସାଙ୍ଗଠନିକ ଦୃଷ୍ଟିକୋଣରୁ ସାରଦାଙ୍କୁ ଦାୟିତ୍ୱ ମିଳିବାକୁ ଯାଉଛି। ସୁନ୍ଦରଗଡ଼ରେ ମଧ୍ୟ ଭାଜପା ଗତ ୨୦୧୯ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲା। ସୁନ୍ଦରଗଡ଼ ଏମ୍‌ପି ଭାବେ ଜୁଏଲ ଓରାମ ବିଜୟୀ ହୋଇଛନ୍ତି। ସାରଦା ନାଏକ ୩ ଥରର ବିଧାୟକ। ପୂର୍ବରୁ ସେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଯୋଗାଣ ମନ୍ତ୍ରୀ ଥିଲେ। ଅନ୍ୟପଟେ ଝାରସୁଗୁଡ଼ା ଉପନିର୍ବାଚନ ଦାୟିତ୍ୱ ସାରଦା ନାଏକଙ୍କୁ ଦିଆଯାଇଥିଲା। ସେଠାରେ ଭଲ ପ୍ରଦର୍ଶନ ହେବା ପରେ ତାଙ୍କୁ ମନ୍ତ୍ରୀ ପଦ ମିଳିଥିବା କୁହାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ଅଭିଳଷିତ କାର୍ଯ୍ୟକୁ ନିର୍ବିଘ୍ନରେ ସମାପନ କରିବାରେ କୌଣସି ଅସୁବିଧା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ। ହଠାତ୍ ଆନୁଷ୍ଠାନିକ କାମରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** – ଶ୍ରୁତିରୋଚକ କଥା କହି ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ। କର୍ମକ୍ଷେତ୍ରସ୍ଥ ବିଭିନ୍ନ ବିଷୟରେ ଚିନ୍ତା କରିବା କାରଣରୁ ଟେନ୍ସନ ଲାଗି ରହିବ। ପରିବାରର ଆକସ୍ମିକ ଆବଶ୍ୟକତା ଖର୍ଚ୍ଚ ପରିମାଣକୁ ବୃଦ୍ଧି କରିବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ମିଥୁନ** – ସାମୟିକ ଶାରୀରିକ ଅସୁସ୍ଥତା ପୂର୍ବାହ୍ଣ ସମୟଟିକୁ ନିରୁତ୍ସାହିତ କରିବ। ବିବାଦୀୟ ପରିସ୍ଥିତିରେ କିମ୍ବା କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମନସ୍କ ନ ହୋଇ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସାମୂହିକ କାର୍ଯ୍ୟରେ ନିଜକୁ ସାମିଲ୍ କରି ପରିବାର ପାଇଁ ସମୟ ଦେଇପାରିବେ ନାହିଁ।

**କର୍କଟ** – ଆଜି ମାଙ୍ଗଳିକ କାମ ସକାଶେ କର୍ମ ମୁଖର ରହିବେ। ଆର୍ଥିକ କ୍ଷେତ୍ରରେ ଯଦି ସମସ୍ୟା ରହିଥାଏ ତାହାର ପୂର୍ଣ୍ଣଚ୍ଛେଦ ଅପରାହ୍ଣରେ ପଡ଼ିଯିବ। ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇ ଦେଇପାରନ୍ତି। ପରିବାରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ସିଂହ** – ପଛ କଥା ଭୁଲି ସମୟର ସଦୁପଯୋଗ କରିପାରିଲେ ଫାଇଦା ଉଠାଇବାରେ ଅସୁବିଧା ନାହିଁ। ମନରେ ସାହସ ବାନ୍ଧି କାମ କଲେ ସଫଳତା ପାଇବେ। ଯେତେ ସୁଯୋଗ ସୃଷ୍ଟି କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିବା କଷ୍ଟ ହେବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଏକ ସଙ୍ଗେ ଅନେକ କାମ ହାତକୁ ନେଇ ବ୍ୟସ୍ତ ହେବେ।

**କନ୍ୟା** – ପାରିବାରିକ କ୍ଷେତ୍ରରେ ନିଜ ଲୋକଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିବେ। ସାଧାରଣ କଥାରେ ବିତର୍କ ସୃଷ୍ଟି ହେବାର ଆଶଙ୍କା ପରିଲକ୍ଷିତ ହେବ। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିପାରେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା ହେତୁ ମନ ଅସ୍ଥିର ରହିବ। ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** – ଆଜି ସକାଳୁ ବନ୍ଧୁମିଳନ ଓ ଧାର୍ମିକ କାର୍ଯ୍ୟରେ ମନ ଉଲ୍ଲସିତ ରହିବ। କୌଣସି କ୍ଷେତ୍ରରେ ବାଚାଳତା ପରିହାର କରି ଅନଧିକାର ଚର୍ଚ୍ଚା କରିବା ଠିକ୍ ହେବ ନାହିଁ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ସ୍ଥାନ, କାଳ, ପାତ୍ରକୁ ଗୁରୁତ୍ୱ ଦେବା ଭଲ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ।

**ଧନୁ** – ପୂର୍ବ ସମସ୍ୟା ସମାଧାନ ହୋଇଯାଇଥିବା କାରଣରୁ ମନ ଏକପ୍ରକାର ଭଲ ରହିବ। ନିଜ ଲୋକଙ୍କ ଗହଣରେ ଦକ୍ଷତାର ସହ କାମ କରି ପ୍ରଶଂସିତ ହେବେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ଗବେଷଣା, ଲେଖାପଢ଼ା କ୍ଷେତ୍ରରେ ସୁଫଳ ପାଇବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇପାରନ୍ତି।

**ମକର** – ଯାହା କରିବା ସକାଶେ ମନସ୍ଥ କରିଛନ୍ତି ବିନା ପ୍ରତିବନ୍ଧକରେ ତାହା ସମ୍ପନ୍ନ କରିବେ। ଏତଦ୍ ବ୍ୟତୀତ କର୍ମକ୍ଷେତ୍ରରେ ଓ ପାରିବାରିକ ସମସ୍ୟାରୁ ମଧ୍ୟ ମୁକୁଳି ଯାଇ ପାରନ୍ତି। ସାୟାହ୍ନରେ କୌଣସି ସୁଖଦ ଶୁଭଖବର ପାଇ ମନ ବହୁତ ଖୁସି ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ।

**କୁମ୍ଭ** – ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ ହେବ। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟକ୍ଷେତ୍ରରେ ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଜମିଜମା ସମସ୍ୟା, ମାଲିମକଦ୍ଦମା, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମୀନ** – ସମସ୍ୟା ରହିଥିଲେ ମଧ୍ୟ ସମାଧାନ ଦିଗରେ ଉଦ୍ୟମର ଅଭାବ ପରିଲକ୍ଷିତ ହେବ। ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରିବା ଭଲ। ଯାତ୍ରା, ବାଣିଜ୍ୟ, ମାଲି ମକଦ୍ଦମା, ସାଙ୍ଗଠନିକ କ୍ଷେତ୍ରରୁ ସୁଫଳ ପ୍ରାପ୍ତି ହେବ। ପ୍ଲଟିଂ କାରବାର, ପ୍ରଯୁକ୍ତି ବିଦ୍ୟା, ପ୍ରଶାସନ, ଲୋକ ସମ୍ପର୍କ, ଆଲୋଚନା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଅଗ୍ରଗତି ଘଟିବ।

ଆଜି ଜ୍ୟେଷ୍ଠ ଶୁକ୍ଳ ତୃତୀୟା ସୋମବାର, ମେ ୨୨ ତାରିଖ, ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ, ରାଜା ରାମମୋହନ ରାୟଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଦିବା ଘ.୧୦.୩୭ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଗୃହପ୍ରବେଶ ଓ ବ୍ରତୋପନୟନ ପାଇଁ ଶୁଭ ଦିନ। ସକାଳ ଘ.୦୮.୪୧ମି. ଗତେ ଘ.୧୦.୨୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୬.୫୦ମି. ଗତେ ଘ.୦୮.୨୮ମି. ମଧ୍ୟେ ରାହୁକାଳ।

## ଭିଜିଲାନ୍ସ ଜାଲରେ ପ୍ରାଣୀ ଚିକିତ୍ସାଳୟର କନିଷ୍ଠ ସହାୟକ

### ପୁଣି ୧୫ ହଜାର ଟଙ୍କା ଲାଞ୍ଚ ନେବା ମହଙ୍ଗା ପଡ଼ିଲା



ସୋନପୁର,୨୧।୫(ନି.ପ୍ର.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟର କନିଷ୍ଠ ସହାୟକ ଗୋଲକ ବିହାରୀ ପୋଢ ଲାଞ୍ଚ ନେଇ ରବିବାର ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଗୋଲକ ଉଲୁଣ୍ଡା ବ୍ଲକ ସିଣ୍ଢୋଲ ପ୍ରାଣୀଧନ ନିରୀକ୍ଷକ ଡା. ନାରାୟଣ ମେହେରଙ୍କ ନିକଟରୁ ୧୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଏହି ଘଟଣାରେ ଗୋଲକଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। କୌଣସି କାରଣରୁ ମେହେର ୨୦୧୭ ଫେବୃୟାରୀ ୧ରୁ ୨୦୧୯ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଛୁଟିରେ ଥିଲେ। ଏହି ସମୟର ଦରମା ସେ ପାଇ ନ ଥିଲେ। ତେଣୁ ଛୁଟି ସମୟର ବକେୟା ଦରମା ପାଇଁ କାଗଜପତ୍ର ପ୍ରସ୍ତୁତି ସକାଶେ କନିଷ୍ଠ ସହାୟକଙ୍କୁ ସେ ପୂର୍ବରୁ ୨୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ମାତ୍ର ଛୁଟି ଦରମା ମଞ୍ଜୁର ପାଇଁ ସେ କାଗଜପତ୍ର କରି ନ ଥିଲେ। ଏଥିପାଇଁ ସେ ଅଧିକ ୧୫ ହଜାର ଟଙ୍କା ଦାବି କରିଥିଲେ। ରବିବାର ସୁବର୍ଣ୍ଣପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ କ୍ୱାର୍ଟର୍ସରେ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ବିଭାଗ ତାଙ୍କୁ କାବୁ କରିଥିଲା। ଏଥିସହ କନିଷ୍ଠ ସହାୟକ ପୋଢଙ୍କ ତରଭା ବ୍ଲକ ତେନ୍ତୁଲିଖୁଣ୍ଟିସ୍ଥିତ ବାସଭବନ ଓ ସୁବର୍ଣ୍ଣପୁର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା କ୍ୱାର୍ଟର୍ସରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଏକକାଳୀନ ଚଢାଉ କରାଯାଇଛି।

# ଚଢ଼ାଉ ପୂର୍ବରୁ ଖାଦାନ ଶୂନ୍‌ଶାନ୍

### ଧର୍ମଶାଳାରେ ବେଆଇନ କଳାପଥର ଉତ୍ତୋଳନ

### ଖାଲି ହାତରେ ଫେରୁଛି ଚଢ଼ାଉକାରୀ ଟିମ୍

ଯାଜପୁର ଅଫିସ,୨୧।୫

ଯାଜପୁର ଜିଲା ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଦୁର୍ନୀତି ସୀମା ଟପିବାକୁ ବସିଲାଣି। ବିଶେଷକରି ମୂଲ୍ୟବାନ କଳାପଥର ଖାଦାନରୁ ବେଆଇନ ଉତ୍ତୋଳନ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଅଭାବ ଓ ଦୁର୍ନୀତିଗ୍ରସ୍ତ ଲିଜ୍‌ଧାରୀଙ୍କୁ ପରୋକ୍ଷରେ ଅଧିକାରୀଙ୍କ ସୁରକ୍ଷା ପ୍ରଦାନ ହିଁ ଆହୁରି ଲୁଟ୍ କରିବାକୁ ସାହସ ଯୋଗାଉଛି ବୋଲି ମତପ୍ରକାଶ ପାଇଛି। ଧରିତ୍ରୀରେ 'ଜରିମାନା ଦେବାକୁ ଲୁଟ ଜୋରଦାର' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଧର୍ମଶାଳା ତହସିଲଦାର, ପୋଲିସ ଏବଂ ଜଙ୍ଗଲ ବିଭାଗର କର୍ମଚାରୀମାନେ ମିଳିତ ଭାବେ ରବିବାର ସକାଳୁ ବିଛାଖଣ୍ଡି ଅଞ୍ଚଳରେ ଚଢ଼ାଉ କରିଛନ୍ତି। କୁସୁନପୁର ନିକଟରେ ୩ଟି ଟ୍ରାକ୍ଟର ଓ ଗୋଟିଏ ଟିପ୍ପର ଜବତ କରାଯାଇଛି। ହେଲେ ଚଢ଼ାଉ ପୂର୍ବରୁ କୌଣସି ସୂତ୍ରରୁ ଖବର ପାଇ ପଥର ମାଫିଆମାନେ ସତର୍କ ହୋଇ ଉଠିଥିଲେ। ଏହିକ୍ରମରେ ଲୁଣିବର, ମାଲଗୋଡ଼ା, ବରଡ଼ା, ଆରୁହା ଓ ଅଞ୍ଜିରା ଆଦି ଖାଦାନରୁ ବେଆଇନ ଉତ୍ତୋଳନ ବନ୍ଦ କରାଯାଇ ସେଠାରୁ ହାଇୱା, ଟ୍ରକ ସମେତ ଯନ୍ତ୍ରପାତିକୁ ଉଠାଇ ନେଇଥିଲେ। ଫଳରେ ତହସିଲଦାରଙ୍କ ନେତୃତ୍ୱାଧୀନ ଚଢ଼ାଉକାରୀ ଟିମ୍ ଖାଲି ହାତରେ ଫେରି ଆସିଛି। ଉକ୍ତ ଟିମ୍ ଫେରିଯିବା ପରେ ପୁଣି ବେଆଇନ ଉତ୍ତୋଳନ କରାଯାଉଛି ବୋଲି ଜଣାପଡ଼ିଛି।

କେବଳ ଯାଜପୁର ନୁହେଁ, ସାରା ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ଚାଲିଛି। ୨୦୧୫-୧୬ରୁ ୨୦୨୧-୨୨ ବର୍ଷ ମଧ୍ୟରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ, ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ୍, ବିନା ଟ୍ରାନଜିଟ୍ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ୧୪ ଜିଲାରୁ ପ୍ରାୟ ୨୦ କୋଟି ଟଙ୍କା ଜରିମାନା ଆଦାୟ ହୋଇଥିଲା। କିନ୍ତୁ ଲଘୁ ଖଣିଜ ସମ୍ପଦ କଳାପଥର ଓ ବାଲିରେ ଭରପୂର ଯାଜପୁର ଜିଲାରୁ ଟଙ୍କାଟିଏ ବି ଏଭଳି ଜରିମାନା ଆଦାୟ ହୋଇ ନ ଥିଲା। ୨୦୨୨ ମାର୍ଚ୍ଚରେ ବିଧାନସଭା ଅଧିବେଶନରେ ବିଧାୟକ ନବଚରଣ ମାଝୀ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବା ପରେ ଧରିତ୍ରୀରେ ସବିଶେଷ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏହାପରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଏପ୍ରିଲରୁ ସାଟେଲାଇଟ୍ ମାପଚୁପ ପ୍ରକ୍ରିୟା ଆରମ୍ଭ କରି ଏଯାଏ ୨୨ ଜଣ ଲିଜ୍‌ଧାରୀଙ୍କୁ ୩୨୦ କୋଟି ଟଙ୍କା ଜରିମାନା ଦେବାକୁ ନୋଟିସ ହୋଇଛି। ହେଲେ ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ ଅନୁଯାୟୀ ପରିବେଶଗତ ଅନୁମତି(ଇସି) ପ୍ରତ୍ୟାହାର କରା ନ ଯାଇ କେବଳ କାରଣ ଦର୍ଶାଅ ନୋଟିସ ଓ ଜରିମାନାରେ ପଦକ୍ଷେପ ସୀମିତ ରହିଛି। ଏହାବାଦ୍ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ବିରୋଧରେ କୌଣସି ଏଫ୍‌ଆଇଆର୍ ଏଯାଏ ରୁଜୁ ହୋଇନାହିଁ। ଇସି ପ୍ରତ୍ୟାହାର ନୋଟିସ ହେଲେ ଅନୁମୋଦନଠାରୁ ଅଧିକ ଉତ୍ତୋଳନ ପରିମାଣର ୫ ଗୁଣ ଜରିମାନା ଆଦାୟ ନିୟମ ରହିଛି। ତେଣୁ ଜିଲା ପ୍ରଶାସନ ସମ୍ପୃକ୍ତ ଲିଜ୍‌ଧାରୀମାନଙ୍କୁ ଅସାଧୁ ଚୁକ୍ତି ଅନୁଯାୟୀ ଅନୁକମ୍ପା ପ୍ରଦର୍ଶନ କିମ୍ବା ରାଜନୈତିକ ଚାପରୁ ହାତ ଟେକି ଦେଇଥିବା ସନ୍ଦେହ କରାଯାଉଛି। ତେଣୁ ବେଆଇନ ଉତ୍ତୋଳନ ଉପରେ ଯେତେ ଯାହା ଅଭିଯୋଗ କଲେ ବି ରାଜସ୍ୱ ବିଭାଗ ନୀରବ ରହିଛି। କେବଳ ନାମକୁ ମାତ୍ର ଚଢ଼ାଉ କରାଯାଇ ସରକାରଙ୍କ ନିକଟରେ ନିର୍ମଳ ଭାବମୂର୍ତ୍ତି ଚିତ୍ର ଅଙ୍କାଯାଉଛି। ତହସିଲଦାର ଅଫିସରୁ ବାହାରିବା ମାତ୍ରେ ବେଆଇନ ଭାବେ ଚାଲିଥିବା ଖାଦାନଗୁଡ଼ିକର ମାଲିକମାନଙ୍କୁ ସୂଚନା ଦିଆଯାଉଛି। ଫଳରେ ସେଠାରେ ନିୟୋଜିତ କମ୍ପ୍ରେସର, ହାଇୱା ଆଦି ଗାଡିକୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇ ଲୁଚାଇ ରଖାଯାଉଛି। ଚଢ଼ାଉ ଟିମ୍ ମଧ୍ୟ ଏସବୁ ଜାଣି ଫେରି ଆସୁଛନ୍ତି। ତେଣୁ ସମ୍ପୃକ୍ତ ଲିଜଧାରୀଙ୍କ ଖାଦାନଗୁଡ଼ିକର ପୁନଃ ମାପଚୁପ କରାଯାଇ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଗଲେ ଏଭଳି ଦୁର୍ନୀତି ନିୟନ୍ତ୍ରଣ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। କଳାପଥର ବେଆଇନ ଉତ୍ତୋଳନ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର କୁହନ୍ତି, ବିଭିନ୍ନ ସମୟରେ ଚଢ଼ାଉ ଜାରି ରହିଛି। ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଜରିମାନା ଆଦାୟ ପାଇଁ ଡିମାଣ୍ଡ ନୋଟିସ ହେଉଛି।



ଆରୁହାରେ କଳାପଥର ପରିବହନ ହେଉଛି।

## ସୀମାନ୍ତରୁ ୩ ମାଓବାଦୀ ଗିରଫ



ଗିରଫ ହୋଇଥିବା ୩ ମାଓବାଦୀ।

ମାଲକାନଗିରି,୨୧।୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାର ଏକ ଜଙ୍ଗଲରେ କୋମ୍ବିଂ ଅପରେଶନ ବେଳେ ପୋଲିସ ୩ଜଣ ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲିକ ଆଞ୍ଚଳା, ରମେଶ ପୁନେମ୍ ଓ ପୁନାଠ ରାମ । ସାଲିକ ଓ ରମେଶ ହାର୍ଡକୋର ମାଓବାଦୀ ହୋଇଥିବା ବେଳେ ପୁନାଠ ଜଣେ ମାଓବାଦୀ ସମର୍ଥକ ବୋଲି ଜଣାପଡିଛି। ରବିବାର କାଙ୍କେର ଜିଲା ପଖାଞ୍ଜୁର ଥାନା ଅନ୍ତର୍ଗତ ଗୋମେ ଜଙ୍ଗଲରେ ପୋଲିସ କୋମ୍ବିଂ ଅପରେଶନ ଚଳାଇଥିଲା। ଏହି ସମୟରେ ଉପରୋକ୍ତ ୩ ମାଓବାଦୀ ଜଙ୍ଗଲରେ ବୁଲୁଥିବା ସୂଚନା ପାଇ ପୋଲିସ ସେମାନଙ୍କୁ ଘେରାଉ କରି ଗିରଫ କରିଥିଲା। ସାଲିକ ଓ ରମେଶଙ୍କ ନାମରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ପୂର୍ବରୁ ୮ଲକ୍ଷ ଲେଖାଏ ପୁରସ୍କାର ରାଶି ଘୋଷଣା କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ଆଇଇଡି ବୋମା, ଗୋଟିଏ ୱାକିଟକି ଜବତ ହୋଇଛି। ଖବର ଲେଖା ହେବାଯାଏ କାଙ୍ଗେର ପୋଲିସ ସେମାନଙ୍କୁ ପଚରାଉଚରା ଜାରି ରଖିଛି।

## ବଗି ଛାଡ଼ି ପଳାଇଲା ଇଞ୍ଜିନ



ଗନ୍ତବ୍ୟ ପଥରେ ଯିବା ପାଇଁ ଅପେକ୍ଷାରତ ଯାତ୍ରୀମାନେ।

### ଦୁର୍ଘଟଣାରୁ ବର୍ତ୍ତିଲା ହାଓଡା-ପୁରୀ ସୁପରଫାଷ୍ଟ ଟ୍ରେନ୍

ଜଳେଶ୍ୱର,୨୧।୫(ଡି.ଏନ୍.ଏ)

ହାଓଡା-ପୁରୀ ସୁପରଫାଷ୍ଟ ଟ୍ରେନ୍ ଶନିବାର ରାତିରେ ଏକ ଦୁର୍ଘଟଣାରୁ ବର୍ତ୍ତିଛି। ପଶ୍ଚିମବଙ୍ଗର ନେକୁଡସୋନି ଷ୍ଟେଶନଠାରୁ ଅନତି ଦୂରରେ ବଗିରୁ ଇଞ୍ଜିନ ବିଚ୍ଛିନ୍ନ ହୋଇଯାଇଥିଲା। କପଲିନ୍ ଛିଡ଼ିଯିବାରୁ ୩ ବଗି ଇଞ୍ଜିନ ସହିତ ୫୦୦ ମିଟର ଆଗକୁ ଚାଲି ଯାଇଥିଲା ଓ ହୋସ୍‌ପାଇପ୍ କଟିଯାଇଥିବାରୁ ୧୭ଟି ବଗି ଅଟକି ଯାଇଥିଲା।

ରାତି ପ୍ରାୟ ୧ଟାବେଳେ ଟ୍ରେନ୍‌ଟି ଦ୍ରୁତଗତିରେ ଗଲାବେଳେ କୌଣସି କାରଣରୁ ଏପରି ଘଟଣା ଘଟିଥିଲା। ଯାତ୍ରୀମାନେ କିଛି ବୁଝିପାରି ନ ଥିବା ବେଳେ ଘନ ଅନ୍ଧକାର ମଧ୍ୟରେ ଭୟଭୀତ ଅବସ୍ଥାରେ ରହିଥିଲେ। ଅନେକ ଯାତ୍ରୀ ଶୋଇ ପଡ଼ିଥିବାରୁ କେହି କିଛି ଜାଣିପାରି ନ ଥିଲେ। ପରେ ଦାନ୍ତୁନ ଓ ନେକୁଡସୋନି ଷ୍ଟେଶନ ସହିତ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଜାଣିପାରିଥିଲେ। ଏଥିଯୋଗୁ ଡାଉନ୍ ଲାଇନର ସମସ୍ତ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଥିଲା। ଖଡଗପୁର ଡିଭିଜନ୍‌ରୁ ମେକାନିକ୍‌ମାନେ ଆସି ଇଞ୍ଜିନ ଓ ୩ଟି ବଗି ସହିତ ଅନ୍ୟ ୧୭ ବଗିକୁ ସଂଯୋଗ କରିବା ପରେ ପ୍ରାୟ ୪ଘଣ୍ଟା ବିଳମ୍ବରେ ରେଳ ଯାତ୍ରା ସ୍ୱାଭାବିକ ହୋଇଥିଲା। ତେବେ ଘଟଣାର ତଦନ୍ତ ପାଇଁ ରେଳୱେ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

# ଆହୁରି ୫ଦିନ ଖରା, କାଳବୈଶାଖୀ



କାଳବୈଶାଖୀ ପ୍ରଭାବରେ ଖୋର୍ଦ୍ଧା ଜିଲା ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଏକ ଗଛର ଡାଳ ଭାଙ୍ଗିପଡ଼ିଛି।

- ଝଡ଼ବର୍ଷା ନେଇ ୭ ଜିଲାକୁ ୟେଲୋ ୱାର୍ନିଂ
- ୪୦ ଡିଗ୍ରୀ ଉପରେ ୧୪ ସ୍ଥାନର ତାପମାତ୍ରା

ଭୁବନେଶ୍ୱର,୨୧।୫(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ଧରି ଗ୍ରୀଷ୍ମପ୍ରବାହ ଜାରି ରହିଛି। ଦିନସାରା ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହେଉଥିବାବେଳେ ଅପରାହ୍ନରେ କିଛି ଅଞ୍ଚଳରେ ମେଘୁଆ ପାଗ ସହ କାଳବୈଶାଖୀ ବର୍ଷା ହେଉଛି। ରବିବାର ମଧ୍ୟ ରାଜ୍ୟରେ ସମାନ ସ୍ଥିତି ଲାଗି ରହିଥିଲା। କେତେକ ସ୍ଥାନରେ ଘଡଘଡ଼ି ସହ ବର୍ଷା ହୋଇଛି। ଅନ୍ୟପଟେ ଆଗାମୀ ୫ଦିନ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ରହିଛି। ଏହି ଦିନଗୁଡ଼ିକରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ବା ତାହାଠାରୁ ଅଧିକ ହୋଇପାରେ। ସେହିପରି ଝଡ଼ବର୍ଷା ନେଇ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି।

ରବିବାର ରାଜ୍ୟର ୧୪ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଥିଲା। ସମ୍ବଲପୁରରେ ସର୍ବାଧିକ ୪୩.୩ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଏହା ପଛକୁ ହୀରାକୁଦ ୪୨.୮. ବୌଦ୍ଧ ୪୨.୬ ଡିଗ୍ରୀ, ବଲାଙ୍ଗୀର ୪୨.୪ ଡିଗ୍ରୀ, ରାଉରକେଲା ଓ ବରଗଡ଼ରେ ୪୨ ଡିଗ୍ରୀ, ସୋନପୁର ୪୧.୯ ଡିଗ୍ରୀ, ଟିଟିଲାଗଡ଼ ୪୧.୫ ଡିଗ୍ରୀ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ୪୧.୪ ଡିଗ୍ରୀ, ଚାନ୍ଦବାଲି ୪୧ ଡିଗ୍ରୀ, ଭବାନୀପାଟଣା ୪୦.୬ ଡିଗ୍ରୀ, ବାରିପଦା ୪୦.୪ ଡିଗ୍ରୀ ଏବଂ ତାଳଚେରରେ ୪୦.୦ ଡିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ତାପମାତ୍ରା ୩୯.୫ ଡିଗ୍ରୀ ରହିଥିବାବେଳେ ରାଜ୍ୟର ଅନ୍ୟ ୯ ସହରରେ ସର୍ବାଧିକ ତାପମାତ୍ରା ୩୯ରୁ ୪୦ ଡିଗ୍ରୀ, ୪ ସହର ୩୮ ଡିଗ୍ରୀ ଓ ୧୨ ସହରର ତାପମାତ୍ରା ୩୩ରୁ ୩୭ ଡିଗ୍ରୀ ମଧ୍ୟରେ ରହିଥିଲା। କଟକରେ ପାରଦ ୩୭.୫ ଡିଗ୍ରୀ ରହିଥିଲେ ମଧ୍ୟ ପ୍ରବଳ ଗୁଳୁଗୁଳି ହୋଇଥିଲା।

ତେବେ ସୋମବାର ପ୍ରାୟ ୭ ଜିଲାରେ ପବନ, ବିଜୁଳି, ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିପାଇଁ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ କୋରାପୁଟ, ରାୟଗଡ଼ା, କନ୍ଧମାଳ, ଖୋର୍ଦ୍ଧା, କଟକ, ନୟାଗଡ଼, ଗଜପତି ଓ ଗଞ୍ଜାମ ଆଦି ଜିଲାର କେତେକ ସ୍ଥାନରେ ମଧ୍ୟ ଝଡ଼ବର୍ଷାର ସମ୍ଭାବନା ରହିଛି।

## ଦୃଢ଼ତାର ସହ ଆତଙ୍କବାଦ, ହିଂସାକୁ ବିରୋଧ କରାଯିବ

### ପୋଲିସ ମୁଖ୍ୟାଳୟରେ ଆତଙ୍କବାଦ ନିରୋଧୀ ଶପଥ ପାଠ



ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆଇଜି ପ୍ରବୀଣ କୁମାର ଶପଥପାଠ କରାଉଛନ୍ତି।

**କଟକ ଅଫିସ,୨୧।୫:** ଦେଶର ଅହିଂସା ଓ ସହନଶୀଳତା ଉପରେ ଦୃଢ଼ ବିଶ୍ୱାସ ରଖି ସମସ୍ତ ଶକ୍ତି ସହିତ ଆତଙ୍କବାଦ ଓ ହିଂସାର ବିରୋଧ କରାଯିବ। ମାନବ ଜୀବନ ଓ ମୂଲ୍ୟବୋଧ ପ୍ରତି ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କ ସହ ସଂଗ୍ରାମ କରାଯିବ। ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଏଭଳି ଶପଥ ନେଇଛନ୍ତି। ଆତଙ୍କବାଦ ନିରୋଧୀ ଦିବସ ଉପଲକ୍ଷେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଆତଙ୍କବାଦ ନିରୋଧୀ ଶପଥ ପାଠ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇ.ଜି. (କାର୍ମିକ) ପ୍ରବୀଣ କୁମାର ଯୋଗଦେଇ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପଙ୍କଜ କୁମାର ନାୟକ ଓ ସୁବେଦାର ଅଶୋକ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୦୨୪ରୁ ସବୁ ପିଲା ସ୍ମାର୍ଟ କ୍ଲାସ୍‌ରେ ପଢ଼ିବେ



୫-ଟି ସଚିବ ଭି.କେ. ପାଣ୍ଡିଆନ ବୋଡ଼େନ ଗସ୍ତ ସମୟରେ ଲୋକଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

- ନୂଆପଡ଼ା ଗସ୍ତରେ ୫-ଟି ସଚିବ
- ମା' ସୁନାଦେଈଙ୍କ ଆଶୀର୍ବାଦ ଭିକ୍ଷା କଲେ

ନୂଆପଡ଼ା ଅଫିସ/ବୋଡ଼େନ/ ଖଡ଼ିଆଳ,୨୧।୫(ଡି.ଏନ.ଏ.)

୨ ଦିନିଆ କଳାହାଣ୍ଡି ଜିଲା ଗସ୍ତ ପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ରବିବାର ଦିନିକିଆ ନୂଆପଡା ଜିଲା ଗସ୍ତରେ ଆସି ଅନେକ ପ୍ରକଳ୍ପ ପରିଦର୍ଶନ କରି ଉନ୍ନତୀକରଣ ପାଇଁ ପଦକ୍ଷେପ ନେଇଛନ୍ତି। ପ୍ରଥମେ ସିନାପାଲି ବ୍ଲକ ଗନ୍ତ୍ରାମାଲ ମେଗା ଲିଫ୍ଟ ଇରିଗେସନ ପ୍ରକଳ୍ପ ପରିଦର୍ଶନ କରି ତୃତୀୟ ପର୍ଯ୍ୟାୟରେ ରୂପାନ୍ତରିତ ଲିଟିସର୍ଗି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ବୋଡେନ ବ୍ଲକର ପାତାଳଗଙ୍ଗା ତୀର୍ଥସ୍ଥଳ ବୁଲି ଦେଖିବା ପରେ ତାହାର ଉନ୍ନତୀକରଣ କରାଯିବ ବୋଲି କହିଥିଲେ। ସେଠାରେ ଉପସ୍ଥିତ ମିଶନଶକ୍ତି ମହିଳାଙ୍କ ସହିତ ଆଲୋଚନା କରିଥିଲେ। ଉପସ୍ଥିତ ସାଧାରଣ ଲୋକ ତଥା ବିଭିନ୍ନ ସଙ୍ଗଠନ ପକ୍ଷରୁ ସଚିବଙ୍କୁ ବିଭିନ୍ନ ଅଭିଯୋଗ ତଥା ଦାବିପତ୍ର ପ୍ରଦାନ କରାଯାଇଥିଲା। ସଚିବ ଲୋକଙ୍କଠାରୁ ଦରଖାସ୍ତ ଗ୍ରହଣ କରିବା ସହ ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ପରେ ଖଡିଆଳ ଆସି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ପେରିଫେରାଲ ବିକାଶ ଉପରେ ସମୀକ୍ଷା କରିଥିଲେ। ସେଠାରୁ କୋମନା ବ୍ଲକ ଯାଇଥିଲେ। ବ୍ଲକର କୋନାବିରାଠାରେ ଏକ ବଡଧରଣର ମେଗା ଲିଫ୍ଟ ଜଳସେଚନ କରାଯିବ। ଫଳରେ ବ୍ଲକର ଅଧିକାଂଶ ପଞ୍ଚାୟତର ଚାଷୀମାନେ ଉପକୃତ ହେବେ ବୋଲି ସଚିବ କହିଥିଲେ। ସେଠାରୁ ହେଲିକପ୍ଟର ଯୋଗେ ସୁନାବେଡ଼ା ଯାଇଥିଲେ। ଚକୋଟିଆ ଭୁଞ୍ଜିଆମାନଙ୍କ ଇଷ୍ଟଦେବୀ ମା' ସୁନାଦେଈ ମନ୍ଦିରରେ ପୂଜା କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଅଭୟାରଣ୍ୟ ଭିତରେ ବାସ କରୁଥିବା ବନବାସୀମାନଙ୍କ ସହ ଚକୋଟିଆ ଭୁଞ୍ଜିଆଙ୍କ ବିକାଶ ଉପରେ ଆଲୋଚନା କରିଥିଲେ। ସେଠାରୁ ଫେରି ନୂଆପଡା ସଦର ମହକୁମାରେ ନୂତନ ଭାବେ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡର ସମୀକ୍ଷା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆମ ହସ୍ପିଟାଲ ଉପରେ ସମୀକ୍ଷା କରିଥିଲେ। ପତୋରା ଯୋଗେଶ୍ୱର ମନ୍ଦିର ଦର୍ଶନ କରି ପର୍ଯ୍ୟଟନ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ବିକାଶ ଉପରେ ଆଲୋଚନା କରିଥିଲେ। ସେଠାରୁ ଯାଇ ନୂଆପଡା ନ୍ୟାଶନାଲ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଜିଲାର ୨୩ଟି ମହାବିଦ୍ୟାଳୟ ଓ ୭ଟି ଡିଗ୍ରୀ ମହାବିଦ୍ୟାଳୟର ଖୁବ୍‌ଶୀଘ୍ର ରୂପାନ୍ତରିତ କାମ ଆରମ୍ଭ ହେବ। ଏହା ୨୦୨୩ ଡିସେମ୍ବର ସୁଦ୍ଧା ଶେଷ ହେବ। ସବୁ ମହାବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀ ଗୃହ ସାଙ୍ଗକୁ ଇ-ଲାଇବ୍ରେରୀ ଓ କମ୍ପ୍ୟୁଟରୀକରଣ ବ୍ୟବସ୍ଥା ରହିବ। ଉଚ୍ଚ ବିଦ୍ୟାଳୟ ପରି ସବୁ ମହାବିଦ୍ୟାଳୟ ରୂପାନ୍ତରିତ ହେବ। ୨୦୨୪ ଜାନୁୟାରୀ ମଧ୍ୟରେ ସବୁ ପିଲା ସ୍ମାର୍ଟ କ୍ଲାସରେ ପାଠ ପଢିବେ ବୋଲି କହିଥିଲେ। ସେଠାରେ ଏକ ସାଧାରଣ ଅଭିଯୋଗ କାର୍ଯ୍ୟକ୍ରମ ରଖାଯାଇଥିଲା। ସେଠାରେ ସବୁବର୍ଗର ଲୋକେ ଦରଖାସ୍ତ ଦେଇଥିଲେ। ଶେଷରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସହ ସେଲ୍‌ଫି ନେଇ ଗୋତମା ଏୟାରଷ୍ଟ୍ରିପରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ୫-ଟି ସଚିବଙ୍କ ଗସ୍ତ ସମୟରେ ଡିଆଇଜି ରାଜେଶ ପଣ୍ଡିତ, ନୂଆପଡା ଜିଲାପାଳ ହେମକାନ୍ତ ସାଏ, ଆରକ୍ଷୀ ଅଧୀକ୍ଷକ ଗୁଦାଲା ରେଡ୍ଡୀ ରାଘବେନ୍ଦ୍ର, ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ଜିଲାସ୍ତରୀୟ ଅଧିକାରୀ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା
(୨୬.୧୧.୧୯୩୧ - ୨୨.୦୫.୨୦୧୮)

imfa

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

Tel: +91 674 2611000 | Email: memoriam@imfa.in

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ



# କର୍ନାଟକର ସଙ୍କେତ



ସୌଭାଗ୍ୟ ସୁନ୍ଦରରାୟ

କର୍ନାଟକ ବିଧାନସଭା ନିର୍ବାଚନ ଫଳାଫଳ କଂଗ୍ରେସ ସପକ୍ଷରେ ଯାଇଛି। ଏଥିସହ ଭାଜପାର ଦାକ୍ଷିଣାତ୍ୟ ବିଜୟ ସ୍ୱପ୍ନ ଚୂର୍‌ମାର ହୋଇଯାଇଛି। ଏକ ଘମାଘୋଟପୂର୍ଣ୍ଣ ଲଢ଼େଇରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠତା ଲାଭ କରିଛି। ଯଦିଓ ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ଆଉ ୪ଟି ରାଜ୍ୟର ନିର୍ବାଚନ ବାକି ରହିଛି, ତଥାପି ଏକ ବଡ଼ ରାଜ୍ୟ ଓ ଦାକ୍ଷିଣାତ୍ୟର ଦ୍ୱାର ଭାବେ ପରିଚିତ କର୍ନାଟକର ସଫଳତା ଦଳ ପାଇଁ ଯେ କେବଳ ଆତ୍ମବିଶ୍ୱାସ ଆଣିଛି ସେକଥା ନୁହେଁ, ଜାତୀୟ ସ୍ତରରେ ୨୦୨୪ ଲୋକ ସଭା ନିର୍ବାଚନ ନିମନ୍ତେ ଭାଜପା ବିରୋଧୀ ରାଜନୀତି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ହେବ ବୋଲି ମନେକରାଯାଉଛି। ଭାଜପାର ଦୁର୍ନୀତିମୂଳକ ଶାସନ ଓ ମୁସ୍‌ଲିମ ସଂରକ୍ଷଣ ବାତିଲ ବିରୋଧରେ ଚଳିତ ଜନମତ ଯାଇଥିବା ମନେକରାଯାଏ। ଏହା ପଛକୁ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ତେଲଙ୍ଗାନା ବିଧାନସଭା ନିର୍ବାଚନ ରହିଛି। କର୍ନାଟକକୁ ମିଶାଇ ଏହି ୫ ରାଜ୍ୟର ମୋଟ ଲୋକ ସଭା ଆସନ ସଂଖ୍ୟା ୧୧୦। ଛତିଶଗଡ଼ ଓ ରାଜସ୍ଥାନ ଏବେ କଂଗ୍ରେସ ଦଖଲରେ ରହିଥିବା ବେଳେ ତେଲଙ୍ଗାନା ଆଞ୍ଚଳିକ ଦଳ ଭାରତ ରାଷ୍ଟ୍ର ସମିତି ଦଖଲରେ ରହିଛି। ମୂଳରୁ ମଧ୍ୟପ୍ରଦେଶ କଂଗ୍ରେସ ଦଖଲରେ ଥିଲେ ମଧ୍ୟ ଦଳର ବିଧାୟକ ଜ୍ୟୋତିରାଦିତ୍ୟ ସିନ୍ଧିଆ ବିଦ୍ରୋହ ଘୋଷଣା କରି ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗଦେବା ଫଳରେ ରାଜ୍ୟରେ କଂଗ୍ରେସ ସରକାରର ପତନ ଘଟିଥିଲା। ଏଣୁ ସାମ୍ପ୍ରତିକ କର୍ନାଟକ ନିର୍ବାଚନ ଫଳାଫଳ ଆଗାମୀ ଦିନରେ ଅନ୍ୟ ରାଜ୍ୟର ନିର୍ବାଚନକୁ ପ୍ରଭାବିତ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

କର୍ନାଟକ ନିର୍ବାଚନ ଫଳାଫଳ ସମୀକ୍ଷା କରିବା ଅବସରରେ 'ଭାରତ ଯୋଡ଼ୋ' ଯାତ୍ରା ବିଷୟ ଚିନ୍ତା କରିବାକୁ ପଡ଼ିବ। 'ଭାରତ ଯୋଡ଼ୋ' ଯାତ୍ରା ପରେ ରାହୁଲ ଗାନ୍ଧୀ ଆଉ 'ପପୁ' ବା 'ଯୁବରାଜ' ହୋଇ ମଧ୍ୟ ରହିନାହାନ୍ତି। ଶୁଭ୍ର ଟି–ଶାର୍ଟରେ ଅର୍ଦ୍ଧପକ୍ୱ ବର୍ଦ୍ଧିତ ଶ୍ମଶ୍ରୁ ରାହୁଲଙ୍କୁ ଆମ୍ ଆଦ୍‌ମୀରେ ପରିଣତ କରିପାରିଛି। ୨୦୨୨ ମସିହା ସେପ୍ଟେମ୍ବର ୭ ତାରିଖରୁ ତାମିଲନାଡୁର କନ୍ୟାକୁମାରୀଠାରୁ ଏହି ଯାତ୍ରା ଶୁଭାରମ୍ଭ ହୋଇ ଜମ୍ମୁ–କଶ୍ମୀରର ଶ୍ରୀନଗରରେ ଶେଷ ହୋଇଥିଲା। ଦେଶର ୧୨ଟି ରାଜ୍ୟ ଦେଇ ଏହି ଯାତ୍ରା ୩୫୭୦ କିଲୋମିଟର ଅତିକ୍ରମ କରିବା ସହ ପଦଯାତ୍ରୀ ଚାଲିଥିଲେ ୧୫୦ ଦିନ। ବହୁ ବର୍ଣ୍ଣ ଓ ବହୁ ଭାଷାଭାଷୀ ରାଷ୍ଟ୍ର ଭାରତବର୍ଷ ସମ୍ପର୍କରେ ଏହି ପଦଯାତ୍ରା ସମୟରେ ରାହୁଲ ଅନେକ ଅନୁଭୂତି ହାସଲ କରିଥିବା ସ୍ୱୀକାର କରିଥିଲେ। ଯାତ୍ରା ସମୟରେ ବିଭିନ୍ନ ବର୍ଗ ଜନସାଧାରଣଙ୍କ ସଂସ୍ପର୍ଶରେ ଆସିଥିଲେ, ସେମାନଙ୍କ ସହ ମତ ବିନିମୟ କରିଥିଲେ। ବିଭିନ୍ନ ସ୍ଥାନରେ ଜନସାଧାରଣ ଏହି ଯାତ୍ରାରେ ସାମିଲ ହୋଇଥିଲେ। ଦେଶ ଓ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଯାତ୍ରାକୁ ନେଇ ପ୍ରଥମରୁ ଭାରତୀୟ ଜନତା ପାର୍ଟି ଯେଉଁ ଚିତ୍ର ସୃଷ୍ଟି କରିବାକୁ ଚାହୁଁଥିଲା ତାହା ସଫଳ ହୋଇପାରିଲା ନାହିଁ। ପ୍ରଥମରୁ ରାହୁଲଙ୍କ ଟି–ଶାର୍ଟର ମୂଲ୍ୟକୁ ନେଇ ଭାଜପା ଏକ ନକାରାତ୍ମକ ଛବି ସୃଷ୍ଟି କରିବାକୁ ଚାହିଁଲା। ରାହୁଲ ୪୧,୦୦୦ ଟଙ୍କା ମୂଲ୍ୟର ବରବେରୀ ଟି–ଶାର୍ଟ ପିନ୍ଧି ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଛନ୍ତି ବୋଲି ଦଳ ପକ୍ଷରୁ କୁହାଗଲା। ବିଦେଶୀ ଶାର୍ଟ ପିନ୍ଧି ଭାରତ ଯୋଡ଼ୋ ଯାତ୍ରା କରୁଛନ୍ତି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଦଳର ବରିଷ୍ଠ ନେତା ଅମିତ୍ ଶାହା କହିଲେ। ଏହା ବିରୋଧରେ ସାମାଜିକ ଗଣମାଧ୍ୟମରେ ପ୍ରବଳ ଟ୍ରୋଲ ହେଲା। ପ୍ରଧାନମନ୍ତ୍ରୀଙ୍କ ପୋଷାକ ଓ ଚଷମାର ଦର କଥା ମଧ୍ୟ ଉଠିଲା। ଫଳରେ ଭାଜପା ତତ୍‌କ୍ଷଣାତ୍ ଚୁପ୍ ରହିବାକୁ ବାଧ୍ୟ ହୋଇଥିଲା। ବିଭିନ୍ନ ସ୍ଥାନରେ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ମଧ୍ୟ ଏହି ଯାତ୍ରାରେ ସାମିଲ ହେଲେ। ରାହୁଲଙ୍କ ଶ୍ମଶ୍ରୁ ଦେଖି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସଦ୍ଦାମଙ୍କ ପରି ରାହୁଲ ଦେଖାଯାଉଥିବା କହିଲେ। ଶର୍ମା ୨୦୧୫ ମସିହାରେ କଂଗ୍ରେସ ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଥିଲେ। କର୍ନାଟକ ଯାତ୍ରା କାଳରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର କେ. ସୁଧାକର ଭାରତ ଯୋଡ଼ୋ ଯାତ୍ରାକୁ ଦିଶାହୀନ ବୋଲି ବର୍ଣ୍ଣନା କଲେ। ସୁଧାକର ୨୦୧୯ ମସିହାରେ କଂଗ୍ରେସର କିଛି ନେତାଙ୍କ ସହ ଦଳତ୍ୟାଗ କରି ଭାଜପାରେ ସାମିଲ ହୋଇଥିଲେ। ଏଣୁ ଦଳତ୍ୟାଗୀଙ୍କ ଏ ପ୍ରକାର ବ୍ୟକ୍ତିଗତ ଆକ୍ଷେପ ସାଧାରଣରେ ଗ୍ରହଣୀୟ ହୋଇପାରିଲା ନାହିଁ। ଭାଜପାର ବିଭିନ୍ନ ମନ୍ତବ୍ୟ ସତ୍ତ୍ୱେ ରାହୁଲ ଯାତ୍ରାକାଳରେ ପ୍ରତିକ୍ରିୟାଶୀଳ ହୋଇନଥିବା ଦେଖାଯାଇଥିଲା। ଯେଉଁ ଲକ୍ଷ୍ୟ ନେଇ ସେ ଏହି ଯାତ୍ରା ଆରମ୍ଭ କରିଥିଲେ, ତାହା ହାସଲ କରିବା ନିମନ୍ତେ ସେ ନିର୍ଲିପ୍ତ ଭାବେ ଚାଲିଥିବା ଦେଖାଯାଇଥିଲା। ଏପରିକି ବିଧାନସଭା ନିର୍ବାଚନ ହେଉଥିବା ହିମାଚଳ ପ୍ରଦେଶ ଓ ଗୁଜରାଟ ପ୍ରତି ସେ ଦୃଷ୍ଟି ଦେଇନଥିଲେ। ଯାତ୍ରା କାଳରେ ରାହୁଲ ବିଶେଷ ରାଜନୈତିକ ମନ୍ତବ୍ୟ ପ୍ରଦାନ କରିନଥିଲେ। କେବଳ ମହାରାଷ୍ଟ୍ରରେ ଭୀର ସଭରକରଙ୍କ ପ୍ରତି ରାହୁଲଙ୍କ କିଛି ମନ୍ତବ୍ୟ ବିବାଦ ସୃଷ୍ଟି କରିଥିଲା। ତେବେ ପରବର୍ତ୍ତୀ ସମୟରେ ରାହୁଲ ନିଜେ ଏହି ବିବାଦର ସମାଧାନ କରିପାରିଥିଲେ। ଏହା ଏକପ୍ରକାର ତାଙ୍କ ରାଜନୈତିକ ପରିପକ୍ୱତାକୁ ସୂଚିତ କରିଥିଲା। ଦେଶରେ କର୍ମନିଯୁକ୍ତି ଅଭାବ, ଦରଦାମ ବୃଦ୍ଧି, ସାମାଜିକ ବିଭାଜନକରଣ, ଧାର୍ମିକ ବିଭେଦ, ଗଣତନ୍ତ୍ର ପ୍ରତି ବିପଦ, କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଆଦି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବାରେ ଅନେକାଂଶରେ ରାହୁଲ ସଫଳ ହୋଇଥିଲେ। ଏହା ଯେ ଭୋଟ ଆକାରରେ ରୂପାନ୍ତରିତ ହୋଇ ସର୍ବଦା ଦଳର ନିର୍ବାଚନ ବିଜୟରେ ସହାୟକ ହେବ ତାହା କୁହାଯାଇନପାରେ। କିନ୍ତୁ ଏହା ଯେ ଦେଶର ପ୍ରମୁଖ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ନିଷ୍କ୍ରିୟତା ଭାଙ୍ଗିବାରେ ସହାୟତା ହୋଇଛି, ତାହା କର୍ନାଟକ ସଫଳତାରୁ ଜଣାପଡୁଛି। ଏହି ଯାତ୍ରାରୁ ଲବ୍ଧ ଅନୁଭୂତି ଓ ଆତ୍ମବିଶ୍ୱାସ ଏବେ କର୍ନାଟକ ବିଧାନସଭାରେ ନିର୍ବାଚନ ଫଳାଫଳରେ ପ୍ରତିଫଳିତ ହୋଇଥିବା କୁହାଯାଇପାରେ। ଏ ପ୍ରକାର ଏକ ପଦଯାତ୍ରା ୧୯୮୩ରେ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର କରିଥିଲେ। ତାହା ଥିଲା କନ୍ୟାକୁମାରୀରୁ ଦିଲ୍ଲୀ ପର୍ଯ୍ୟନ୍ତ। ଏହି ଯାତ୍ରା କାଳରେ ସେ କହିଥିଲେ, 'ତ୍ରାଣକର୍ତ୍ତା ଭାବେ ମୁଁ ଏଠାକୁ ଆସିନାହିଁ, ଭାରତର ସମସ୍ୟା ଓ ଅଜଣା ଦିଗକୁ ଜାଣିବା ପାଇଁ ମୁଁ ଏହି ପଦଯାତ୍ରା ଆରମ୍ଭ କରିଛି।'



ସେହିପରି ଅନ୍ୟ ଦିଗରୁ ଦେଖିଲେ ଗାନ୍ଧୀ ପରିବାର ହାତରେ ଏବେ କଂଗ୍ରେସର ଡୋର ନାହିଁ। ଦୀର୍ଘ ବର୍ଷ ଧରି କଂଗ୍ରେସ ସଭାପତି ଦାୟିତ୍ୱ ତୁଲାଇବା ପରେ ସୋନିଆ ଗାନ୍ଧୀ ଏଥିରୁ ଅବ୍ୟାହତି ନେଇଛନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ କଂଗ୍ରେସର ଯୁଆଳି ପଡ଼ିଛି ମଲ୍ଲିକାର୍ଜୁନ ଖାର୍ଗେଙ୍କ କାନ୍ଧରେ। ମଲ୍ଲିକାର୍ଜୁନ ଜଣେ ଅଭିଜ୍ଞ ରାଜନେତା। ଦଳିତ ବର୍ଗର ଜଣେ ସଂଭ୍ରମ ତଥା ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ନେତା ଭାବେ ସେ ପରିଚିତ। କଂଗ୍ରେସ ସଭାପତି ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ କର୍ନାଟକ ବିଧାନସଭା ନିର୍ବାଚନର ମଙ୍ଗ ସେ ଧରିଥିଲେ। ଏଥିରୁ ସୁଫଳ ମଧ୍ୟ ମିଳିଲା। ଏହି ପରିପ୍ରେକ୍ଷୀରେ କହିବାକୁ ଗଲେ କଂଗ୍ରେସ ବିରୋଧରେ ଏବେ ଆଉ ବଂଶବାଦ ଅଭିଯୋଗ ନାହିଁ। ଏଣୁ ଆଗାମୀ ନିର୍ବାଚନ ନିମନ୍ତେ କଂଗ୍ରେସ ବିପକ୍ଷରେ ଭାରତୀୟ ଜନତା ପାର୍ଟିକୁ ନୂଆ ନିର୍ବାଚନୀ ଟ୍ୟାଗ୍‌ଲାଇନ ଖୋଜିବାକୁ ପଡ଼ିବ। ଆଗାମୀ ଦିନରେ ଯେଉଁ ରାଜ୍ୟରେ ବିଧାନସଭା ନିର୍ବାଚନ ହେବ, ସେଥିରେ ମଧ୍ୟପ୍ରଦେଶର ୨୩୦, ରାଜସ୍ଥାନର ୨୦୦, ଛତିଶଗଡ଼ର ୯୦ଟି ଓ ତେଲଙ୍ଗାନାର ୧୧୯ଟି ଆସନ ରହିଛି। ଏହି ରାଜ୍ୟଗୁଡ଼ିକର ଲୋକ ସଭା ଆସନ ସଂଖ୍ୟା ଯଥାକ୍ରମେ ୨୯, ୨୫, ୧୧ ଓ ୧୭। ତେବେ ବିଧାନସଭା ନିର୍ବାଚନର ସଫଳତା ଯେ ଲୋକ ସଭା ନିର୍ବାଚନକୁ ପ୍ରଭାବିତ କରିବ, ତାହାର ମଧ୍ୟ କୌଣସି ନିଶ୍ଚିତତା ନ ଥାଏ। ବିଧାନସଭା ନିର୍ବାଚନ ସାଧାରଣତଃ ଆଞ୍ଚଳିକ ସମସ୍ୟାକୁ ନେଇ ଲଢ଼ାଯାଇଥାଏ ଓ ଲୋକ ସଭା ନିର୍ବାଚନରେ ଜାତୀୟ ସମସ୍ୟା ପ୍ରତିଫଳିତ ହୋଇଥାଏ। ତେବେ କର୍ନାଟକ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବ୍ୟାପକ ପ୍ରଚାର ଅଭିଯାନ ଦଳକୁ ବିଶେଷ ସୁଫଳ ଦେଇପାରି ନ ଥିବାରୁ କେନ୍ଦ୍ରୀୟ ନୀତି ପ୍ରତି ଜନ ଆକ୍ରୋଶ ରହିଥିବା ଅନୁମେୟ।

ମୋ: ୯୪୩୭୨୨୯୨୩୩

## ପରିବେଶ ଓ ମା'



ଡ. ଅରୁନ୍ଧତୀ ଦେବୀ

ମାମାକୁ ତା' ମା' କହିଲେ, 'ତୁ ଟିକେ ରୋଷେଇଘରୁ ଚିନି ଡବାଟା ଆଣିଲୁ'। ମାମା ଶୁଣିଲା ନାହିଁ। ପୁଣି ଥରେ ନିଜ କଣ୍ଠସ୍ୱର ଉଚ୍ଚକରି କହିଲେ। ତଥାପି ମାମା ହୁଙ୍କିଲା ନାହିଁ। ଏଥର ଚିତ୍କାର କରି କହିଲେ, କିନ୍ତୁ ମାମା ଶୁଣି ନ ଶୁଣିଲା ପରି ଶୋଇବା ଘରକୁ ଚାଲିଗଲା। ଶେଷରେ ତା'ର ମା' ମାମା ଚୁଟିଝିଙ୍କି ତା' ପିଠିରେ ଦୁମ୍‌କିନା ବିଧାଟାଏ କଷିଦେଲେ। ମାମା ଜୋରରେ କାନ୍ଦିଲା। କିଛି ଉତ୍ତର ନ କଲେ ବି ମନମାରି ବସିଗଲା। ନା ପାଠ ପଢ଼ିଲା ନା ଆଉ କିଛି କାମ କଲା। ଏଥିରୁ ଜଣାପଡ଼ିଲା ମାମାର ମା' ତାକୁ କେମିତି ଶିକ୍ଷା–ଦୀକ୍ଷା ବା ସଂସ୍କାର ଦେଇଛନ୍ତି ? ଅବଶ୍ୟ ତା'ମା'ଙ୍କୁ ସମ୍ପୂର୍ଣ୍ଣ ଦୋଷାରୋପ କରିବା ଠିକ୍ ନୁହେଁ। ମାମାର ଜନ୍ମଗତ ପ୍ରକୃତି ଏବଂ ସେ ରହୁଥିବା ପରିବେଶ ବି ଏଥିପାଇଁ ଦାୟୀ। କିନ୍ତୁ ଶିଶୁଟିର ବୋଧଶକ୍ତି ଆସିବା ଆରମ୍ଭରୁ ଯଦି ତା' ମା'ତାକୁ କେତୋଟି ପ୍ରାଥମିକ ଚଳଣି, ବ୍ୟବହାର ଏବଂ ହାବଭାବ ଶିଖାନ୍ତି ତା'ହେଲେ ସେ ଅନ୍ତତଃ ସେସବୁକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତା।

ସ୍ନେହ ଦେଇ ଶିଶୁଙ୍କୁ ଆପଣାର କରିହୁଏ। କିନ୍ତୁ ସେହି ସ୍ନେହ ମାପିଚୁପି ବିତରଣ କରିବା ଉଚିତ। ପୁଣି ଭୟ ଦେଖାଇବା ଆଉ ଏକ ଅସ୍ତ୍ର, ଯାହା ମା' ଶିଶୁଟିର ବେପରୁଆ ନୀତିକୁ ଲଗାମ ଲଗାଏ। ଏମିତିରେ ପ୍ରତିଟି କଥାରେ ଭଲ–ଖରାପ ବାଛି ଶିଶୁକୁ ସେ ବିଷୟରେ ସଚେତନ କରିବା ମା'ଙ୍କର ଗୁରୁଦାୟିତ୍ୱ। ତେବେ ଶିଶୁଟିର ଜନ୍ମଗତ ପ୍ରକୃତି ଯଦି ବେପରୁଆ ଜଣାପଡ଼େ, ମା' ତା'ପ୍ରତି ଅଙ୍କୁଶ ଲଗାଇବା ବିଧେୟ। ଶିଶୁର କେତେକ ସ୍ୱଭାବ ଭଲ ଅର୍ଥାତ୍ ଗଠନାତ୍ମକ ହୋଇଥିବାବେଳେ, କେତେକ ସ୍ୱଭାବ ନକାରାତ୍ମକ ହୋଇଥାଏ। ତେବେ ନକାରାତ୍ମକ ସ୍ୱଭାବରୁ ଶିଶୁକୁ ନିବୃତ୍ତ ରଖିବା ଉଚିତ। କେତେକ କ୍ଷେତ୍ରରେ ଶିଶୁର କିଛି ବଳବତ୍ତର ପ୍ରକୃତି ପରିଲକ୍ଷିତ ହୁଏ ଯାହା ତା'ର ମା'ଙ୍କୁ ଭଲ ଲାଗେ, ଖରାପ ବି ଲାଗେ। କାରଣ କିଛି ଅଶୋଭନୀୟ କଥାରେ ଯଦି ଶିଶୁ ଜିଦ୍ କରିବସେ ସେଥିରୁ ମା'ବାରଣ କରିଥା'ନ୍ତି। ଏତେବେଳେ ଶିଶୁ ଓ ମା'ମଧରେ ପାଚେରି ଗଢ଼ିଉଠେ। ପିଲା ଚାହେଁ ତାହା କରିବାକୁ; କିନ୍ତୁ ମା' ତାକୁ ବାରଣ କରେ। ଧୀରେ ଧୀରେ ଶିଶୁ ଅନୁଭବ କରେ ତା' ମା' ତା'ର ବିରୋଧୀ। ତଥାପି ମା' ସବୁ କଥାରେ ଆଦୌ ବୁଝାମଣା କରିବା ଅନୁଚିତ।

ପରିବେଶ ଅନୁସାରେ ପିଲାଟି କେତେକ ନ କରିବା କଥା କରିବସେ। ପୁଣି ପରିବେଶ ପ୍ରଭାବରେ ସେ ଉପସ୍ଥିତ ବୁଦ୍ଧିସମ୍ପନ୍ନ, ପ୍ରତ୍ୟୁତ୍ପନ୍ନମତି, ଚତୁର ଏବଂ ସାହସୀ ହୋଇଥାଏ। କେତେକ ବସ୍ତୁ, ବ୍ୟକ୍ତି ଏବଂ ଆଚାର ବ୍ୟବହାର ତାକୁ ଅନେକ କଥା ଜାଣିବାରେ ସାହାଯ୍ୟ କରେ। ଅନ୍ୟକୁ ଅନୁକରଣ କରିବା ପ୍ରାୟ ଶିଶୁଟି ଏଇ ପରିବେଶରୁ ହିଁ ଶିଖିଥାଏ। କିନ୍ତୁ ଏଇ ପରିବେଶ ବି ପିଲାଟିକୁ ବିପଥଗାମୀ କରାଏ। କାରଣ ପରିବେଶ ପ୍ରଭାବରେ ସେ ନିଜର ଉତ୍ତମ ସ୍ୱଭାବ ଏବଂ ମା'ର ସୁଶିକ୍ଷାକୁ ଧୀରେ ଧୀରେ ଭୁଲିବାକୁ ବସେ। ଯେତେବେଳେ ସେ ସମ୍ପୂର୍ଣ୍ଣ ପରିବେଶର ସମର୍ଥକ ହୋଇଯାଏ, ସେତେବେଳେ ତାକୁ ସ୍ୱପ୍ରକୃତି ବା ମା'ଙ୍କ ଶିକ୍ଷା–ଦୀକ୍ଷାରୁ ବିଚ୍ୟୁତ ହେବାକୁ ପଡ଼େ। ତେଣୁ ପିଲାଟିକୁ ପୂରାପୂରି ପରିବେଶର ଅଧୀନ କରିବା ଅନୁଚିତ। ବରଂ ତା'ର ଏକାକିତ୍ୱ ଅନୁଭବ ଦୂର କରିବାକୁ ପରିବେଶ ସହ କେବେ କେବେ ମିଶିବାର ସୁଯୋଗ ଦେବା ଠିକ୍। ଯଦି କୌଣସି ପରିବେଶରେ ପିଲାଟି ବିଶୃଙ୍ଖଳିତ, ବେପରୁଆ କି ବିପଥଗାମୀ ହୋଇଯାଉଛି, ତା'ହେଲେ ଯଥାଶୀଘ୍ର ତାକୁ ସେଠାରୁ ଦୂରେଇ ନିଅନ୍ତୁ। ପରିବେଶ ଯେ ପିଲାର ବିରୋଧୀ ହୁଏ ତା'ନୁହେଁ – ବେଳେ ବେଳେ ମା'ବାପାଙ୍କୁ ଯେଉଁ ପରିବେଶରେ ସୁହାଉ ନ ଥାଏ, ସେ ପରିବେଶରେ ପିଲାଟି ଖାପଖୁଆଇ ପାରେ। ପିଲାକୁ ଯେଉଁ ପରିବେଶରେ ରଖୁଛନ୍ତି ସେ ପରିବେଶର ସେ ସମର୍ଥକ କି ନୁହେଁ, ଅନୁଧ୍ୟାନ କରନ୍ତୁ। ନଚେତ୍ ତାକୁ ସୁହାଉ ନ ଥିବା ପରିବେଶ ତା'ର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ଅନ୍ତରାୟ ହୋଇପାରେ। ଯେଉଁ ପିଲା ଯେପରି ହେବା କଥା ସେପରି ହେବ। ଅବଶ୍ୟ ଏଭଳି ଲୋକବିଶ୍ୱାସ ଭୁଲ୍ ନୁହେଁ। କାହିଁକିନା ମଫସଲ ଅଞ୍ଚଳରେ ରହି ପିଲାଟି ସେଠାକାର ଅନୁନ୍ନତ ପରିବେଶରେ ମଧ୍ୟ ନିଜର ଶାରୀରିକ ଓ ମାନସିକ ବିକାଶ କରିପାରୁଛି। କିନ୍ତୁ ସହର ପରିବେଶରେ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ବି ପିଲାମାନେ ସେମିତି କିଛି ଆଖିଦୃଶିଆ ଦିଗରେ ଓସ୍ତାଦ ହୋଇ ପାରୁନାହାନ୍ତି। ତେଣୁ ଯିଏ ଯେମିତି ହେବା କଥା ସେମିତି ହେବ କଥାଟି ଏଭଳି କ୍ଷେତ୍ରରେ ପ୍ରଯୁଜ୍ୟ। ପିଲାଟିରେ ଜନ୍ମଗତ ପ୍ରକୃତି, ପରିବେଶ ଓ ମା'ଙ୍କ ଯତ୍ନ ହିଁ ତାକୁ ପରିପୂର୍ଣ୍ଣ କରିପାରେ। ପିଲାର ମନସ୍ତତ୍ତ୍ୱକୁ ଠିକ୍ ଠିକ୍ ପଢ଼ନ୍ତୁ। ଏଥିପାଇଁ ମା' ହିଁ ବେଶି ଦାୟୀ। ନ ହେଲେ ଆପଣଙ୍କ ସ୍ୱପ୍ନ ସାକାର ହୋଇ ନ ପାରେ।

ନିର୍ଦ୍ଦେଶିକା–ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧୀ ଆନ୍ଦୋଳନ, କଟକ, ମୋ: ୯୯୩୭୧୭୨୮୧୦

## ଏଇ ଭାରତରେ

ଆମ୍ବ ଅମଳ ସମୟ ଚାଲିଛି। ଏହି ସମୟରେ ଆମ୍ବ ବଗିଚା ଜଗିବାକୁ ହୁଏ। ଲୋକମାନେ ତ ଆମ୍ବ ବଗିଚା ଜଗନ୍ତି, କିନ୍ତୁ କୁକୁରମାନେ ଏହାକୁ ଜଗିବା ଭଳି ଘଟଣା ସାମ୍ନାକୁ ଆସିଛି ମଧ୍ୟପ୍ରଦେଶର ଜବଲପୁରରେ। ଏଠାରେ ସଂକଳ୍ପ ସିଂଙ୍କ ଆମ୍ବ ବଗିଚାକୁ କୁକୁରମାନେ ଜଗି ଦୁର୍ଲଭ ଆମ୍ବ ଉତ୍ପାଦନରେ ସାହାଯ୍ୟ କରୁଛନ୍ତି। କୁକୁର ଦିନରାତି ବଗିଚା ଜଗୁଛନ୍ତି। ସଂକଳ୍ପଙ୍କ ବଗିଚାରେ ୨୪ କିସମର ଆମ୍ବ ଅଛି। ଏଥିମଧ୍ୟରେ ସବୁଠୁ ଉନ୍ନତ ତଥା ସ୍ୱାଦିଷ୍ଟ କିସମ ମଲ୍ଲିକା ଅନ୍ୟତମ। ଏହି ବଗିଚାରେ ୮ଟି କିସମର ବିଦେଶୀ ଆମ୍ବ ଉତ୍ପାଦନ କରାଯାଉଛି। ଉତ୍ପାଦିତ ଆମ୍ବକୁ ସେ ଦେଶର ବିଭିନ୍ନ ସ୍ଥାନକୁ ପଠାଇବା ସହ ବିଦେଶକୁ ମଧ୍ୟ ରପ୍ତାନି କରୁଛନ୍ତି। ମିୟାଜାକୀ ଆମ୍ବ କେଜି ପ୍ରତି ୧ ହଜାର ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ମୁଖ୍ୟତଃ ଏହି କିସମର ଆମ୍ବ ଚୋରି ରୋକିବାକୁ ସଂକଳ୍ପ ବଗିଚାରେ କୁକୁରମାନଙ୍କୁ ଜଗୁଆଳି ଭାବେ ମୁତୟନ କରିଛନ୍ତି। ୪ ଏକର ବିଶିଷ୍ଟ ଆମ୍ବ ବଗିଚାକୁ ଲୋକ ଦେଖିବାକୁ ଆସୁଛନ୍ତି। ଏପରିକି ସେଠାରେ ଲୋକେ ଆମ୍ବ ବଗିଚାରେ ଭୋଜି କରିବାର ବ୍ୟବସ୍ଥା କରିଛନ୍ତି ସଂକଳ୍ପ ସିଂ। ଯେଉଁମାନେ ବଗିଚା ବୁଲି ଦେଖନ୍ତି ସେମାନଙ୍କୁ ବିଭିନ୍ନ କିସମ ଆମ୍ବ ଚିହ୍ନାଇବା ଲାଗି ଲୋକ ନିଯୁକ୍ତ କରିଛନ୍ତି। ବିଭିନ୍ନ ପ୍ରକାର ଦୁର୍ଲଭ ଆମ୍ବ ଉତ୍ପାଦନ ଲାଗି ସଂକଳ୍ପଙ୍କୁ ରାଜ୍ୟ ସ୍ତରରେ ପୁରସ୍କୃତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୨ ମେ ୧୯୯୮

- ଆସାମରେ କ୍ଷମତାସୀନ ପ୍ରଫୁଲ୍ଲ କୁମାର ମହାନ୍ତଙ୍କ ନେତୃତ୍ୱାଧୀନ ଏଜିପି ମନ୍ତ୍ରିମଣ୍ଡଳରୁ ଅସନ୍ତୁଷ୍ଟ ଗୋଷ୍ଠୀ ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର।
- ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଗଙ୍ଗାଧର ପ୍ରଧାନ ମର୍ଯ୍ୟାଦାଜନକ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | 6 | | | |
| | | 3 | | 2 | 4 | | 9 | |
| | | | | | 7 | | | 2 |
| 7 | | | 6 | | | | | 9 |
| | | | | | | | 1 | 8 |
| | 3 | 1 | | 9 | 2 | 5 | | 7 |
| 6 | | | | | | 2 | | |
| | | | 3 | | | | 8 | |
| | | | | | 5 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 9 | 3 | 7 | 2 | 1 | 6 | 4 |
| 2 | 6 | 4 | 8 | 5 | 1 | 3 | 7 | 9 |
| 3 | 7 | 1 | 9 | 6 | 4 | 8 | 2 | 5 |
| 9 | 2 | 5 | 4 | 3 | 6 | 7 | 1 | 8 |
| 7 | 8 | 6 | 2 | 1 | 5 | 9 | 4 | 3 |
| 4 | 1 | 3 | 7 | 8 | 9 | 2 | 5 | 6 |
| 5 | 9 | 7 | 6 | 2 | 8 | 4 | 3 | 1 |
| 1 | 3 | 8 | 5 | 4 | 7 | 6 | 9 | 2 |
| 6 | 4 | 2 | 1 | 9 | 3 | 5 | 8 | 7 |

ଗତକାଲିର ଉତ୍ତର

# ପରମ ଜ୍ଞାନ



ଡ. ବାସୁଦେବ ମିଶ୍ର

କୌଣସି କ୍ଷେତ୍ରରେ ଆମେ ପ୍ରକୃତରେ ଯେତିକି, ତା'ଠାରୁ ଯଥେଷ୍ଟ ଅଧିକ ବୋଲି ଲୋକେ ଆମକୁ କୁହନ୍ତୁ, ତହିଁରୁ ଅଧିକ ପାରିବାପଣିଆ ଆମ ଭିତରେ ଅଛି ବୋଲି ଲୋକେ ଆମକୁ ସ୍ୱୀକୃତି ଦିଅନ୍ତୁ ଏମିତି ଇଚ୍ଛା ଆମ ଭିତରୁ ଅନେକଙ୍କର ଥାଏ। ପିଲାଟିଏ ଯେତିକି ପାରିବାର ହୋଇଥାଏ, ତା'ର ମା'ବାପା ଅନ୍ୟମାନଙ୍କ ସମ୍ମୁଖରେ ତା'ଠାରୁ ଅଧିକ ବୋଲି କହି ସୁଖ ଅନୁଭବ କରନ୍ତି। ଏହା ସଚରାଚର ଦେଖାଯାଏ। ଆମ ପ୍ରିୟଜନଙ୍କ ପାଇଁ ଆମେ ଟିକିଏ ବେଶିକରି କହୁ। ଏଥିରେ ବିସ୍ମିତ ହେବାରେ କିଛି ନାହିଁ। ଯେଉଁଠି ଉନ୍ନତିର ମାର୍ଗ ଉନ୍ମୁକ୍ତ, ଆମେ ପ୍ରଶଂସା କରୁଥିବା ପିଲାଟି ତା'ର ପାରିବାପଣିଆର ସେତିକି ଉଚ୍ଚତାରେ ପହଞ୍ଚିବାର ସମ୍ଭାବନା ଯେଉଁଠି ରହିଛି, ସେଇଠି ହୁଏତ ଏପରି ପ୍ରଶଂସା ଲାଭଜନକ ହୋଇପାରେ। ମାତ୍ର ଉନ୍ନତିର ଲେଶମାତ୍ର ସମ୍ଭାବନା ନ ଥାଇ ଯେଉଁ ପ୍ରଶଂସା କରାଯାଏ, ତାକୁ ଆମେ ଅନୁଚିତ ପ୍ରଶଂସା ବୋଲି କହିପାରିବା।

ସତରେ ପାରିବାପଣିଆ ଋଦ୍ଧି ହୋଇଥିବା ଲୋକମାନେ ଅନେକ ସମୟରେ ନିଜ ପାରିବାପଣିଆର ଉଦ୍‌ଘୋଷଣା କରିବା କେବେ ଦେଖାଯାଏ ନାହିଁ। ବହୁ ବିଶିଷ୍ଟ କବି, ଲେଖକ, ବୈଜ୍ଞାନିକ, ଡାକ୍ତର ସେମାନଙ୍କର କର୍ମ ଭିତରେ ଏପରି ବୁଡି ରହିଥାଆନ୍ତି ଯେ ନିଜକୁ ଅନ୍ୟମାନଙ୍କ ସମ୍ମୁଖକୁ ଆଣିବାକୁ ସେମାନଙ୍କର ତର ନ ଥାଏ। ନିଜେ ପ୍ରଚାରିତ ହେବାପାଇଁ ସେମାନଙ୍କର ଇଚ୍ଛା କିମ୍ବା ଅବସର ମଧ୍ୟ ନ ଥାଏ। ଆଜିର ଯୁଗରେ ବିଭିନ୍ନ କ୍ଷେତ୍ରରେ ମଣିଷପାଇଁ ବିଭିନ୍ନ ସୁଖ ସୁବିଧା ଉପଲବ୍ଧ। ସେସବୁ ସେହି ବିଶିଷ୍ଟ ବ୍ୟକ୍ତିମାନଙ୍କର କୃଚ୍ଛ୍ରସାଧନା ତଥା ପରିଶ୍ରମର ଫଳ, ଏହା ଅନସ୍ୱୀକାର୍ଯ୍ୟ। ସେଥିପାଇଁ କୌଣସି ବୈଜ୍ଞାନିକ ଅଥବା ଡାକ୍ତରଙ୍କୁ ନିଜର ପାରିବାପଣିଆର ପ୍ରଖ୍ୟାପନ କରିବାକୁ ପଡ଼େନାହିଁ।

ଆମେ କବିତା ଲେଖୁ। କେତୋଟି କବିତା ଲେଖିବାପରେ ଲୋକେ ଆମକୁ କବି ବୋଲି କହନ୍ତୁ ଏପରି ଇଚ୍ଛା କରୁ। ନିଜକୁ ବଡ଼ବଡ଼ କବିଙ୍କ ସହିତ ତୁଳନା କରିପକାଉ। ଅପେକ୍ଷା କରୁ କେହି ଆମକୁ କବି ବୋଲି ସ୍ୱୀକୃତି ଦେଉ, ଆମକୁ ଭରା ସଭାରେ ସମ୍ବର୍ଦ୍ଧିତ କରୁ। ଅପେକ୍ଷାର ଧୈର୍ଯ୍ୟ ଭାଙ୍ଗିଲେ ନିଜକୁ ନିଜେ କବି ବୋଲି ଘୋଷଣା କରିପକାଉ। ଏପରିକି ନିଜକୁ ଖୁବ୍ ବଡ଼ ଜଣେ ବିଶିଷ୍ଟ କବି ବୋଲି ଅନ୍ୟମାନଙ୍କ ମନରେ ଧାରଣା ଜନ୍ମାଇବାକୁ ଚେଷ୍ଟା କରୁ। ନିଜେ ନିଜ ବଗିଚାରୁ ଫୁଲ ତୋଳିଆଣି ତହିଁରେ ମାଳାଟିଏ ଗୁନ୍ଥି ନିଜ ଗଳାରେ ପିନ୍ଧି ନିଜ ପିଠିକୁ ଥାପୁଡାଇ ସାବାସ ବେଟା ବୋଲି କହିବସୁ। ନିଜକୁ ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ କବି ବୋଲି କହି ସମ୍ମାନ ସମ୍ବର୍ଦ୍ଧନା ଖୋଜିବସୁ। ଆମେ ବୁଝିପାରୁନା କବିତା ଲେଖିବା ଗୋଟିଏ ସାଧନା–ଉପାସନାର କଥା। ସାଧନା କରିବା ଆଉ ସାଧନାରେ ସିଦ୍ଧିଲାଭ କରିବା ଭିନ୍ନ କଥା। ସିଦ୍ଧି ସମସ୍ତଙ୍କୁ ମିଳେନାହିଁ। ସମସ୍ତେ ସାଧନାକୁ ପୂର୍ଣ୍ଣରୂପ ଦେଇପାରନ୍ତି ନାହିଁ। ସିଦ୍ଧିପ୍ରାପ୍ତ ହେବାପରେ ତା'ର ମହକ କିନ୍ତୁ ଚାରିଆଡ଼କୁ ଚହଟିଯାଏ। କବିତା ଲେଖିବା କଥା ଗୋଟିଏ ଉପଲକ୍ଷ୍ୟ ମାତ୍ର। ଯେ କୌଣସି ବିଷୟ ହେଉନା କାହିଁକି, ସିଦ୍ଧି ନିମିତ୍ତ ନିରନ୍ତର ସାଧନାର ଆବଶ୍ୟକତା ଥାଏ। ସେ କଥାଟି ନ ବୁଝି କେବଳ ଉପହାର, ଉପଢୌକନ ପାଇଁ ବ୍ୟସ୍ତ ବିବ୍ରତ ହେଲେ ହେବ କ'ଣ ? ଯେଉଁମାନେ ପ୍ରକୃତରେ କବି, ସେମାନେ କେବେହେଲେ ଆତ୍ମଘୋଷଣା କରନ୍ତି ନାହିଁ। ଅନ୍ୟମାନଙ୍କ ସମ୍ମୁଖରେ ସେମାନେ ନିଜର ପ୍ରଶଂସା କରିବା କେବେ ଦେଖାଯାଏ ନାହିଁ। ଅନ୍ୟମାନେ ତାଙ୍କର ପ୍ରଶଂସା କରୁଥିଲେ ମଧ୍ୟ ସେସବୁ ଶୁଣିବାପାଇଁ ସେମାନେ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ବାସ୍ତବରେ ଅନ୍ୟମାନଙ୍କ ମୁଖରେ ସାମାନ୍ୟ ପ୍ରଶଂସା ଯେତିକି ମୂଲ୍ୟ ବହନ କରେ, ନିଜ ମୁଖରେ ନିଜର ଯେତେ ପ୍ରଶଂସା କଲେ ମଧ ତା'ର ସେତିକି ମୂଲ୍ୟ ନ ଥାଏ। ପ୍ରକୃତ କଥା ହେଲା– ଆତ୍ମପ୍ରଶଂସା ନିନ୍ଦା ସହିତ ସମାନ ହୋଇଥାଏ।



ଥରେ ଗ୍ରୀସ୍‌ର ଏକ ନିପଟ ମଫସଲ ଗାଁରେ ଜଣେ ଜ୍ଞାନୀ ବୃଦ୍ଧ ଘୋଷଣା କଲେ ଯେ ସେ ଜଣେ ପରମ ଜ୍ଞାନୀ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛନ୍ତି। ତାଙ୍କର ଆବିର୍ଭାବ ହୋଇଛି ଏଥେନସ୍‌ରେ। ତାଙ୍କର ନାମ ହେଲା ସକ୍ରେଟିସ୍। ଏକଥା ଶୁଣିବା ପରେ ଗାଁର କିଛି ଲୋକ ଏଥେନ୍‌ସ ଅଭିମୁଖେ ଚାଲିଲେ। ଉଦ୍ଦେଶ୍ୟ ଥିଲା–ସେହି ପରମ ଜ୍ଞାନୀଙ୍କ ଦର୍ଶନ କରି ତାଙ୍କଠାରୁ କିଛି ଉପଦେଶ ଶୁଣିବେ ଏବଂ ସାଥିରେ ପରମ ଜ୍ଞାନରୂପୀ ମୁକ୍ତାରୁ କିଛି ଆଣିବେ। ସକ୍ରେଟିସଙ୍କ ଘରେ ପହଞ୍ଚି ତାଙ୍କୁ ଅଭିବାଦନ ପୂର୍ବକ କହିଲେ ଯେ ସେମାନେ କାହିଁ କେତେ ଦୂରରୁ ତାଙ୍କପରି ଜଣେ ପରମ ଜ୍ଞାନୀଙ୍କୁ ଭେଟି ତାଙ୍କଠାରୁ କିଛି ଉପଦେଶ ଶୁଣିବାପାଇଁ ଆସିଛନ୍ତି। ସକ୍ରେଟିସ୍ ସେମାନଙ୍କର ଏପରି କଥା ଶୁଣି କହିଲେ– 'ତୁମେ ବଡ଼ ଭୁଲଟାଏ କରିଦେଲ। ସେମାନଙ୍କୁ ଅପ୍ରତିଭ ହୋଇପଡିବା ଦେଖି ସକ୍ରେଟିସେ ପୁଣି କହିଲେ–'ମୁଁ ଯେତେବେଳେ ତରୁଣ ଥିଲି, ସେତେବେଳେ ଏପରି ଭାବନା ମୋ ମନରେ ଜାତ ହୋଇଥିଲା। ମୁଁ ନିଜକୁ ପରମ ଜ୍ଞାନୀ ବୋଲି ଭାବୁଥିଲି କାରଣ ସେତେବେଳ ସୁଦ୍ଧା ମୁଁ କେତୋଟି ଶାସ୍ତ୍ର ଅଧ୍ୟୟନ କରିସାରିଥିଲି। କିନ୍ତୁ ଏବେ ଯେତେବେଳେ ମୁଁ ବୃଦ୍ଧ ହେବାରେ ଲାଗିଛି, ମୁଁ ବୁଝିପାରୁଛି ଯେ ମୋ ନିକଟରେ ଥିବା ଜ୍ଞାନ ଖୁବ୍ ସୀମିତ। ତେଣୁ ଜ୍ଞାନର ମୁକ୍ତା ମୋ ପାଖରେ କାହିଁ ଯେ ମୁଁ ତୁମମାନଙ୍କୁ ଦେଇପାରିବି? ତାଙ୍କୁ ଭେଟିବାକୁ ଯାଇଥିବା ଲୋକେ ନିରାଶ ହୋଇ ଗାଁକୁ ଫେରିଲେ ଏବଂ ସେହି ବୃଦ୍ଧଙ୍କୁ କହିଲେ– 'ସକ୍ରେଟିସେ ତ ସ୍ୱୟଂ କହିଲେ ଯେ ସେ ଜ୍ଞାନୀ ନୁହନ୍ତି। ଆପଣ କିପରି ତାଙ୍କୁ ପରମ ଜ୍ଞାନୀ ବୋଲି କହିଲେ?' ବୃଦ୍ଧ ଉତ୍ତର ଦେଲେ– ସେଇଥିପାଇଁ ତ ମୁଁ ତାଙ୍କୁ ପରମ ଜ୍ଞାନୀ ବୋଲି କହିଥିଲି। ଯେଉଁ ବ୍ୟକ୍ତି ନିଜର ଆହରଣ କରିଥିବା ଜ୍ଞାନ ସୀମିତ ବୋଲି ଉପଲବ୍ଧି କରିପାରେ, ତାଙ୍କଠାରେ ନିଶ୍ଚୟ ପରମ ଜ୍ଞାନର ଉଦୟ ହୋଇଥାଏ। ତୁମ୍ଭେମାନେ ତାଙ୍କଠାରୁ ଯାହାକିଛି ଶୁଣିଲ, ତାହା ହିଁ ସେହି ଜ୍ଞାନରୂପୀ ମୁକ୍ତା।

ବଡ଼ ଲୋକମାନେ ଆମର ଜୀବନଶୈଳୀ ଓ ଜୀବନଚର୍ଯ୍ୟାକୁ ସୁନ୍ଦର ଏବଂ ପରିପୂର୍ଣ୍ଣ କରିବା ନିମନ୍ତେ ଆମକୁ କେତେ ଉପଦେଶ ଦେଇଥାନ୍ତି। ଆମର ମନ ଓ ହୃଦୟକୁ ସ୍ୱଚ୍ଛ ଓ ପରିଷ୍କାର କରିବା ନିମନ୍ତେ ନିରନ୍ତର ଚିନ୍ତା ଓ ଚେଷ୍ଟା କରନ୍ତି। ସେହିସବୁ ଉପଦେଶ ଆମର ଜୀବନକୁ ଉପଯୁକ୍ତ ମାର୍ଗରେ ନେବାପାଇଁ ସମର୍ଥ ହୋଇଥାଏ। ଆମର ବାସଗୃହ ଏ ପୃଥିବୀ ଗୋଟିଏ ବିଶାଳ ପୁସ୍ତକ ଯେଉଁଥିରେ ପ୍ରତ୍ୟେକ ପୃଷ୍ଠାରେ, ପ୍ରତି ପୃଷ୍ଠାର ପ୍ରତ୍ୟେକ ଧାଡିରେ ଅମାପ ଜ୍ଞାନ ଉଲ୍ଲିଖିତ ହୋଇ ରହିଛି ଯୁଗଯୁଗ ଧରି। ସେ ସବୁକୁ ପାଠ କରିବାପାଇଁ ମନୁଷ୍ୟର ଜୀବନକାଳ ଅତ୍ୟନ୍ତ ସ୍ୱଳ୍ପ। ଜୀବନକାଳ ମଧ୍ୟରେ ମନୁଷ୍ୟ ସାଧାରଣତଃ ଯେତିକି ଜ୍ଞାନ ଆହରଣ କରିପାରେ, ତାହା ସାମାନ୍ୟ ମାତ୍ର। କିନ୍ତୁ ଦୁଃଖର ବିଷୟ, ସେଇ ସାମାନ୍ୟ ଜ୍ଞାନକୁ ନେଇ ସେ କେବେ କେବେ ଗର୍ବ ଓ ଅହଂକାରରେ ପୋତି ହୋଇଯାଏ।

ଦଶରଥପୁର, ଯାଜପୁର
ମୋ:୯୪୩୮୩୨୮୭୫୫

## ପାଠକ ଶ୍ରେଷ୍ଠ ବିଚାରକ

### ମହାନତାର ପରିଚୟ

ମହାଶୟ,

ରାଷ୍ଟ୍ରପତିଙ୍କ ସଭାରେ ବିଜୁଳି ବିଭ୍ରାଟ ସରକାର୍ ଓ ତାଙ୍କ ସୁରକ୍ଷାରେ ନିୟୋଜିତ ଅଧିକାରୀମାନଙ୍କୁ ଏକ ସଚେତନାତ୍ମକ ଉଚିତ ଶିକ୍ଷା ପ୍ରଦାନ କରିଛି। ରାଷ୍ଟ୍ରପତି ହୁଅନ୍ତୁ ବା ପ୍ରଧାନମନ୍ତ୍ରୀ, ସେମାନଙ୍କ ଗନ୍ତବ୍ୟ ସ୍ଥଳ, ସଭାସ୍ଥଳକୁ ଯିବା ପୂର୍ବରୁ ସେ ଜାଗାଗୁଡ଼ିକୁ ତନ୍ନ ତନ୍ନ କରି ତଦାରଖ ଓ ଯାଞ୍ଚ ସହ ପରୀକ୍ଷା ନିରୀକ୍ଷା କରିବାର ଜରୁରୀ ବୋଲି ଅବଗତ କରାଇଛି। ରାଷ୍ଟ୍ରପତିଙ୍କ ସଭାରେ ନଅ ମିନିଟ ପର୍ଯ୍ୟନ୍ତ ବିଜୁଳି କାଟ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ଏକ ଅବହେଳା ଓ ଖାମଖିଆଲି ମନୋଭାବ ପୋଷଣ ଜନିତ ଅକ୍ଷମଣୀୟ ତ୍ରୁଟି, ଯେଉଁଥିପାଇଁ ତଦନ୍ତର ଆବଶ୍ୟକତା ନଲୋଡ଼ି ପ୍ରଥମେ ସେମାନଙ୍କୁ ନିଲମ୍ବନ କରି ଚାକିରିରୁ ବହିଷ୍କୃତ କରିବା ହିଁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୀର୍ଘ ନଅ ମିନିଟ କାଳ ବିଜୁଳି ବିଭ୍ରାଟ ମଧ୍ୟରେ ନିଜର ଅଭିଭାଷଣ ଚାଲୁରଖିବା ତାଙ୍କର ଶାନ୍ତ, ନମ୍ର, ଦୟା, କ୍ଷମା, ସ୍ୱଭାବ ଏବଂ ସହନଶୀଳତାର ପରିଚୟ ପ୍ରଦାନ କରିବା ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କ ପାଇଁ ଲଜ୍ଜାଜନକ । ଓଡ଼ିଶାର ଝିଅ ବୋଲି ଏ ଅଘଟଣ ପରେ ମଧ କାହାକୁ ଦାୟୀ ନ କରି ସଭାକାର୍ଯ୍ୟ ଚାଲୁରଖି ଓଡ଼ିଶାର ମାନମର୍ଯ୍ୟାଦା ରଖିଛନ୍ତି। ଏଇ ହେଲା ଜ୍ଞାନୀଗୁଣୀଙ୍କ ମହାନତା ପରାକାଷ୍ଠାର ପରିଚୟ।

–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଖେଳାଇଲ ହାସ୍ୟ କେତେ ବୁହାଇଲ
ଲୋତକ ଯମୁନା
ଭୁବନ ବାଞ୍ଛିତ ଚିର ହେ ବିଜୟୀ
ହେ ମହାନ୍ ସୁନା !
–(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ପ୍ରଥମ ଏଜୁକେଶନ ଫାଉଣ୍ଡେଶନର ୮୮ ପ୍ରତିଶତ ଫଳ

ବିଷମକଟକ, ୨୧।୫(ଡି.ଏନ.ଏ.)-ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ ସାମାଜିକ ଅନୁଷ୍ଠାନ ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ବର୍ଷେ ହେଲା କାର୍ଯ୍ୟକ୍ରମ କରିଆସୁଛି। ଯେଉଁ ଛାତ୍ରୀ, ମା' ଓ ବୋହୂମାନେ ଅଧାରୁ ପାଠ ଛାଡ଼ି ରହିଯାଇଥିଲେ ସେମାନଙ୍କ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ସହାୟକ ହେଉଛି। ଚଳିତ ବର୍ଷ ମଧ ବିଷମକଟକ ବ୍ଲକର ଚଅଁଡଗୁଡ଼ା, ହାଟ ମୁନିଗୁଡ଼ା, ଗତିଗୁଡ଼ା, କାଞ୍ଚୁବାଡ଼ି, ହଜାରିଡାଙ୍ଗ ଓ ବିଷମକଟକ ଗ୍ରାମରେ ୬୮ ଛାତ୍ରୀଛାତ୍ର ପ୍ରଥମ ଦ୍ୱିତୀୟ ଥର ପଢ଼ି ସେଥିରୁ ୬୦ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱିତୀୟ ଥର ୮୮ ପ୍ରତିଶତ ଫଳ ହୋଇଛି। ପ୍ରଥମ ସେକେଣ୍ଡ ଚାନ୍ସର ଟିମ୍‌ଲିଡର, ସୁରେନ୍ଦ୍ର ପଶାୟତ, ଦିଲୀପ ଲିମା, ବବି ସୂର୍ଯ୍ୟ, ପ୍ରତିମା ଗୌଡ଼, ସଙ୍ଗୀତା କୁସୁଲିଆ ଓ ପ୍ରୋଗ୍ରାମ କୋଅର୍ଡିନେଟର ରାମ ପ୍ରସାଦ ମହାନ୍ତି ଓ ରାଜ୍ୟ ସଂଯୋଜିକା ପୁଷ୍ପାଞ୍ଜଳି ପରିଡ଼ାଙ୍କୁ ଛାତ୍ରୀଛାତ୍ର ଓ ଅଭିଭାବକ ଧନ୍ୟବାଦ ଅର୍ପଣ କରିଛନ୍ତି।

### ଖୁଡୁଖୁଡ଼ି ଖେଳ ଉପରେ ଚଢ଼ାଉ, ୪ ଗିରଫ



ଡାବୁଗାଁ, ୨୧।୫(ଡି.ଏନ.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନାର ସିଂସାରୀ ଫାଣ୍ଡି ଅଧୀନ ଝୋଲା ଗ୍ରାମରେ ଶନିବାର ରାତିରେ ଏକ ଯାତ୍ରା ହୋଇଥିଲା। ଯାତ୍ରା ସ୍ଥାନର ଏକ ପାର୍ଶ୍ୱରେ ଖୁଡୁଖୁଡ଼ି ଖେଳ ଉପରେ ଡାବୁଗାଁ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ସୁଜନ ରାୟ, ଲଛମିଧର ଭଦ୍ରା, ଶିବୁରାମ ହାଲଦାର ଓ ଅର୍ଜୁନ ହରିଜନ। ଏଥିସହ ଖୁଡୁଖୁଡ଼ି ଖେଳରେ ବ୍ୟବହୃତ ସାମଗ୍ରୀ ଗୋଟିଏ ପାଲି, ୬ ଗୋଟି ଏବଂ ୩୦୪୦ ଟଙ୍କା ଜବତ କରାଯାଇଛି। ଚଢାଉରେ ଡାବୁଗାଁ ଥାନା ଏଏସ୍‌ଆଇ ବିଜୟ କୁମାର ସାହୁ ଓ ଶିଶିର କାନ୍ତ ଘୋଷ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ନଂ ୧୦୬/୨୩ରେ ଏକ ମାମଲା ରୁଜୁ କରାଯାଇଛି।

### ଆତଙ୍କବାଦ ନିରୋଧୀ ଦିବସ ପାଳିତ



ଡାବୁଗାଁ, ୨୧।୫(ଡି.ଏନ.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନାରେ ରବିବାର ଆତଙ୍କବାଦ ନିକରୋଧୀ ଦିବସ ପାଳିତ ହୋଇଯାଇଛି। ଥାନା ପରିସରରେ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଆତଙ୍କବାଦ, ହିଂସା ବିରୋଧରେ ଲଢ଼ିବା, ସମାଜରେ ସାମାଜିକ ସଦ୍‌ଭାବ ବୁଝାମଣା ଶାନ୍ତି ସ୍ଥାପନା ଉଦ୍ଦେଶ୍ୟରେ ଆଇଆଇସି ସୁନୀଲ କୁମାର ପ୍ରଧାନ କର୍ମଚାରୀମାନଙ୍କୁ କହିଥିଲେ। ଏହାପରେ ସମସ୍ତେ ମିଳିତ ଭାବେ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ, ଏଏସ୍‌ଆଇ ଶିଶିରକାନ୍ତ ଘୋଷ ଓ ବିଜୟ କୁମାର ସାହୁଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ବଟ ଅଶ୍ୱତ୍‌ଥ ବୃକ୍ଷ ପ୍ରତିଷ୍ଠା ବାର୍ଷିକୀ ପାଳିତ

ତେନ୍ତୁଳିଖୁଣ୍ଟି, ୨୧।୫(ଡି.ଏନ.ଏ.)-ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ମା' ତାରିଣୀ ମନ୍ଦିର ସମ୍ମୁଖରେ ଥିବା ବଟ ଓ ଅଶ୍ୱତଥ ବୃକ୍ଷ ପ୍ରତିଷ୍ଠା ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମନ୍ଦିର ସମ୍ମୁଖରେ ଥିବା ବଟ ଓ ଅଶ୍ୱତଥ ବୃକ୍ଷର ରକ୍ଷଣାମ୍‌ବେକ୍ଷଣ ଖାତିଗୁଡାସ୍ଥିତ ତାରିଣୀ ମନ୍ଦିର କମିଟି କରି ଆସୁଛି। ଦୁଇ ବୃକ୍ଷ ଏକତ୍ରିତ ଥିବାରୁ ମନ୍ଦିର କମିଟି ଗତବର୍ଷ ଜ୍ୟେଷ୍ଠଶୁକ୍ଳ ଦ୍ୱିତୀୟା ୧ ତାରିଖ ବୁଧବାର ଦୁଇ ବୃକ୍ଷକୁ ହିନ୍ଦୁ ରୀତିନୀତି ଅନୁସାରେ ପ୍ରଥମେ ବ୍ରତ ଓ ବାହାଘର କାର୍ଯ୍ୟକ୍ରମ କରିଥିଲେ। ତାରିଣୀ ମନ୍ଦିର ସଭାପତି ଗୋପାଳ କୃଷ୍ଣ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଏହା କରାଯାଇଥିଲା। ଚଳିତ ବର୍ଷ ଆଜିର ପ୍ରତିଷ୍ଠା ବାର୍ଷିକୀ କାର୍ଯ୍ୟକ୍ରମ ରେ ପ୍ରଦୀପ ହୋତା ଓ ତାଙ୍କ ସ୍ତ୍ରୀ ହୋମରେ ବସିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର କରଶର୍ମାଙ୍କ ବେଦ ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ତାରିଣୀ ମନ୍ଦିରରେ ତୃପ୍ତି ରଞ୍ଜନ ରାଉତ ଓ ତାଙ୍କ ସ୍ତ୍ରୀ ହୋମରେ ବସିଥିଲେ। ପଣ୍ଡିତ କୃଷ୍ଣ ଚନ୍ଦ୍ର ସାମନ୍ତରାୟ ତାରିଣୀ ମନ୍ଦିରରେ ପୂଜା କରିଥିଲେ। ବିଜୟ ପଣ୍ଡା ଓ ବିଜୟ ପାଣିଗ୍ରାହୀ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଭକ୍ତ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମରେ ମା' ତାରିଣୀ ମନ୍ଦିର କମିଟିର ସଭାପତି ଗୋପାଳକୃଷ୍ଣ ଭଞ୍ଜ ସମେତ, ଚନ୍ଦ୍ର ଶେଖର ଦଳେଇ,ଆନନ୍ଦ କୁମାର ନେପାଳ, ନିଲୁ ପଣ୍ଡା, କାବୁଲି ପଟ୍ଟନାୟକ,ସୁରେନ୍ଦ୍ର ରାଉତ,ସଦାଶିବ ଜାନୀ ପ୍ରମୁଖ ସହାୟତା କରିଥିଲେ।

# ଛତିଶଗଡ଼, ଆନ୍ଧ୍ରକୁ ରାତିଅଧିଆ ବାଲି ଚୋରାଚାଲାଣ

■ ରାଜସ୍ୱ ହରାଉଛନ୍ତି ସରକାର
■ ଜାଣିଶୁଣି ପ୍ରଶାସନ ନୀରବ

ନବରଙ୍ଗପୁର, ୨୧।୫(ବି.ପ୍ର.)



ପଇଦାପାଲି ବାଲିଘାଟରୁ ମେଶିନ ସାହାଯ୍ୟରେ ବାଲି ଉଠାଯାଉଛି।

ନବରଙ୍ଗପୁର ଜିଲାରୁ ଛତିଶଗଡ ଓ ଆନ୍ଧ୍ରକୁ ପ୍ରତିଦିନ ଶହଶହ ଟ୍ରକ୍ ବାଲି ଚୋରାଚାଲାଣ ହେଉଛି। ପ୍ରଶାସନର ଜାଣତରେ ବାଲି ମାଫିଆମାନେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ରହୁଛନ୍ତି। ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏଥିଯୋଗୁ ବାଲିମାଫିଆ ମାଲାମାଲ ହେଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ପ୍ରଶାସନର ପାରିବାପଣିଆ ଉପରେ ଆଙ୍ଗୁଠି ଉଠାଇଛନ୍ତି ସ୍ଥାନୀୟ ଲୋକେ। ଭାସ୍କେଲ ନଦୀ ବାଲି ଘାଟରୁ ମେଶିନ ସାହାଯ୍ୟରେ ବାଲି ଉଠାଇ ଛତିଶଗଡ ସୀମାନ୍ତରେ ବେଆଇନ ଡମ୍ପିଂ କରି ମାଫିଆମାନେ ସାହସିକତା ଦେଖାଇ ବ୍ୟବସାୟ କରୁଛନ୍ତି।

ନବରଙ୍ଗପୁର ଜିଲା ପ୍ରଶାସନ ଓ ତହସିଲ ପକ୍ଷରୁ କେବଳ ଆଖିଠାର ସଦୃଶ ଗୋଟିଏ କିମ୍ବା ଦୁଇଟି ଗାଡିକୁ ଧରି ଚାଲାଣ କାଟି ନୀରବ ରହୁଛି ପ୍ରଶାସନ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା କୋଡ଼ିଙ୍ଗା ତହସିଲ ଅଧୀନରେ। ଯାହାକୁ ନେଇ ଲୋକେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। କୋଡ଼ିଙ୍ଗା ତହସିଲ ଅଧୀନରେ ୨୪ ବାଲି ଘାଟ ରହିଛି। ସେମଧ୍ୟରୁ ୭ ବାଲି ଘାଟ ବନ୍ଦ ଥିବା ବେଳେ ୫ ଘାଟ ପୁନଃ ନିଲାମ କରାଯିବ ବୋଲି ଜଣାପଡିଛି। ସେହି ପରିପ୍ରେକ୍ଷୀରେ 'ପଇଦାପାଲି' ବାଲିଘାଟରୁ ୪.୩୩ ହେକ୍ଟରରୁ ୩୦୫୧୬ ସିଏମ୍ ବାଲି ଶ୍ରମିକମାନଙ୍କ ମାଧ୍ୟମରେ ନଦୀ କଡ଼ରୁ ଉଠାଇବାକୁ ଚୁକ୍ତିନାମା କରିଛନ୍ତି। ଲିଜ ଅବଧି ୨୦୨୪ ଜୁଲାଇ ପର୍ଯ୍ୟନ୍ତ ଥିଲେ ମଧ ଚୁକ୍ତିନାମାର ନିୟମ ଉଲ୍ଲଂଘନ କରୁଛନ୍ତି ଲିଜ୍‌ଧାରୀ। ସେ ନଦୀ କଡ଼ରୁ ବାଲି ନେବାର ଚୁକ୍ତି କରିଥିଲେ ମଧ ଭାସ୍କେଲ ନଦୀର ମଧ ଭାଗରୁ ଅସ୍ଥାୟୀ ସଡ଼କ କରି ମେଶିନ ସାହାଯ୍ୟରେ ଟନ ଟନ ବାଲି ଟିପ୍ପର ମାଧ୍ୟମରେ ଉଠାଇ ଅନ୍ୟ ଜିଲା ଓ ରାଜ୍ୟକୁ ଚୋରା ଚାଲାଣ ହେଉଛି। ଯାହାକୁ ନେଇ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ ରାଉତ ଚଢ଼ାଉ କରି ଜରିମାନା କାଟିଥିବା ଦେଖିବାକୁ ମିଳିଛି।

ସେହିଭଳି ବୋରଗା ବାଲି ଘାଟକୁ ପଦ୍ମନ ବିଷୋୟୀ ଲିଜ୍ ନେଇଥିଲା ବେଳେ ୧.୪୭୭ ହେକ୍ଟରରୁ ୧୮୬୫୦ ସିଏମ୍ ବାଲି ୨୦୨୬ ଜୁନ ପର୍ଯ୍ୟନ୍ତ ନେବାକୁ ଚୁକ୍ତିନାମା କରିଛନ୍ତି। କିନ୍ତୁ ଏଠାରେ ଛତିଶଗଡର ବାଲି ମାଫିଆମାନେ ପଶି ଆଖି ଦେଖାଇ ଜବରଦସ୍ତ ମେଶିନ ଓ ଟିପ୍ପର ମାଧ୍ୟମରେ ବାଲି ଉଠାଇ ଛତିଶଗଡକୁ ଚାଲାଣ କରୁଛନ୍ତି। କୋଡ଼ିଙ୍ଗା ତହସିଲ ପକ୍ଷରୁ ଜାଣିସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନାହିଁ। ସେଭଳି ଉକ୍ତ ତହସିଲ ଅନ୍ତର୍ଗତ 'ଉକିଆପାଲି' ଗ୍ରାମ ନିକଟରେ ପ୍ରଶାସନ ତରଫରୁ କାହାକୁ ବାଲି ଲିଜ ଦିଆଯାଇନଥିବା ବେଳେ ଏଠାରେ ଦିନ ରାତି ଛତିଶଗଡ ଅଞ୍ଚଳର ମାଫିଆମାନେ ଜବରଦସ୍ତ ପଶି ବେଆଇନ ଭାବେ ବାଲି ଛତିଶଗଡ ରାଜ୍ୟକୁ ଚାଲାଣ କରୁଛନ୍ତି। ଯାହାକୁ ନେଇ ବିଗତ ଦିନରେ ଅନେକ ମାଫିଆଙ୍କ ବିରୁଦ୍ଧରେ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। କିନ୍ତୁ ବର୍ତ୍ତମାନ ବାଲି ଚାଲାଣ ରୋକିବାରେ ପ୍ରଶାସନ ବିଫଳ ହୋଇଛି।

୨୦୨୨ରେ ଛତିଶଗଡର ବାଲି ମାଫିଆଙ୍କ ବିରୋଧରେ ତତ୍କାଳୀନ ତହସିଲଦାର ସ୍ଥାନୀୟ ଥାନାରେ ଏତଲା ରୁଜୁ କରିବା ସହ ୮ଲକ୍ଷ ଟଙ୍କା ଫାଇନ ପକାଇଥିଲେ ମଧ କେହି ଭୟ କରୁ ନ ଥିବା ଦେଖିବାକୁ ମିଳିଛି। ସେହିଭଳି ଜିଲାର ୧୦ଟି ତହସିଲ ଅଧୀନରେ ଥିବା ଅନ୍ୟ ଘାଟଗୁଡ଼ିକରୁ ମଧ ବେଆଇନ ବାଲି ଉଠାଇ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡକୁ ଚୋରା ଚାଲାଣ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। କୋଡ଼ିଙ୍ଗା ତହସିଲ ପକ୍ଷରୁ ୨୦୨୨–୨୩ରେ ବାଲି ଚାଲାଣ ଚଢ଼ାଉ କରି ୭୩ ଟିପ୍ପରରୁ ୨୨ ଲକ୍ଷ ୫୪ ହଜାର ୨୯୪ ଟଙ୍କା ଆଦାୟ କରାଯାଇଥିଲା। କିନ୍ତୁ ପ୍ରତିଦିନ ୩ ଶହରୁ ଊର୍ଦ୍ଧ୍ୱ ଟିପ୍ପର ବାଲି ଚୋରାଚାଲାଣ ହେଉଥିବା ବେଳେ ଗୋଟିଏ ଆର୍ଥିକ ବର୍ଷରେ ମାତ୍ର ୭୩ ଟିପ୍ପରକୁ ପ୍ରଶାସନ ଧରି ବାହାବା ନେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସେହିଭଳି ଚଳିତ ୨୦୨୩–୨୪ରେ ବର୍ତ୍ତମାନ ସୁଦ୍ଧା ୭ ଗାଡ଼ିକୁ ଚଢାଉ କରି ୨ ଲକ୍ଷ ୪୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଏସବୁ ଅଭିଯୋଗକୁ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ସ୍ୱୀକାର କରିଥିବା ବେଳେ ଜିଲା ପ୍ରଶାସନ ତରଫରୁ ଏକ ଟାସ୍କ ଫୋର୍ସ ଗଠନ କରାଯାଇ ଚଢ଼ାଉ ଜାରି ରହିଛି ବୋଲି କହିଛନ୍ତି। ସେହିଭଳି ଛତିଶଗଡକୁ ବାଲି ଚୋରାଚାଲାଣ ରୋକିବାକୁ ଜିଲାପାଳ ଆଗାମୀ ଦିନରେ ଏକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ଯୋଜନା କରୁଥିବା ବେଳେ ବାଲିଘାଟଗୁଡିକରେ ଚଢ଼ାଉ ଜାରି ରହିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ଭାମସି କଲ୍ୟାଣମଣ୍ଡପ: ଏସି ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ

ରାୟଗଡ଼ା, ୨୧।୫ (ସ୍ୱ.ପ୍ର.)



ରାୟଗଡ଼ା ହାତୀପଥର ଛକ ନିକଟରେ ଥିବା ଭାମସି କଲ୍ୟାଣ ମଣ୍ଡପରେ ଏସି ଶଟ ସର୍କିଟ ଯୋଗୁ ରବିବାର ଅଗ୍ନିକାଣ୍ଡ ଘଟିଛି। ସକାଳ ୯.୩୦ ମିନିଟରେ ରିଙ୍ଗ ରୋଡ଼ ସ୍ଥିତ ଭାମସି କଲ୍ୟାଣ ମଣ୍ଡପର ତୃତୀୟ ମହଲାରେ ଏକ ରୁମ୍‌ରେ ଲାଗିଥିବା ଏୟାର କଣ୍ଡିଶନରରେ ଶର୍ଟ ସର୍କିଟ ଯୋଗୁ ଉକ୍ତ ରୁମ୍ ସହିତ ନିକଟସ୍ଥ ଅନ୍ୟ ଏକ ରୁମକୁ ମଧ ନିଆଁ ବ୍ୟାପୀ ଯାଇଥିଲା। ସେଠାରେ ଥିବା କର୍ମଚାରୀମାନେ ଏନେଇ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତେବେ ସେଠାରେ ଏକ ବାହାଘର କାର୍ଯ୍ୟକ୍ରମ ଚାଲିଥିବା ବେଳେ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ଏଥି ଯୋଗୁ ରୁମରେ ଥିବା ସମସ୍ତ ସାମଗ୍ରୀ ଜଳି ଯାଇଛି। ତେବେ ସହରରେ ଏଭଳି ଅଗ୍ନିକାଣ୍ଡ ଘଟୁଥିଲେ ମଧ୍ୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଜିଲା ପ୍ରଶାସନ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

# ଉତ୍କଳ ପରିଷଦର ସପ୍ତଦଶ ସ୍ୱନକ୍ଷତ୍ର ଦିବସ

ନବରଙ୍ଗପୁର, ୨୧।୫(ବି.ପ୍ର.)

ନବରଙ୍ଗପୁରର ଏକ ପୁରାତନ ସାହିତ୍ୟ ସାମାଜିକ ଅନଷ୍ଠାନ ଉତ୍କଳ ପରିଷଦର ସପ୍ତଦଶ ସ୍ୱନକ୍ଷତ୍ର ଦିବସ ସ୍ଥାନୀୟ ତୃପ୍ତି ସମ୍ମିଳନୀ କକ୍ଷରେ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ଓ ଦୌରାଜଜ ସଞ୍ଜୀବ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପ ଆରକ୍ଷୀ ଅଧୀକ୍ଷକ ଡ. ଚନ୍ଦ୍ରଶେଖର ହୋତା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ନବରଙ୍ଗପୁରର ବରିଷ୍ଠ ଅଧିବକ୍ତା ଉମା ଶଙ୍କର ତ୍ରିପାଠୀ, ସାମାଜିକକର୍ମୀ ଜଗନ୍ନାଥ ମହାପାତ୍ର, ଶିକ୍ଷାବିତ ଡ. ଓଁକାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ଉପସଭାପତି ପ୍ରଭାସିନୀ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ତପନ ବିଷୋୟୀ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ସଭ୍ୟ ଗୋପାଳ କୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁରେଶ ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଟେଲି ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ କାର୍ଯ୍ୟକମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଅଖିଳ କୁମାର ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳୀୟ ପରମ୍ପରା ଭାଷା ସାହିତ୍ୟର ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଥିବା ଉତ୍କଳ ପରିଷଦ ଷୋହଳ ବର୍ଷ ପୂରଣ କରି ସତର ବର୍ଷରେ ପଦାର୍ପଣ କରି ନବରଙ୍ଗପୁର ସହରରେ ଶିକ୍ଷା ସାହିତ୍ୟ ଓ ସଂସ୍କୃତିର ବିକାଶରେ ଏକ ଅନୁଷ୍ଠାନ ହୋଇଥିବାରୁ ଅତିଥିମାନେ ପ୍ରଶଂସା କରିବା ସହିତ ମାତୃଭାଷାର ସୁରକ୍ଷା ଓ ସୁଦୃଢ଼ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ବୋଲି ମତ ଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧରେ ବିଜୟ ଚୌଧୁରୀ, ଦେବେନ୍ଦ୍ର ପ୍ରଧାନ, ରାମ ପ୍ରସାଦ ପାତ୍ର, ବିଜୟ କୁମାର ମିଶ୍ର ରବିକାନ୍ତ ରଘୁରାମ, ସିଏଚ. ଉଷା ରାଣୀ ସ୍ୱର୍ଣ୍ଣଲତା ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବାଘ, ମନୋରମା ମାଝି, ନିରଞ୍ଜନ ମିଶ୍ର, ଗଣେଶ୍ୱର ଦାସ, ରାଜେନ୍ଦ୍ର ବିଷୋୟୀ, ପ୍ରଭାତୀ ବିଷୋୟୀ, ଡ. ସାଇ ରମେଶ, ରାଓ ଉମା ଶଙ୍କର ତ୍ରିପାଠୀ, ଝରଣା ପଟ୍ଟନାୟକ,ସ୍ୱର୍ଣ୍ଣଲତା ପଟ୍ଟନାୟକ, ତ୍ରିବିକ୍ରମ ନନ୍ଦ, ସୁବ୍ରତ ବେହେରା, ପ୍ରଦୀପ ନନ୍ଦ ଓ ସିଦ୍ଧାର୍ଥ ଶଙ୍କର ବେହେରା ପ୍ରମୁଖ ଯୋଗ ଦେଇଥିଲେ।




ସ୍ୱନକ୍ଷତ୍ର ଦିବସରେ ଯୋଗଦେଇଥିବା ଅତିଥି।

## ବଜ୍ରପାତରେ ଜଣେ ମୃତ

ଚନ୍ଦାହାଣ୍ଡି, ୨୧।୫(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧିନ ଚକାମାଲ ଗ୍ରାମରେ ରବିବାର ବଜ୍ରପାତ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଖଗେରାମ ପଟେଲ (୪୦)। ଚନ୍ଦାହାଣ୍ଡି ଥାନାରେ ୟୁଡ଼ି ନଂ ୧୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଚକାମାଲ ଗ୍ରାମର ଖଗେରାମ ରବିବାର ଅପରାହ୍ନ ପ୍ରାୟ ୩ ଟାରେ ଘରଠାରୁ ୧ କି.ମି.ଦୂର ପଡିଆକୁ ଶୌଚ ପାଇଁ ଯାଇଥିଲେ। ହଠାତ ଘଡ଼ଘଡି ସହ ବଜ୍ରପାତ ହେବାରୁ ସେ ଘଟଣାସ୍ଥଳରେ ଟଳି ପଡିଥିଲେ। କେତେକ ଲୋକ ପରିବାରକୁ ଖବର ଦେବାପରେ ପୁଅ ହେମରାଜ, ସାମାଜିକକର୍ମୀ ଦୀନବନ୍ଧୁ ମାଝି ଏବଂ ୱାର୍ଡ ସଭ୍ୟ ହେମନ୍ତ ସୋରିଙ୍କ ସହ ଥାନାକୁ ଯାଇ ଏତଲା ଦେବା ପରେ ଏସ୍‌ଆଇ ଶିବ ପ୍ରସାଦ ମହାନ୍ତି ମୃତଦେହ ବ୍ୟବଚ୍ଛେଦ ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

## ଗାଡ଼ୱାଲ ଖସି ଶ୍ରମିକ ମୃତ, ଜଣେ ଗୁରୁତର

ଉମରକୋଟ, ୨୧।୫(ଡି.ଏନ.ଏ.)

ରାୟପୁର–ବିଶାଖାପାଟଣାକୁ ସଂଯୋଗ କରୁଥିବା ଭାରତ ମାଳା ଯୋଜନାରେ ରାସ୍ତା କାମ ନବରଙ୍ଗପୁର ଜିଲା ଦେଇ ଯାଉଛି। ରାଇଘର ବ୍ଲକ ଅନ୍ତର୍ଗତ କାଚରାପାରା ଗ୍ରାମ ନିକଟରେ କାମ ଚାଲିଥିବା ବେଳେ ରବିବାର ପାହାଡ କାଟି ଦୁଇ ପଟରେ ଗାଡ଼ୱାଲ କରାଯାଉଥିଲା। କାମ ବେଳେ ପ୍ରବଳ ବର୍ଷା ଯୋଗୁ ଗାଡ଼ୱାଲ ଖସି କାମରେ ନିୟୋଜିତ ଶ୍ରମିକ ନୀତେଶ ଯାଦବଙ୍କ ଉପରେ ପଡିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେହି କାମ କରୁଥିବା ତାଙ୍କ ସ୍ତ୍ରୀ ସୁନୀତା ନୀତେଶ ଯାଦବ ମଧ ଗୁରୁତର ହୋଇଛନ୍ତି। ସୁନିତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ହାତ ଏବଂ ଗୋଡ ଭାଙ୍ଗି ଯାଇଥିବାରୁ ନାଗପୁରକୁ ସ୍ଥାନାନ୍ତର କରାଯାଇଛି। ସ୍ୱାମୀ ସ୍ତ୍ରୀ ଉଭୟ ନାଗପୁର ଅଞ୍ଚଳର। ସେମାନେ ରାଇଘରରେ ରହି ଭାରତ ମାଳା ଯୋଜନାରେ ରାସ୍ତା କାମ କରୁଥିଲେ।

# ଜିଲା କ୍ରୀଡ଼ା ସଙ୍ଘର ସାଧାରଣ ପରିଷଦ ବୈଠକ




ଜିଲା କ୍ରୀଡା ଅଧିକାରୀ ମହେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନବରଙ୍ଗପୁର, ୨୧।୫(ବି.ପ୍ର.)

ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲାପାଳ ଡକ୍ଟର କୋମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ କ୍ରୀଡ଼ା ସଙ୍ଘର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର କ୍ରୀଡ଼ା ବିକାଶ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲା କ୍ରୀଡ଼ା ସଙ୍ଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ନବରଙ୍ଗପୁର ଓ ଉମରକୋଟଠାରେ ଥିବା ଷ୍ଟାଡିୟମର ଉନ୍ନତି ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ପାଣ୍ଠି ଯୋଗାଡ଼ ଲାଗି ମତବ୍ୟକ୍ତ କରିଥିଲେ। ସଙ୍ଘ ଉପସଭାପତି ଏମ୍. ବାଳାକୃଷ୍ଣ ରାଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଙ୍ଘ ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦିବଂଗତ କ୍ରୀଡ଼ାବିତ ପି. ଜୀବନ ରାମ, ହରେକୃଷ୍ଣ ପଣ୍ଡା ଓ ଶିବ ପଟ୍ଟନାୟକଙ୍କ ପରିବାର ବର୍ଗଙ୍କୁ ମୋରଣୋତ୍ତର ସମ୍ମାନ ଗ୍ରହଣ କରିଥିଲେ। ସେହିପରି ମାରାଥନରେ ଜିଲାର ନାମ ରଖିଥିବା କ୍ରୀଡ଼ାବିତ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟସ୍ତରୀୟ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଉପଲବ୍ଧି ପାଇଥିବା ମହେନ୍ଦ୍ର ସାନ୍ତାକୁ ସଙ୍ଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ଆରକ୍ଷୀ ଅଧୀକ୍ଷକ ଡକ୍ଟର ଚନ୍ଦ୍ର ଶେଖର ହୋତା,ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲା କ୍ରୀଡ଼ା ସଙ୍ଘ ଉପସଭାପତି ପ୍ରମୋଦ ପାଢ଼ୀ, ତାରିଖ ହୁସେନ ଖାନ୍ ପ୍ରମୁଖ ନିଜ ନିଜର ମତବ୍ୟକ୍ତ କରିଥିଲେ। କ୍ରିକେଟ ସମ୍ପାଦକ ଅଶୋକ ନାୟକ, ଆଥେଲେଟିକ ସମ୍ପାଦକ ଜିତେନ୍ଦ୍ର ପରିଛା, ଭଲି ବଲ ସମ୍ପାଦକ ଜି. ଆନନ୍ଦ ମୂର୍ତ୍ତି, ହକି ସମ୍ପାଦକ ଦୁର୍ଗା ପ୍ରସାଦ ମଲିକ,ଇଣ୍ଡୋର ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ ଏବଂ ମହିଳା କ୍ରୀଡ଼ା ସମ୍ପାଦକ ଚନ୍ଦନା ମଲିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ସଙ୍ଘ ସଦସ୍ୟ ଶଶାଙ୍କ ଶେଖର ବେହେରା ଓ ଦୁର୍ଯ୍ୟୋ ହରିଜନଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଡାବୁଗାଁ, ୨୧।୫(ଡି.ଏନ.ଏ.)

ଡାବୁଗାଁ ଥାନା ଜଗନ୍ନାଥଗୁଡା ଧନୁର୍ଯ୍ୟୟ ଦାସ(୨୪)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ରାତିରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡିଥିଲା। ସ୍ତ୍ରୀ ଏହାଜାଣି ତାଙ୍କୁ ଡ଼ାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା, ଏଠାରେ ତାଙ୍କର ମୃତ୍ୟୁ ଘଟିଛି।

# ପଟ୍ଟା ରଦ୍ଦ କଲେ ତହସିଲଦାର

ଝରିଗାଁ, ୨୧।୫(ସ୍ୱ. ପ୍ର.)

**ଧର୍ମପୀଠ ଜମିକୁ ନିଜ ନାଁରେ ପଟ୍ଟା କରିବା ଘଟଣା**

କବୀର ଧର୍ମପୀଠ ଦଖଲରେ ଥିବା ଜମିକୁ ଚଞ୍ଚକତା କରି ନିଜ ନାଁରେ ପଟ୍ଟା କରିବା ଅଭିଯୋଗର ଏକ ନୂଆ ମୋଡ ନେଇଛି। ନବରଙ୍ଗପୁର ଜିଲାପାଳଙ୍କ ଆଦେଶ ନଂ–୪୧୩୬,୮।୫।୨୩ ଏବଂ ଝରଗାଁ ତହସିଲଦାରଙ୍କ ଆଦେଶ ୧୮।୫।୨୩ ରେ ମିସ୍ କେସ ନଂ– ୧।୨୩, ୧୯।୪।୨୩ ଆ.ମୁ. ଖାତା ନଂ– ୩୦୭/୨୦୨ ପ୍ଲଟ ନଂ– ୭୩୪/୧୭୩୪ର ୦.୬୪ ଡିସିମିଲ ଜାଗାକୁ ଚଞ୍ଚକତା କରି ବଂଶୀଧର ପନକା ନିଜ ମାଆ ଧନମତୀ ପନକାଙ୍କ ନାମରେ ପଟ୍ଟା କରିଥିଲେ। ତାହା ଖାରଜ କରାଯାଇ ସରକାରୀ ଖାତା ନଂ– ୩୧୧ରେ ଦରଜ କରାଯାଇଛି। ଏହା ଜାଣିବା ପରେ ନବରଙ୍ଗପୁର ମାନିକପୁରୀ ପନକା ସମାଜ, ଝରିଗାଁ ବ୍ଲକ ମାନିକପୁରୀ ପନକା ସମାଜ କର୍ମକର୍ତ୍ତା ଏବଂ କୁସୁମୀ ଗ୍ରାମବାସୀ ଜଲା ପ୍ରଶାସନ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଏବଂ ଗଣମାଧ୍ୟମକୁ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ, ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁସୁମି ଗ୍ରାମରେ ଥିବା କବୀର ଧର୍ମ ପୀଠ ପାଇଁ ଦଖଲ କରିଥିବା ସରକାରୀ ଜମିକୁ ବଂଶୀଧର ନିଜ ମାଆ ଧନମତୀଙ୍କ ନାଁମରେ ପଟ୍ଟା କରିଥିବା ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବା ସହ ଥାନାରେ କବୀରପନ୍ଥି ପନକା ସମାଜ ଜଣାଇଥିଲେ। ଚଳିତ ମାସ ୪ତାରିଖରେ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଝରିଗାଁ ତହସିଲକୁ ଆସି ତହସିଲଦାର ଏବଂ ରେକର୍ଡ଼ ରୁମ୍ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ପଚାରି ସମ୍ପୃକ୍ତ ଘଟଣାର ସମସ୍ତ ଦଲିଲ ଯାଞ୍ଚ କରିଥିଲେ।

# କନ୍ୟା ସଂଗଠନର ଜାଗୃତି ମଞ୍ଚ କାର୍ଯ୍ୟକ୍ରମ

ନନ୍ଦାହାଣ୍ଡି, ୨୧।୫,(ଡି.ଏନ.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ସମ୍ମିଳନୀ କକ୍ଷରେ ରବିବାର ନନ୍ଦାହାଣ୍ଡି କନ୍ୟା ସଂଗଠନ ଆନୁକୂଲ୍ୟରେ ଜାଗୃତି ମଞ୍ଚ କନ୍ୟା ସଂଗଠନ ଆବାହକ ପ୍ରଭଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କନ୍ୟା ଜାଗୃତି ମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ମାଝି, ଜୋନ୍ –୨ ଜିଲା ପରିଷଦ ସଦସ୍ୟ ଅରୁଣ ମିଶ୍ର, ମୁଖ୍ୟ ବକ୍ତା ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ରାଜ୍ୟ ଶିକ୍ଷକ ମହାସଂଘର ସଭାପତି ରମଣୀ ରଞ୍ଜନ ତ୍ରିପାଠୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସସ୍ମିତା ମହାନ୍ତି, କବି ସୁରେନ୍ଦ୍ର ନାଥ ପଣ୍ଡା, ଅଧ୍ୟାପିକା ମନୀଷା ସରକାର, ବାଲୁକା ଶିଳ୍ପୀ ବାଳକୃଷ୍ଣ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ବାଲ୍ୟ ବିବାହ, ବଳାତ୍କାର, ଭ୍ରୁଣ ହତ୍ୟା, ଯୌତୁକ ନିର୍ଯ୍ୟାତନା ଭଳି ଅପରାଧ ରୋକିବାରେ ପ୍ରୟାସ କରିବା ସହ ପୀଡ଼ିତା ଓ ନିଷ୍ପେସିତା ମହିଳାଙ୍କ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ସମସ୍ତ ସହଯୋଗ କରିବା, କନ୍ୟା ସଂଗଠନ ନିଜେ ଜଣେ କରାଟେ ବ୍ଲାକ ବେଲ୍ଟ ପ୍ରାପ୍ତ ବ୍ୟକ୍ତି ହୋଇଥିବାରୁ ଅଗାମୀ ଦିନରେ ମହିଳା ଓ ଶିଶୁ ମାନଙ୍କର ସୁରକ୍ଷା ପାଇଁ ଆତ୍ମସୁରକ୍ଷା ତାଲିମ ଦେବା ବ୍ୟବସ୍ଥା କରିବେ ବୋଲି ରାଜ୍ୟ ଶିକ୍ଷକ ମହାସଙ୍ଘ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ କନ୍ୟା ସଂଗଠନର ନବରଙ୍ଗପୁର ପୌରାଞ୍ଚଳ ଅଧ୍ୟକ୍ଷା ଭାବେ କାମିନୀ ପାଢ଼ୀଙ୍କୁ ଓ ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ଭାବେ ଭାଗ୍ୟବତୀ ଷଡ଼ଙ୍ଗୀଙ୍କୁ ଚୟନ କରାଯାଇଥିଲା। ମନୋରମା ମାଝିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ଦଳେଇଗୁଡ଼ା ଗ୍ରାମର କୁନି କୁନି ଝିଅମାନଙ୍କ ଦ୍ୱାରା ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ କନ୍ୟା ସଂଗଠନ ସଭାପତି ସ୍ୱର୍ଣ୍ଣ ଲତା ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ମନୋରମା ମାଝି ମଞ୍ଚ ପରିଚାଳନା କରିଥିଲେ।

# ଆଜିଠାରୁ ୩୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ

ରାୟଗଡା ଅଫିସ, ୨୧।୫

**ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଖବରଦାତା ସମ୍ମିଳନୀ**

ରାୟଗଡା ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଜିଲାସ୍ତରୀୟ ସାଧାରଣ ପରିଷଦର ଖବରଦାତା ସମ୍ମିଳନୀ ସ୍ଥାନୀୟ ଅମଲା ସଂଘ ପାଠାଗାରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆବାହକ ଅରୁଣ କୁମାର ପାଢ଼ୀ, ଓଡ଼ିଶା ରାଜସ୍ୱ ଅମଲା ସଂଘ ସଭାପତି ମନୋଜ କୁମାର ରଥ, ଓଡ଼ିଶା ଅମଲା ସଂଘ ସମ୍ପାଦକ ଗୋପୀନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ସଂଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ଅମଲାସଂଘର ବିଭିନ୍ନ ଦାବି ପୂରଣ ଉପରେ ଆଲୋଚନା କରାଯାଇଛି। ଅମଲାମାନଙ୍କର ଏକମାତ୍ର ଦାବି ଗ୍ରେଡ ପେ ୪୨୦୦ ପ୍ରଦାନ କରିବାରେ ସରକାର ଉଦାସୀନତା ପ୍ରଦର୍ଶନ କରୁଛନ୍ତି। ଯଦି ଏହା ପୂରଣ ନ କରନ୍ତି ତେବେ ଜୁନ୍ ୧ରୁ ସେମାନେ ଛୁଟିରେ ରହିବେ ବୋଲି ଚେତାବନୀ ଦେଇଛନ୍ତି।




ଅମଲା ସଂଘର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଏହାକୁ ପ୍ରତିବାଦ କରି ଖବରଦାତା ସମ୍ମିଳନୀରେ ବିରୋଧ କରାଯାଇଛି। ସରକାର ସେମାନଙ୍କ ଦାବି ପୂରଣ ନ କଲେ ରାଜ୍ୟ ସଂଘ ଡାକରାରେ ସୋମବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ ପିନ୍ଧି ପ୍ରତିବାଦ ପାଇଁ ସ୍ଥିର କରାଯାଇଛି।

ଏହା ସହ ଜୁନ ୧ରୁ ଜିଲାରେ କାର୍ଯ୍ୟରତ ସବୁ ବିଭାଗର ଜିଲାସ୍ତରୀୟ ଅମଲାମାନେ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୧ରେ ଅମଲାମାନେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପୂରଣ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ୨୦୧୭ଠାରୁ ଅମଲାମାନଙ୍କ ପାଖରେ ସମସ୍ତ ଯୋଗ୍ୟତା ଥାଇ ମଧ ସେମାନଙ୍କ ବେତନ ବୃଦ୍ଧି କରାଯାଉ ନ ଥିବାରୁ ଏହାର ପ୍ରତିବାଦ କରାଯାଉଛି।

## ସଂକ୍ଷେପରେ

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

କୁନ୍ଦୁରା,୨୧ା୫ (ଡି.ଏନ.ଏ.)- କୁନ୍ଦୁରା ବ୍ଲକ ସୀମାନ୍ତ ତଥା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଚେରକା ପଞ୍ଚାୟତ ସଦର ମହକୁମାରେ ବଜ୍ରପାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ମିଖାଏଲ ମାର୍ଣ୍ଡି (୨୪)। ଅପରାହ୍ନ ୨ଟାରେ ସେ ଘର ଛାତ ଉପରକୁ ଶୁଖୁଥିବା ଲୁଗାପଟା ଆଣିବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ପରିବାର ଲୋକେ ମିଖାଏଲଙ୍କୁ ସଙ୍ଗେ ସଙ୍ଗେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ରାମଗିରି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ସମୟରେ କୁନ୍ଦୁରା ଅଞ୍ଚଳରେ ଥିବା ବିଧାୟିକା ପଦ୍ମିନୀ ଦିଆନ, ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, କୁନ୍ଦୁରା ସରପଞ୍ଚ ଲବ ପରଜା, ସମିତିସଭ୍ୟ ଦାମୋଦର ଗଣ୍ଡା, ବ୍ଲକ ବିଜେଡି ଯୁବ ସଭାପତି ବିକ୍ରମ ବେହେରା ପ୍ରମୁଖ ଏହି ସୂଚନା ପରେ ଡାକ୍ତରଖାନାରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

### ବାମସେଫ ପକ୍ଷରୁ ପ୍ରଶିକ୍ଷଣ ଶିବିର

ଜୟପୁର, ୨୧ା୫(ନି.ପ୍ର.)- ବାମସେଫ୍ ପକ୍ଷରୁ ଜିଲାସ୍ତରୀୟ ଏକଦିବସୀୟ ପ୍ରଶିକ୍ଷଣ ଶିବିର ରବିବାର ଜୟପୁର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼ ଉଦ୍‌ଘାଟନ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଲେ। ମୁଖ୍ୟଅତିଥି ଭାବେ ଡାକ୍ତର ଦୁବରାଜ ମୁର୍ମୁ, ସମ୍ମାନିତ ଅତିଥି ମାଧବ ଚୌଧୁରୀ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ବାମସେଫର ରାଜ୍ୟ ସାଧାରଣ ସମ୍ପାଦକ ପ୍ରେମଚନ୍ଦ୍ର ତାଣ୍ଡି ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଚନ୍ଦନ ସିଂ, ଚନ୍ଦ୍ରକାନ୍ତ ସୂତାର, ଚନ୍ଦ୍ରମଣି ବାରିକ, ପ୍ରବୀର ପାତ୍ର, ହୀରାମଣି ହାଲବା, ଗଣପତି ମାଝୀ, ରଜତ ବିଶ୍ୱାସୀ, ରାଜୀବ ଟାକ୍ରି ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁରାଜ ନଗରରେ ବିକାଶମୂଳକ କାର୍ଯ୍ୟ ସମୀକ୍ଷା

ଜୟପୁର, ୨୧ା୫ (ନି.ପ୍ର.)- ଜୟପୁର ସହର ବିଜୁରାଜ ନଗର ଅଞ୍ଚଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ରବିବାର ସମୀକ୍ଷା ହୋଇଛି। ୪୮ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା, ଡ୍ରେନ, ସୋଲାର ଲାଇଟ ଆଦି ବ୍ୟବସ୍ଥା କରାଯାଇଛି। ପୂର୍ବରୁ ୫୨ ପରିବାରକୁ ଘରେ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟଦେଶ ପ୍ରଦାନ କରାଯାଇଛି। ବିଜୁରାଜନଗରରେ ଆଗାମୀ ଦିନରେ ଶିଶୁ ଉଦ୍ୟାନ, ପରିଚୟ ଗୃହ ନିର୍ମାଣ ହେବ ବୋଲି ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି।

### ବଡ଼ ଓଝେଇ ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୨୧ା୫ (ନି.ପ୍ର.)-ଜୟପୁର ସଦର ଥାନା ଅନ୍ତର୍ଗତ ବଡଓଝେଇ ଜଙ୍ଗଲରେ ଅବକାରୀ ଚଢ଼ାଉ ହୋଇଛି। ଚୋରା ମଦ କାରବାର କରୁଥିବା ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢ଼ାଉ କରାଯାଇଥିଲା। ଏନେଇ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। କର୍ମଚାରୀମାନେ ଘଟଣାସ୍ଥଳରୁ ଏକ ହଜାର ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ଜବତ କରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

# ୧ରୁ ସରକାରୀ କାର୍ଯ୍ୟାଳୟ ଦିବାରାତ୍ରି ଅନ୍ଧାରରେ ରଖିବୁ

## ଦାବି ପୂରଣ ନ ହେଲେ ମିଳିତ ଅମଲା ମଞ୍ଚର ନିଷ୍ପତ୍ତି

ମାଲକାନଗିରି,୨୧ା୫(ଡି.ଏନ୍.ଏ.)


ବୈଠକରେ ଉପସ୍ଥିତ ଅମଲାମାନେ।

ଆସନ୍ତା ମାସ ୧ ତାରିଖ ପୂର୍ବରୁ ରାଜ୍ୟ ଅମଲାମାନଙ୍କ ଏକଦଫା ଦାବି ସରକାର ପୂରଣ ନ କଲେ ଜୁନ୍ ୧ ତାରିଖଠାରୁ ସମୂହ ଛୁଟିରେ ଯାଇ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଦିବାରାତ୍ର ଅନ୍ଧାର କରିବେ ବୋଲି ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ରବିବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି। ୧ରୁ ଦାବିପୂରଣ ନ ହେବା ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟାଳୟକୁ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛଡାଯିବ ନାହିଁ। ଫଳରେ ସମ୍ପୂର୍ଣ୍ଣ କାର୍ଯ୍ୟାଳୟ ଦିବାରାତ୍ରି ଅନ୍ଧାରରେ ରହିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଡିଆରଡିଏ ସମ୍ମିଳନୀ କକ୍ଷରେ ସଂଘ ଆବାହକ ଶ୍ୟାମ ସୁନ୍ଦର ନାୟକଙ୍କ ଆହ୍ୱାନରେ ମିଳିତ ମଞ୍ଚର ହୋଇଥିବା ବୈଠକରେ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ସେଠୀ ସଭାପତିତ୍ୱ କରିଥିଲେ। ବୈଠକ ପରେ ଏକ ଖବରଦାତା ସମ୍ମିଳନୀରେ ଆବାହକ ନାୟକ ଓ ଅଧ୍ୟକ୍ଷ ସେଠୀ ଉପରୋକ୍ତ ସୂଚନା ଦେଇଛନ୍ତି। ଅମଲାମାନେ ସେମାନଙ୍କ ଦାବି ନେଇ ଏପ୍ରିଲ ୨୧ରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜିଲାର ଜିଲାପାଳଙ୍କ ଜରିଆରେ ଦାବିପତ୍ର ଦେଇଥିଲେ। ଏପ୍ରିଲ ୩୦ ସୁଦ୍ଧା ସରକାର ମଞ୍ଚକୁ ଆଲୋଚନାକୁ ନ ଡାକିବାରୁ ଚଳିତ ମାସ ୧ରେ ମଞ୍ଚର ରାଜ୍ୟ ନେତୃମଣ୍ଡଳୀ ମୁଖ୍ୟ ଶାସନ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ ସରକାର ସେମାନଙ୍କ ଏକମାତ୍ର ଦାବି ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଭିତିରେ ଜିଲାସ୍ତରୀୟ କନିଷ୍ଠ ଅମଲା ମାନଙ୍କ ମୂଳଦରମା ୯୩୦୦ ଟଙ୍କା ସହ ଗ୍ରେଡପେ ୪୨୦୦ ଟଙ୍କା ଓ ଲେବେଲ୍ ୯ ଅନୁ ଯାୟୀ ନିର୍ଦ୍ଧାରଣ କରିବା ଦିଗରେ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ଫଳରେ ଅମଲାମାନେ ସୋମବାରଠାରୁ କଳାବ୍ୟାଜ ପରିଧାନ କରି ଆନ୍ଦୋଳନ କରିବା ସହ ଜୁନ୍ ୧ରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି।

## ୩୩ ବିଭିନ୍ନ ବିଭାଗର ଅମଲା ସାମିଲ ହେବେ

କୋରାପୁଟ,୨୧ା୫(ସ୍ୱ.ପ୍ର.)



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ରବିବାର ମିଳିତ ଅମଲା ମଞ୍ଚର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଦୀର୍ଘ ଦିନର ଅମଲାମାନଙ୍କ ଏକମାତ୍ର ଦାବି ପ୍ରତି ସରକାର ଗୁରୁତ୍ୱ ଦେଉ ନ ଥିବାରୁ ମେ ୨୨ରୁ ୩୧ ପର୍ଯ୍ୟନ୍ତ ଅମଲାମାନେ କଳାବ୍ୟାଜ୍ ପରିଧାନ କରି ପ୍ରତୀକା ଧର୍ମଘଟ କରିବେ। ଏହା ସତ୍ତ୍ୱେ ଦାବି ପୂରଣ ନ ହେଲେ ଜୁନ ୧ରୁ ଅମଲାମାନେ ସମୂହ ଛୁଟିରେ ରହିବେ ବୋଲି କୋରାପୁଟ ଜିଲା ଶାଖା ସଭାପତି ଶଶୀଭୂଷଣ ଦାଶ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୋମବାର ହେଉଥିବା କଳାବ୍ୟାଜ ପରିଧାନ ଆନ୍ଦୋଳନରେ ଜିଲାର ୩୩ଟି ବିଭିନ୍ନ ବିଭାଗର ସବୁ ଅମଲାମାନେ ସାମିଲ ହେବେ ବୋଲି ସଭାପତି ଦାଶ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମୁଖ୍ୟ ଉପଦେଷ୍ଟା ସୁନାକର ରାଉତ, ଉପଦେଷ୍ଟା ମନୋଜ ବାରିକ, ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, କୋଷାଧ୍ୟକ୍ଷ ରାଜୀବ ଲୋଚନ ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଅଧିଷ୍ଠାତ୍ରୀ ମା ଭଗବତୀ ମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୨୧ା୫ (ନି.ପ୍ର.)–

ଜୟପୁରର ନାରାୟଣ ମନ୍ଦିରସାହି ସ୍ଥିତ ମହାମାୟୀ ଭଗବତୀଙ୍କ ନୂତନ ପାର୍ଶ୍ୱ ବିଗ୍ରହ ସହିତ ଦେବୀ ପ୍ରସାଦ ପ୍ରତିଷ୍ଠା ଉତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି । ଏଥିରେ ମନ୍ଦିର ଟ୍ରଷ୍ଟ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ରଥ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଟ୍ରଷ୍ଟ ସଦସ୍ୟମାନଙ୍କ ସହ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ଥିଲେ। ଆସନ୍ତା ୪ ତାରିଖରୁ ୮ ତାରିଖ ଯାଏ ୫ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଷ୍ଠା ଉତ୍ସବ ନୀତିକାନ୍ତି ହେବାର କାର୍ଯ୍ୟକ୍ରମ ରହିଛି। ୫ ଦିନ ଘୃତ ଯଜ୍ଞ, ଷୋଡଷ ଉପଚାର ପୂଜା, ଚଣ୍ଡୀ ପାରାୟଣ ଆଦି ହେବ। ୪ରେ ଦୀକ୍ଷା ଗ୍ରହଣ, ଅଙ୍କୁରା ରୋପଣ, ମଣ୍ଡଳାଧିବାସ, ୫ରେ କଳସ ଯାତ୍ରା, ପ୍ରତିଷ୍ଠା, ବ୍ରାହ୍ମଣ ବରଣ, ମଣ୍ଡଳ ପୂଜା, ପାବତ୍ୟାଗ୍ନି ସ୍ଥାପନା, ୬ରେ ମଣ୍ଡଳପୂଜା, ନୂତନ ବିଗ୍ରହମାନଙ୍କ ଅଧିବାସ, ନେତ୍ରୋତ୍ସବ, ଘୃତଯଜ୍ଞ, ନାମଯଜ୍ଞ, ଜୀବନ୍ୟାସ, ୭ରେ ମହାସ୍ନାନ, ମଣ୍ଡଳ ପୂଜା, ଘୃତ ଯଜ୍ଞ, ଦେବତା ସ୍ୱସ୍ତିକ ମଣ୍ଡଳେ ଶୟନ ନାମଯଜ୍ଞାରମ୍ଭ, ଜୀବନ୍ୟାସ ୮ରେ ପାର୍ଶ୍ୱଦ୍ୱାର, ତ୍ରିଶୂଳ, ଧ୍ୱଜ ସ୍ଥାପନ, ଯଜମାନ ପ୍ରତିଷ୍ଠା, ମହାଧ୍ୱଜ ଭ୍ରମଣ ଓ ପୂର୍ଣ୍ଣାହୂତି ଆଦି ନିଷ୍ପତ୍ତି ହୋଇଛି।


ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

# ଟଙ୍କା ସୁନା ଅଳଙ୍କାର ଚୋରି କରି ୨ ଗିରଫ

ମାଲକାନଗିରି,୨୧ା୫ (ଡି.ଏନ୍.ଏ.)

ମାଲକାନଗିରି ପୋଲିସ ରବିବାର ୨ଜଣଙ୍କୁ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମାଲକାନଗିରି ଥାନା ଏମ୍‌ଭି-୧୮ ଗ୍ରାମର ଗୋପାଳ ବାରୋଇ ଓ କାଲିମେଲା ଥାନା ଏମ୍‌ଭି-୪୧ଗ୍ରାମର ସୁବଳ ବାଲା । ଉଭୟଙ୍କ ନିକଟରୁ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ଗତ ତିନିଦିନ ତଳେ ଏମ୍‌ଭି-୨୦ ଗ୍ରାମରେ ଜଣେ ବ୍ୟବସାୟୀ ସଞ୍ଜୟ ଗାଇନଙ୍କ ଘରୁ ୩୮ ହଜାର ଟଙ୍କା, ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିଲା। ସେ ପରିବାର ସହ ଉମରକୋଟ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଟଙ୍କା ଓ ଅଳଙ୍କାର ଚୋରି କରି ନେଇଥିଲେ। ଉମରକୋଟରୁ



ଫେରିବା ପରେ ସଞ୍ଜୟ ଘରୁ ଚୋରି ହୋଇଥିବା ଜାଣି ଥାନାରେ ଏତଲା ଦେଇଥିଲେ। ଏହାକୁ ଆଧାର କରି ମାଲକାନଗିରି ପୋଲିସ ତଦନ୍ତ କରି ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଦୁଇଟି ଲାପଟପ୍, ଗୋଟିଏ ସୁନା ଅଳଙ୍କାର, ନଗଦ ୩୪,୨୦୦ ଟଙ୍କା, ପୋଲିସ ଜବତ କରିଛି। କେସ୍ ନଂ. ୨୭୨/୨୩।

# ଭିନ୍ନକ୍ଷମ ଚିହ୍ନଟ ଅଭିଯାନ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୨୧ା୫(ନି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ପକ୍ଷରୁ ସୋମବାର ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଭିନ୍ନକ୍ଷମଙ୍କୁ ଚିହ୍ନଟ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହେବ। ସପ୍ତାହବ୍ୟାପୀ ହେବାକୁ ଥିବା ଏହି ଅଭିଯାନରେ ପାରାଲିଗାଲ ସ୍ୱେଚ୍ଛାସେବୀ ମାନେ ଗ୍ରାମକୁ ଗ୍ରାମ ବୁଲି ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବେ। ଏହାକୁ କିପରି ସଫଳ କରାଯାଇ ପାରିବ ସେନେଇ ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ରଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପ୍ରଶାସନର ଅଧିକାରୀମାନେ ଯୋଗଦେଇ ଆଲୋଚନା କରିଥିଲେ। ଅଭିଯାନ ଯେପରି ସଫଳ ହେବ ସେ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସିଜେଏମ୍ ଦିଲୀପ ସାହୁ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁମନ ଜେନା, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର୍ ବିଷ୍ଣୁ ପ୍ରସାଦ ଦେବତା, ଏଡ଼ିଏମ୍ ରାଜେନ୍ଦ୍ର ମାଝୀ, ଏସ୍‌ପି ଅଭିନବ ସୋନକର, ସିଡ଼ିଏମ୍‌ଓ, ଅରୁଣ ପାଢ଼ୀ, ଡିଏସ୍‌ଏସ୍‌ଓ ସୀମାଞ୍ଚଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାଟ୍ରିକ ପରୀକ୍ଷାର ଜିଲା ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା


ଅତିଥିମାନେ ମେଧାବୀ ଛାତ୍ରଙ୍କୁ ସମ୍ମାନିତ କରୁଛନ୍ତି।

ମାଲକାନଗିରି,୨୧ା୫ (ଡି.ଏନ୍.ଏ.)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ଏଥିରେ ଜିଲାରେ ଟପ୍ପର ହୋଇଥିବା ମାଲକାନଗିରି ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟଜିତ ମିଶ୍ର ଓ ଜବାହର ନବୋଦୟ ବିଦ୍ୟାଳୟ-୧(ସିବିଏସ୍‌ଇ)ର ଛାତ୍ର ହିମେଶ ରଞ୍ଜନ ସିକଦାରଙ୍କୁ ରବିବାର ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମାନିତ କରାଯାଇଛି। ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ସଭାପତି ରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଜିଲା ଯୋଜନା ଓ ସମନ୍ୱୟ ବିଭାଗ ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ ମୁଖ୍ୟବକ୍ତା, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନେଶ୍ୱର ମହାପାତ୍ର, ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ସି. ଶିବରାମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ମେଧାବୀ ଛାତ୍ର ଦ୍ୱୟଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ରବୀନ୍ଦ୍ର ମହାରଣା, ଅବସରପ୍ରାପ୍ତ ଅଧ୍ୟକ୍ଷ ସରୋଜ ଦାସ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା, ବାଳକ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡାଙ୍କ ସହ ବହୁ ବୁଦ୍ଧିଜୀବୀ, ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରମେୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୧କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ


ଜବତ ଗଞ୍ଜେଇ, କାର ଏବଂ ଗିରଫ ହୋଇଥିବା ୩ ଅଭିଯୁକ୍ତ।

ପଡିଆ, ୨୧ା୫(ଡି.ଏନ.ଏ.)

କାଲିମେଲା ପୋଲିସ ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ଏକ ର୍‍ୟାକେଟ୍ ଧରାପଡିଛନ୍ତି। ପୋଲିସ ସେମାନଙ୍କଠାରୁ ୧୦୨ କେଜି ଗଞ୍ଜେଇ ଜବତ କରିଛି। ଗୋଟିଏ କାର ଓ ଏକ ବାଇକ୍ ମଧ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଡିଆ ଥାନା ଏମଭି-୫୯ଗ୍ରାମର ବିଶ୍ୱଜିତ ତରଫଦାର (୨୬), କାଲିମେଲା ଥାନା ଏମଭି-୬୯ ଗ୍ରାମର ବିକ୍ରମ ଓଝା (୨୬) ଏବଂ ଭୀମା ପଡିଆମୀ (୨୦)। ସମସ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

ଖବରରୁ ଜଣାପଡିଛି, ସିଂଘାଭରମ କେନାଲ ରାସ୍ତାରେ ରାତିରେ ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିଲା ବେଳେ ଦୁଇଟି କାର (ଓଡ଼ି୧୦ୟୁ-୨୩୬୩ ଏବଂ ଓଡ଼ି ୧୦ଭି-୬୩୪୩), ଏକ ବାଇକ୍‌ରେ ଯାଉଥିବା ଦେଖି ପୋଲିସ ସନ୍ଦେହ କରିଥିଲା। ପୋଲିସ ସମ୍ପୃକ୍ତ ବାଇକ୍ ଓ କାର ୨ଟିକୁ ଅଟକାଇ ଯାଞ୍ଚ କରିବାରୁ କାରରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ୧୧୯/୨୩ରେ ଏକ ମାମଲା ରୁଜୁ ହୋଇଛି। ଏହି ଗଞ୍ଜେଇ ସେମାନେ ଛତିଶଗଡ ଚାଲାଣ କରୁଥିଲେ ପଚରାଉଚରା ବେଳେ ପ୍ରକାଶ କରିଛନ୍ତି। ବୋଲି ପାଟ୍ରୋଲିଂରେ ଥାନା ଅଧିକାରୀ ନାୟକଙ୍କ ସହ ଏଏସ୍‌ଆଇ ସୁରେଶ ଚନ୍ଦ୍ର ବିଶି ମାଝୀ, ଏସଆଇ ନରେନ୍ଦ୍ର ପ୍ରସାଦ ଭତ୍ରା, କନଷ୍ଟେବଲ ନାରାୟଣ ସେଠୀ ସାମିଲ ହୋଇଥିଲେ।

# ନକଲି କ୍ଲବ ଥିବା ଅଭିଯୋଗ ପରେ ଉପଖଣ୍ଡ କ୍ରୀଡା ସଂଘ ନିର୍ବାଚନ ସ୍ଥଗିତ

କୋରାପୁଟ,୨୧ା୫(ସ୍ୱ.ପ୍ର.)

ଆସନ୍ତା ୨୩ ତାରିରେ କୋରାପୁଟ ଉପଖଣ୍ଡ କ୍ରୀଡା ସଂଘ ନିର୍ବାଚନକୁ କୋରାପୁଟ ଉପଜିଲାପାଳ ବେଣୁଧର ଶବର ସ୍ଥଗିତ ରଖିଛନ୍ତି। କୋରାପୁଟ ଉପଖଣ୍ଡର ୨୫ଟି କ୍ଲବର ସଦସ୍ୟମାନେ ସଂଘର ନିର୍ବାଚନ ପାଇଁ ଭୋଟ ଦେଇଥାନ୍ତେ। ମାତ୍ର ୨୫ କ୍ଲବ ମଧ୍ୟରୁ କିଛି ନକଲି ରହିଥିବା ଅଭିଯୋଗ ହେବା ପରେ ଉପଜିଲାପାଳ ଶବର ସଂଘର ନିର୍ବାଚନକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। କ୍ଲବଗୁଡିକ ରହିଥିବା ନେଇ ସତ୍ୟତା ରହିଛି କି ନାହିଁ ଅନୁସନ୍ଧାନ କରି ରିପୋର୍ଟ ଦେବାକୁ ସବୁ ବ୍ଲକର ବିଡିଓ ମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରିର୍ପୋଟ ଆସିବା ପରେ ନିର୍ବାଚନ ତାରିଖ ଘୋଷଣା କରାଯିବ ବୋଲି ଉପଜିଲାପାଳ ଶବର କହିଛନ୍ତି। ଅନ୍ୟପକ୍ଷରେ କ୍ଲବଗୁଡିକ ପଞ୍ଜୀକୃତ ନ ହୋଇ କିପରି ଉପଖଣ୍ଡ କ୍ରୀଡା ସଂଘରେ ସାମିଲ ହୋଇଛନ୍ତି ସେନେଇ ତଦନ୍ତ କରିବାକୁ କ୍ରୀଡାବିତ କାମାକ୍ଷା ପ୍ରସାଦ ମାଝି ଦାବି କରିଛନ୍ତି। ସେହିପରି କୋରାପୁଟ ମ୍ୟୁନିସିପାଲିଟି ଜିମନାଜିମର ସମ୍ପାଦକ ଭବାନୀ ଶଙ୍କର ମିଶ୍ର ମଧ ନିର୍ବାଚନରେ ନୂତନ ଭାବେ ପଞ୍ଜୀକୃତ ହେଲେ ସମ୍ପୃକ୍ତ କ୍ଲବଗୁଡିକୁ ସାମିଲ କରିବାକୁ ଦାବି କରିଛନ୍ତି। ତେବେ ଉପରୋକ୍ତ ୨୫ କ୍ଲବ କୋରାପୁଟ ଉପଖଣ୍ଡ କ୍ରୀଡା ସଂଘରେ ଅନୁବନ୍ଧିତ ହୋଇ ଗତ ନିର୍ବାଚନରେ ଭାଗ ନେଇଥିଲେ ବୋଲି ପୂର୍ବତନ ଉପଖଣ୍ଡ କ୍ରୀଡା ସଂଘ ସମ୍ପାଦକ ଜେ ହେମା ରାଓ କହିଛନ୍ତି।

# ୨ ବାଇକ୍ ମୁହାଁମୁହିଁ, ୩ ଆହତ

ଦଶମନ୍ତପୁର,୨୧ା୫(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତର ତୋଟାଗୁଡ଼ା ମଶାଣି ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ ତୋଟାଗୁଡ଼ା ଗ୍ରାମର ଘେନୁ ମାଣ୍ଡିଙ୍ଗାଙ୍କ ଝିଅ ଅଲୋକ ମାଣ୍ଡିଙ୍ଗା (୨୦), ଚିକାମ୍ବ ସଦର ପଞ୍ଚାୟତର ପ୍ରଦୀପ ଖୋସଲା ଓ ପ୍ରଭାକର ମାଣ୍ଡିଙ୍ଗା। ପ୍ରଭାକର ସାମାନ୍ୟ ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି, ତାଙ୍କ ଭଣଜା ପ୍ରଭାକରଙ୍କ ସହ ଗ୍ରାମରୁ ମୁର୍କାରକୁ କୌଣସି କାର୍ଯ୍ୟରେ ଯାଉଥିଲେ। ଏହି ସମୟରେ ପ୍ରଭାକର ଏକ ପିକ୍‌ଅପ୍ ଭ୍ୟାନ ଏମ୍‌ପି୪୪ ଜିଏ-୧୦୭୬କୁ ଓଭର ଟେକ କରୁଥିବା ବେଳେ ଅପରପାର୍ଶ୍ୱରୁ ବାଇକ୍‌ରେ ଆସୁଥିବା ପ୍ରଦୀପଙ୍କ ସହ ତାଙ୍କର ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ। ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅଛନ୍ତି। ପ୍ରଦୀପ ଓ ଅଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପିକଅପ୍ ଭ୍ୟାନ ଏବଂ ୨ ବାଇକକୁ ଜବତ କରିଛନ୍ତି।

## ୨ କୋରାପୁଟ ସ୍ଥାନାନ୍ତର


ଜଣେ ଆହତଙ୍କୁ ଡାକ୍ତରଖାନା ନିଆଯାଉଛି ।

# ମାଲକାନଗିରିରେ ଉଦ୍‌ଘାଟିତ ହେଲା ମହିଳା କୋର୍ଟ

ମାଲକାନଗିରି,୨୧ା୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଦୌରାଜଜ୍ କୋର୍ଟ ପରିସରରେ ମହିଳା କୋର୍ଟ ଉଦ୍‌ଘାଟିତ ହୋଇଛି। ଭର୍ଚ୍ଚୁଆଲ ମାଧ୍ୟମରେ ଏହାକୁ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଉଦ୍‌ଘାଟନ କରିଥିଲେ। ଏହି ମହିଳା କୋର୍ଟର ବିଚାରପତି ରୂପେ ସହକାରୀ ଦୌରାଜଜ୍ ବବିତା ଦାସ ରହିଛନ୍ତି। ଏହି କୋର୍ଟରେ ବିଶେଷ କରି ମହିଳାଙ୍କ ବିରୋଧରେ ହେଉଥିବା ବିଭିନ୍ନ ମାମଲାର ବିଚାର କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ବିଚାରପତି ଏମ୍.ଏସ୍. ରମନ୍, ଜିଲା ଦୌରାଜଜ୍ ଅଜନ୍ତା ଷଡଙ୍ଗୀ, ଅତିରିକ୍ତ ଜିଲା ଦୌରା ଜଜ୍ ଉଦୟଭାନୁ ଜେନା, ସିଜେଏମ୍ ସତ୍ୟପ୍ରିୟ ଦାସ, ବରିଷ୍ଠ ଦେବାନି ବିଚାରପତି ବିଜୟ ଦାସ, ଜିଲା ଆଇନସେବା ପ୍ରାଧିକରଣ ସଚିବ ରାକେଶ ମୁଦୁଲି, ରେଜଷ୍ଟ୍ରାର ଅରୁପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କାଳବୈଶାଖୀରେ ଉଡ଼ିଲା ଛାତ୍ରାବାସ ଛପର


କାଳବୈଶାଖୀ ଝଡପବନରେ ଉଡିଯାଇଥିବା ବିଦ୍ୟାଳୟ ଛାତ୍ରାବାସ ଛପର।

ନନ୍ଦପୁର, ୨୧ା୫ (ଡି.ଏନ.ଏ.)

କାଳ ବୈଶାଖୀର ତାଣ୍ଡବରେ ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରାବାସ କ୍ଷତିଗ୍ରସ୍ତ ହୋଇଛି। ଏହାର ଟିଣ ଆଜବେଷ୍ଟସ୍ ଛପର ଉଡ଼ିଯାଇଛି। ଛାତ୍ରବାସରେ ଗ୍ରୀଷ୍ମାବକାଶକାଳୀନ ଶିକ୍ଷା ପାଇଁ ରହିଥିବା ୧୧ ଜଣ ଛାତ୍ର ବିପଦରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେମାନଙ୍କୁ ଅନ୍ୟ ଏକ ଗୃହକୁ ସ୍ଥାନାନ୍ତର କରାଯାଇଥିବା ଅଧ୍ୟକ୍ଷ ଅର୍ଜୁନ ଚିଞ୍ଚୁହାଁ କହିଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ ଏବଂ ଛାତ୍ରାବାସର ମରାମତି କରିବାକୁ ଅନ୍ତେବାସୀଙ୍କ ସମେତ ଅଭିଭାବକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଦାବି କରିଛନ୍ତି। ଏନେଇ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଜସକେତନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, କୁଲାବିର ପଞ୍ଚାୟତ ପିଇଓ ଓ ଯନ୍ତ୍ରୀଙ୍କ ଦ୍ୱାରା ସ୍ଥିତି ପରଖି ବିଡିଓଙ୍କ ସହ ଆଲୋଚନା କରି ସେ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ବିଦ୍ୟୁତ୍ ତାର ଛିଣ୍ଡିବାରୁ ଗ୍ରାମବାସୀଙ୍କ ଧାରଣା

ରାଇଘର,୨୧।୫(ଡି.ଏନ.ଏ.)

ରାଇଘର ବ୍ଲକ ଅନ୍ତର୍ଗତ ଦେବାଗାଁ ପଞ୍ଚାୟତର ୭ଖଣ୍ଡ ଗ୍ରାମକୁ ସଂଯୋଗ କରୁଥିବା ବିଦ୍ୟୁତ୍ ତାର ରବିବାର ଛିଣ୍ଡି ଯିବାରୁ ଗ୍ରାମବାସୀ ଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାଇ ଭାରତ ମାଲା ଯୋଜନାରେ କାମରେ ଲାଗିଥିବା ଟିପର ଗୁଡ଼ିକ ବେପରୁଆ ଭାବରେ ଚଳାଚଳ କରୁଥିବାରୁ ଏହାକୁ ନେଇ ବହୁବାର ଅଭିଯୋଗ କରି ଆସୁଥିଲେ। କିନ୍ତୁ ତାଙ୍କ କଥା କେହି ନ ଶୁଣିବାରୁ ରବିବାର ଗ୍ରାମକୁ ଯାଇଥିବା ବିଦ୍ୟୁତ୍ ତାର ଟିପର ମାଲ ବୋଝେଇ କରି ନେବା ସମୟରେ ଛିଣ୍ଡି ଯାଇଥିଲା। ବର୍ତ୍ତମାନ ପ୍ରବଳ ଗରମ ଯୋଗୁ ଲୋକେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଗ୍ରାମବାସୀ କୁରୁଟବେଲାଠାରୁ ସଡ଼କପରା ମଧ୍ୟରେ ନିର୍ମାଣାଧୀନ ଭାରତ ମାଲା ରାସ୍ତା ଉପରେ ଧାରଣା ଦେଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ସୋମବାର ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ନାଥୁରାମ ଗଣ୍ଡ,ଦେବେନ୍ଦ୍ର ଗଣ୍ଡ,ଲଖମନ ଗଣ୍ଡ,ରାଜକୁମାର ଗଣ୍ଡ,କାର୍ତ୍ତିକ ଗଣ୍ଡ,ଟିଙ୍କୁ ଗଣ୍ଡ, ଲାଖରାମ ଗଣ୍ଡ,ଗଣେଶ ଗଣ୍ଡ,ରାଜେନ୍ଦ୍ର ଗଣ୍ଡ ଓ ଟିବୁ ରାମ ଗଣ୍ଡ ପ୍ରମୁଖ କହିଛନ୍ତି।

# ସମ୍ପାଦକ, ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ

ଜୟପୁର,୨୧।୫ (ନି.ପ୍ର.)

ସ୍ଥାନୀୟ ଅରବିନ୍ଦ ନଗର ସରସ୍ୱତୀ ବିଦ୍ୟାମନ୍ଦିରଠାରେ ଶିକ୍ଷା ବିକାଶ ସମିତି ତରଫରୁ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ ରବିବାର ଉଦ୍ଘାଟିତ ହୋଇଛି। ମୁଖ୍ୟଅତିଥି ରୂପେ କ୍ଷେତ୍ରୀୟ ସଙ୍ଗଠନ ମନ୍ତ୍ରୀ ଦିବାକର ଜି ଘୋଷ, ମୁଖ୍ୟବକ୍ତା ରୂପେ ବିଦ୍ୟାଭାରତୀର ପୂର୍ବକ୍ଷେତ୍ର ମନ୍ତ୍ରୀ ସରୋଜ ହାତୀ ଯୋଗ ଦେଇଥିଲେ। ଅତିଥିମାନେ ଅବିଭକ୍ତ କୋରାପୁଟ ଜିଲାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଗୁଡିକର ସଫଳତା ସମ୍ପର୍କରେ ମତ ରଖିଥିଲେ। ଜିଲା ପ୍ରମୁଖ ସଂଗ୍ରାମ କେଶରୀ ମିଶ୍ର ଅତିଥି ପରିଚୟ ଦେଇଥିଲେ। ଦକ୍ଷିଣ ସମ୍ଭାଗ ସଂଯୋଜକ ସୁକାନ୍ତ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଭାରତକୃଷ୍ଣ ଗଣିତ ପ୍ରତିଭା ଓ ପ୍ରାଦେଶିକ ମେଧା ପରୀକ୍ଷାରେ ଅବିଭକ୍ତ କୋରାପୁଟ ଜିଲାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁବ୍ରତ ପଟ୍ଟନାୟକ ପରିଚାଳନା କରିଥିଲେ। ସମ୍ଭାଗ ସମ୍ପାଦକ ଶ୍ରୀଧର ଶତପଥୀ, ସମ୍ଭାଗ ଶିଶୁ ବାଟିକା ପ୍ରମୁଖ ପ୍ରଦୀପ ମଲ୍ଲିକ, ଦକ୍ଷିଣ ସମ୍ଭାଗ ପାଳକ ସଞ୍ଜୟ ମିଶ୍ର, ସହ ବିଭାଗ ନିରୀକ୍ଷକ ମାଧବ ଶତପଥୀ, ସମ୍ଭାଗ କୋଷାଧ୍ୟକ୍ଷ ଭାରତ ଚନ୍ଦ୍ର ବରାଳ, ସମ୍ଭାଗ ସମିତି ସଦସ୍ୟା କବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେମାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭତ୍ତା ଟଙ୍କା ଆଣିବାକୁ ବ୍ୟାଙ୍କ ଯାଇପାରୁନାହାନ୍ତି ଦମ୍ପତି



ବାଘମାରୁ ଓ ସୀତା।

## ବୟସ ସାଜିଛି ବାଧକ

ମାଥିଲି, ୨୧।୫ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଧୁଙ୍ଗିଆପୁଟ ପଞ୍ଚାୟତ ନାୟକଗୁଡା ଗ୍ରାମରେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି ବୃଦ୍ଧ ଦମ୍ପତି। ସେମାନେ ହେଲେ ଗ୍ରାମର ବାଘମାରୁ ନାୟକ(୭୦) ଓ ତାଙ୍କ ସ୍ତ୍ରୀ ସୀତା(୬୭)। ସନ୍ତାନସନ୍ତତି ନ ଥିବା ଏହି ଦମ୍ପତି ଏବେ ବଞ୍ଚିବାକୁ କରୁଛନ୍ତି ସଂଘର୍ଷ। ରହିବାକୁ ଥିବା ଘର ଖଣ୍ଡେ ସେମାନଙ୍କ ମୁଣ୍ଡ ଗୁଞ୍ଜିବାକୁ କେବଳ ପାଲଟିଛି ସାହାରା। ବୟସାଧିକ ହେତୁ ସେମାନେ ବିଛଣାରୁ ଉଠିପାରୁନାହାନ୍ତି। ପାଉଥିବା ରାଶନ ୩୫ କେଜି ଚାଉଳ ଗ୍ରାମର ଯେକୌଣସି ଗ୍ରାମବାସୀଙ୍କ ସହାୟତାରେ ନେଇ ଆସୁଛନ୍ତି। ମାତ୍ର ଭତ୍ତା ଟଙ୍କା ଉଠାଇବାକୁ ଉଭୟେ ବ୍ୟାଙ୍କକୁ ଯାଇପାରୁନାହାନ୍ତି। ମୁଁ ଚାଲିବାକୁ ଅକ୍ଷମ ବ୍ୟାଙ୍କକୁ କିପରି ଭତ୍ତା ଟଙ୍କା ଆଣିବାକୁ ଯିବି ବୋଲି କହନ୍ତି ବାଘମାରୁ। ପ୍ରଶାସନ ପକ୍ଷରୁ ଭତ୍ତା ଟଙ୍କା ସେମାନଙ୍କ ନିକଟରେ ପହଞ୍ଚାଇବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।

# ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଜୟପୁର, ୨୧।୫ (ନି.ପ୍ର.)

ଜୟପୁର ସହରର ଖ୍ରୀଷ୍ଟିଆନପେଟାରେ ଜଣେ ଛାତ୍ରୀଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି । ମୃତ ଛାତ୍ରୀ ଜଣକ ହେଲେ ସୁଜାତା ହରିଜନ । ଶନିବାର ରାତିରେସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟାଉନଥାନାରେ ୨୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ସୁଜାତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ।

# କଇଠଡ଼ା ଗାଁ ନାଳରୁ ଯୁବକଙ୍କ ମୃତଦେହ ଜବତ

ଦିଗପହଣ୍ଡି,୨୧।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଠଡା ଗ୍ରାମ ନିକଟ ଏକ ନାଳରୁ ରବିବାର ସକାଳୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେ ହେଲେ କଇଠଡା ଗ୍ରାମ ରୋଡ ସାହିର ବାବୁଲା ରେଡ୍ଡୀ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ନିଶାସକ୍ତ ଅବସ୍ଥାରେ ଅସାବଧାନତା କାରଣରୁ ବାବୁଲା ରାସ୍ତାକଡ଼ ବ୍ରିଜ ଉପରୁ ଖସି ପଡିଥିବା ସନ୍ଦେହ କରାଯାଉଛି। ବାବୁଲାଙ୍କ ବେକ ହାଡ଼ ଭାଙ୍ଗି ଯାଇଥିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବାବୁଲାଙ୍କ ପରିବାର ଲୋକେ ଭୁବନେଶ୍ୱରରେ ରହି ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ବାବୁଲା ଗାଁରେ ଏକୁଟିଆ ରହୁଥିଲେ। ସଦା ସର୍ବଦା ନିଶାସକ୍ତ ଅବସ୍ଥାରେ ସେ ବୁଲା ଚଲା କରୁଥିଲେ। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୨ ଶହ ମିଟର ଦୂରରେ ରହିଥିବା ଉକ୍ତ ନାଳରେ ବାବୁଲାଙ୍କ ମୃତଦେହ ପଡି ରହିଥିବା କିଛି ଗ୍ରାମବାସୀ ସକାଳୁ ଦେଖିବାକୁ ପାଇଥିଲେ। ଖବରପାଇ ଦିଗପହଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ନଂ.୩/୨୩ରେ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି ଦିପ୍ତୀରଞ୍ଜନ ବେହେରା କହିଛନ୍ତି।

# ୩ ଥାନାରେ ସନ୍ତ୍ରାସବାଦ ନିରୋଧ ଦିବସ ପାଳିତ



ପୋଲିସ କର୍ମଚାରୀମାନେ ଶପଥ ନେଉଛନ୍ତି।

ନନ୍ଦପୁର, ୨୧।୫ (ଡି.ଏନ୍.ଏ.)

ନନ୍ଦପୁର ଉପଖଣ୍ଡ ପୋଲିସ ପକ୍ଷରୁ ରବିବାର ନନ୍ଦପୁର, ପାଡୁଆ ଓ ମାଛକୁଣ୍ଡ ଥାନାରେ ସନ୍ତ୍ରାସବାଦ ନିରୋଧ ଦିବସ ପାଳିତ ହୋଇଛି। ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ମହାପାତ୍ର ନନ୍ଦପୁର ଥାନା ପରିସରରେ ଉପସ୍ଥିତ ରହି ସନ୍ତ୍ରାସବାଦ ନିରୋଧ ଦିବସ ପାଳନ ସମ୍ପର୍କରେ ଉପସ୍ଥିତ କର୍ମଚାରୀଙ୍କୁ ବୁଝାଇଥିଲେ। ଆଜିର ଦିନରେ ଭାରତର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କୁ ସନ୍ତ୍ରାସବାଦୀ ହତ୍ୟା କରିଥିଲେ। ଯାହାକୁ ସମସ୍ତ ଭାରତୀୟ ନିନ୍ଦା କରିବା ସହ ସର୍ବ ଭାରତୀୟ ସ୍ତରରେ ରାଜୀବଗାନ୍ଧୀଙ୍କ ତିରୋଧାନ ଦିବସକୁ ସନ୍ତ୍ରାସବାଦ ନିରୋଧ ଦିବସ ରୂପେ ପାଳିତ ହୋଇଆସୁଛି ବୋଲି ମହାପାତ୍ର କହିଥିଲେ। ଏହି ଅବସରରେ ସନ୍ତ୍ରାସବାଦ ଓ ହିଂସାର ମୂଳପୋଛ କରିବାକୁ ସେ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଥାନା ପରିସରରେ ଶପଥ ପାଠ ସମୟରେ ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା, ଏସ୍ଆଇ ବେଦୋବର ସାହୁ, ଦିପ୍ତିମୟୀ ଧାରୁଆ, ଏଏସ୍ଆଇ ଆରଏନ ଭୋକ୍ତା, ନରେନ୍ଦ୍ର ଭତ୍ରା, ହାବିଲଦାରଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।


## ODISHA PUBLIC SERVICE COMMISSION
## CUTTACK
## NOTICE

No. 4413/P.S.C., Dt.20.05.23
1E-09/2022-23 (DR-III)

**No. D-48:-** It is for information of all concerned that the written examination for the post of **Assistant Director of Handicrafts** in Class-II (Group-B) of Odisha Handicrafts Service, pursuant to **Advt. No.09 of 2022-23** will be held on **03.06.2023 & 04.06.2023** in 05 (five) Zones as per the following programme.

**TIME TABLE**

| Date | Paper & Session | Time | Subject |
|---|---|---|---|
| 3.06.2023 (Saturday) | Paper-I (Afternoon) (Descriptive type) | 02.30 P.M. to 04.30 P.M. (02.30 P.M. to 05.10 P.M. for PwD candidates) Duration - 2 hours | - General English - Odia Language |
| 04.06.2023 (Sunday) | Paper-II (Forenoon) (Objective type) | 10.00 A.M. to 12.00 Noon (10.00 A.M. to 12.40 P.M. for PwD candidates) Duration -- 2 hours | - Mathematics - Reasoning & Mental Ability |
| | Paper-III (Afternoon) (Objective type) | 02.00 P.M. to 04.00 P.M. (02.00 P.M. to 04.40 P.M. for PwD candidates) Duration - 2 hours | - General Studies |

| Sl. No. | Name of the Examination Centres and address | Roll numbers allotted From .............. to .............. | Total Candidates allotted |
|---|---|---|---|
| **BALASORE** | | | |
| 1 | Srinix College of Engineering, Ranipatana, Balasore. | 100001 to 100634 | 634 |
| **BERHAMPUR** | | | |
| 1 | Modern Oxford Public School, Shree Guruji Vihar, NH-16, Lanjipalli, Berhampur-760008 | 200001 to 200456 | 456 |
| 2 | Maa Saraswati Sishu Vidya Mandir, Basudev Nagar-6th Lane, Berhampur - 750010 Near Gajapati Nagar Hanuman Temple | 200457 to 200733 | 277 |
| **BHUBANESWAR** | | | |
| 1 | Rajdhani College, BBSR | 300001 to 300700 | 700 |
| 2 | Maharishi College of Natural Law, Saheednagar, BBSR | 300701 to 301250 | 550 |
| 3 | BJB(AUTO) College, BBSR | 301251 to 301809 | 559 |
| 4 | DR Nayapally College, Nayapally, BBSR | 301810 to 302209 | 400 |
| 5 | Govt. High School, Baramunda, CRP Rental Colony, Back side of CRPF Campus, BBSR | 302210 to 302459 | 250 |
| 6 | Govt. Boys High School, Unit-8, BBSR | 302460 to 302859 | 400 |
| 7 | Govt. High School, IRC Village, BBSR | 302860 to 303259 | 400 |
| 8 | Capital Girls High School, Unit-2, BBSR | 303260 to 303499 | 240 |
| 9 | Harihara Govt. High School, BJB Nagar, Near BBSR Court Premises, BBSR | 303500 to 303749 | 250 |
| 10 | Saraswati Shishu Vidya Mandir, Bhimatangi, BBSR | 303750 to 304369 | 620 |
| **CUTTACK** | | | |
| 1 | Saraswati Sishu Vidya Mandir, Tulasipur, Cuttack | 400001 to 400508 | 508 |
| 2 | Saraswati Sishu Vidya Mandir, College Square, Cuttack | 400509 to 400988 | 480 |
| 3 | Saraswati Sishu Vidya Mandir, Sector-9, Markat Nagar, Cuttack-753014 | 400989 to 401468 | 480 |
| **SAMBALPUR** | | | |
| 1 | Rastriya Gopal Vidya Mandir, Nayapara, Sambalpur, Near Laxmi Talkies - 768001 | 500001 to 500362 | 362 |
| 2 | Lady Lewis Girls High School, Kunjelpada, Sambalpur- 768001 | 500363 to 500674 | 312 |
| 3 | CSB Zilla School, PS-Dhanupalli, Sambalpur - 768001 | 500675 to 500962 | 288 |

The candidates are required to download the **"Admission Certificate"** & **"Instruction to Candidates"** from website of the Commission (www.opsc.gov.in) **from 26.05.2023 onwards.**

OIPR-12002/11/0033/2324 **Sd./- Secretary**



## ODISHA PUBLIC SERVICE COMMISSION
## CUTTACK
## NOTICE

No. 4441/P.S.C., Dt.20.05.23
PF-1E-04-2021/22 (DR-III)

**No. D-49:-** It is for information of all concerned that the written examination held on **03.07.2022** for recruitment to the post of **Post Graduate Teachers in Physics**, pursuant to Advt. No. 12 of 2020-21, **50 (Fifty)** candidates bearing following Roll Nos. have been qualified for admission to the Viva Voce test. The physical verification of original certificates/ documents etc. and Viva Voce test in respect of above qualified candidates, will be conducted simultaneously in the office of the Commission at 19, Dr. P.K. Parija Road, Cuttack-753001 from **06.06.2023 to 08.06.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./ alternative Mobile No. and Email ID through blackening)**, two passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form"** & **"Bio-Data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce test.** The candidates shall be allowed to the Viva Voce test on scheduled date and time mentioned below subject to fulfillment of their eligibility in all respect as per verification of original certificate/ documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | ROLL No. of Candidates |
|---|---|---|---|---|
| 1. | 06.06.2023 | 8.30 A.M. | 10.30 A.M. | 600001, 600004, 600012, 600033, 600059, 600060, 600067, 600069 & 600079 **= 09 candidates** |
| | | 12.30 P.M. | 2.30 P.M. | 600088, 600093, 600096, 600107, 600152, 600155, 600164 & 600182 **= 08 candidates** |
| 2. | 07.06.2023 | 8.30 A.M. | 10.30 A.M. | 600193, 600202, 600204, 600215, 600254, 600256, 600261, 600267 & 600275 **= 09 candidates** |
| | | 12.30 P.M. | 2.30 P.M. | 600300, 600326, 600329, 600355, 600360, 600367, 600378 & 600382 **= 08 candidates** |
| 3. | 08.06.2023 | 8.30 A.M. | 10.30 A.M. | 600383, 600402, 600405, 600408, 600418, 600435, 600446, 600447 & 600450 **= 09 candidates** |
| | | 12.30 P.M. | 2.30 P.M. | 600458, 600462, 600464, 600473, 600485, 600509 & 600531 **= 07 candidates** |

**N.B. - The candidates are advised to report at the office of the Commission half an hour before the commencement of verification on their scheduled dates & time as mentioned against each.**

**NOTE:-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0034/2324 **Sd./- Secretary**



## कार्यपालक अभियंता का कार्यालय
## ग्रामीण विकास विशेष प्रमण्डल सं.- 02 गढ़वा

ई–निविदा सूचना सं0–RDD/SD/GARHWA/05/2023-24

CORRIGENDUM (शुद्धिपत्र)

एतद् द्वारा सूचित किया जाता है कि इस प्रमण्डल द्वारा आमंत्रित ई–निविदा आमंत्रण सूचना सं0–RDD/SD/GARHWA/05/2023-24, PR 297066 Rural Development (23-24)_D द्वारा प्रकाशित निविदा को अपरिहार्य कारणवश कंडिका (क्रमांक) 02, 03, 04 एवं 08 में आंशिक संशोधन करते हुए पूर्व NIT के निविदा आमंत्रित की जाती है, शेष कंडिकाएँ यथावत् बनी रहेंगी।

2. बेबसाइट में निविदा प्रकाशन की तिथि–12.05.2023 के स्थान पर दिनांक–24.05.2023 पढ़ा जाय।
3. ई–निविदा प्राप्ति की अंतिम तिथि एवं समय दिनांक–12.05.2023 से दिनांक–20.05.2023 को अपराह्न 5:00 बजे तक के स्थान पर दिनांक–24.05.2023 से दिनांक–01.06.2023 को अपराह्न 5:00 बजे तक पढ़ा जाय।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय दिनांक–12.05.2023 से दिनांक–24.05.2023 के स्थान पर दिनांक–24.05.2023 से दिनांक–05.06.2023 (कार्यालय अवधि तक) तक पढ़ा जाय।
8. निविदा खोलने की तिथि एवं समय– 25.05.2023 अपराह्न 2:00 बजे के स्थान पर 06.06.2023 अपराह्न 2:00 बजे पढ़ा जाय।

कार्यपालक अभियंता
ग्रामीण विकास विशेष प्रमण्डल सं.–02,गढ़वा

PR 297915 Rural Development(23-24).D



## OFFICE OF THE TAHASILDAR CUM EXECUTIVE OFFICER, DEBOTTAR RAGHUNATH TEMPLE PREMISES, RAJA NAGAR CHOWK, JEYPORE (K)

Letter No. 369/JD **AUCTION CALL NOTICE** Date: 11.05.2023

No. W-6: Sealed tenders in plain paper as per the terms and conditions are hereby invited from interested persons/organizations on within seven days of publication of advertisements for the following items for works at Sri Sri Gupteswar for the financial year 2023-24 for generation of funds for development & day to day management & festival of Gupteswar of Jeypore Debottar.

| Sl. No. | Items of Works | Upset Price | Approved Rate | Earnest Money Deposit | Last Date & Time of Filling Tender | Date & Time of Opening Tender | Venue |
|---|---|---|---|---|---|---|---|
| 1 | Operation of Mastak Munda | 3,31,650/- | 60/- | 33,165/- | 21.05.2023 | 22.05.2023 11 A.M. | Sri Raghunath Temple Premises, Main Road, Rajanagar Chowk, Jeypore |
| 2 | Operation of Darshani | 15,96,375/- | 10/- | 1,59,638/- | 21.05.2023 | 22.05.2023 11 A.M. | Sri Raghunath Temple Premises, Main Road, Rajanagar Chowk, Jeypore |
| 3 | Operation of Parking | 8,29,125/- | Heavy Vehicle - Rs.50/-, Auto - Rs.20/-, Motorcycle - Rs.10/- | 82,913/- | 21.05.2023 | 22.05.2023 11 A.M. | Sri Raghunath Temple Premises, Main Road, Rajanagar Chowk, Jeypore |

The sealed tenders offered shall be opened in presence of the members of Tender Committee, Debottar, Jeypore and persons applied as per the time & venue fixed above.
The details term & conditions on the tenders are uploaded in Koraput District NIC website i.e. in **Koraput.nic.in**. The applicants are instructed to go detail in the NIC website before filling the tender papers. No tender papers will be entertained after due date & time.

**OIPR-24369/11/0002/2324** **Sd./- Tahasildar-cum-Executive Officer, Debottar, Jeypore(K)**



## ODISHA LIFT IRRIGATION CORPORATION LTD.
(A GOVT. OF ODISHA UNDERTAKING)
## OFFICE OF THE EXECUTIVE ENGINEER, L.I.DIVISION, BALANGIR
**TENDER CALL NOTICE NO.01/23-24, Dt.15.05.2023**

No. CAD-647: The Executive Engineer, Lift Irrigation Division, Balangir invites tender in the sealed cover from interested reputed Travel Agencies/ Tour Operators or private individuals in conformity with detailed tender call notice for providing following Diesel driven vehicles having sitting capacity not more than ten including driver for official use on monthly rent basis

The sale of the application form of tender containing General bid information & Terms and condition shall start from Dt.20.05.2023 at office hours and will close on Dt. 29.05.2023 at 1.00 PM. The receipt of the documents shall be on Dt.30.05.2023 up to 12.00 PM. The tender will be opened on same day at 12.30 PM in the office of the Executive Engineer. Lift Irrigation Division, Balangir in the presence of the Bidders or their authorized representatives.

| Sl. No. | Type of Vehicle | Office of Use | Minimum Average Mileage | Security Deposit (In Rs.) | Cost of application form (+18% GST on reverse charge mechanism (In Rs.) | Place of Sale & Receipt |
|---|---|---|---|---|---|---|
| 1 | Bolero / Sumo Gold /Ertiga / TUV 300 | L.I. Sub-Division, Balangir | 10 kmpl | 5000.00 | 200.00 + 36 | Office of the Executive Engineer, L.I. Division, Balangir |

**OIPR-32154/11/0001/2324** **Sd./- Executive Engineer, L.I. Division, Balangir**



## OFFICE OF THE GENERAL MANAGER, WATCO PROJECT DIVISION, SAMBALPUR, ODISHA - 768005
E-mail: gmprojectsbp@gmail.com, Tel.: 0663-2411921

**NATIONAL COMPETITIVE BIDDING THROUGH e-PROCUREMENT**
**INVITATION FOR BIDS (IFB)**

No. C-359 **Bid Identification No. 04/Project/WATCO/SBP/2023-24 Dated: 17.05.2023**

| Sl. No. | Name of Work | Appx. Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | To | Class of the Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Laying of 200 mm dia RCC NP3 Sewer and Construction of 1200mm and 1500mm dia manhole chambers from MH 947 to MH 951 and MH 951 - MH 195 along Sakhipada PWD Road from Chaitanyanagar upto ST. Jhon School Chowk in Catchment-5 in part commissioning area of Sambalpur Sewerage System | 38.55 | 02 (Two) Months | 11.00 hrs. of 23.05.2023 | 17.00 hrs. of 01.06.2023 | C & B |
| 2 | Laying of 200mm dia RCC NP3 Sewer and Construction of 1200mm and 1500mm dia manhole chambers from MH 778 to MH 775 and MH 775 - MH 787 and from MH 787 to MH 826 along NH-55 from Saraswati Enclave upto Sarlakani Village Chowk in Catchment - 5 in part commissioning area of Sambalpur Sewerage System | 39.84 | 03 (Three) Months | 11.00 hrs. of 23.05.2023 | 17.00 hrs. of 01.06.2023 | C & B |
| 3 | Laying of 200mm dia RCC NP3 Sewer in between MH 907 to MH 900 and Construction of 1500mm dia manhole in Shiv Nagar near SPS-5 Catchment-5 in part commissioning area of Sambalpur Sewerage System | 26.01 | 01 (One) Months | 11.00 hrs. of 23.05.2023 | 17.00 hrs. of 01.06.2023 | C & B |
| 4 | Laying of 250mm dia RCC NP3 Sewer in between MH 921 to MH 907 and construction of 1500mm dia Manhole in Shiv Nagar near SPS-5 Catchment-5 in part commissioning area of Sambalpur Sewerage System | 35.77 | 01 (One) Months | 11.00 hrs. of 23.05.2023 | 17.00 hrs. of 01.06.2023 | C & B |

Further details can be seen from the e-Procurement portal "**https://www.tendersodisha.gov.in**".

**OIPR-13236/11/0004/2324** **Sd./- General Manager, WATCO Project Division, Sambalpur**



## ODISHA RURAL DEVELOPMENT & MARKETING SOCIETY
ORMAS BHUBANESWAR
*creating competence and values in rural Odisha*
Panchayati Raj and DW Department, Government of Odisha
SIRD & PR Campus, Unit - VIII, Bhubaneswar, Odisha - 751012
Tel # 0674-2565870/71, E-mail: ormashq@gmail.com, URL: www.ormas.org

**Notice No.2222/ORMAS/MKT-OM-0003-2023** **Date: 20.05.2023**
**(MKT/342/2023-24-Marketing Support to Mango Producers of Odisha)**

**TENDER CALL NOTICE**

No. CAD-652: Sealed tenders are invited from the experienced Firm/Agencies/Event Management Firms having successful track record on Tentage & Other Services and Event Management Services for organization of the State Level Mango Festival - 2023 (From 8th to 13th June' 2023) at infront of SIRD & PR Campus, Unit - 8, Bhubaneswar. The tender paper can be downloaded from **www.ormas.org**. The schedule for detail activities is given below:

| Activity | Last date for Submission of Tender Paper | Mode for Submission | Address for Submission of Bid | Date & time for opening of Tender Paper |
|---|---|---|---|---|
| Tentage & Other Services | 02.06.2023 at 11.45 A.M. | Speed Post/ Registered Post/Drop in the tender box at ORMAS Office | The Chief Executive Officer, ORMAS, SIRD & PR Campus, Unit - 8, Bhubaneswar, Odisha, PIN - 751012 | 02.06.2023 at 12'O Noon |
| Advertisement & Publicity and Other Services | 02.06.2023 at 11.45 A.M. | | | |

The undersigned reserves the right to accept or reject any or all the tenders without assigning any reason thereof.

**OIPR-19004/11/0004/2324** **Sd./- Additional Secretary to Govt. & Chief Executive Officer, ORMAS**


ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ରବିବାର ନୂଆଦିଲ୍ଲୀର ବୀରଭୂମିସ୍ଥିତ ସ୍ମୃତିପୀଠରେ ପୁଅ ରାହୁଲ ଗାନ୍ଧୀ ଓ ଝିଅ ପ୍ରିୟଙ୍କା ଭଦ୍ରା ଗାନ୍ଧୀ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# କେନ୍ଦ୍ର ଅଧ୍ୟାଦେଶ ବିରୋଧରେ କେଜ୍‌ରିୱାଲଙ୍କୁ ନୀତୀଶଙ୍କ ସମର୍ଥନ

## ରାଜ୍ୟ ସଭାରେ ଅଟକାଇବାକୁ ଯୋଜନା

**ନୂଆଦିଲ୍ଲୀ, ୨୧।୫**

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା ବିରୋଧରେ ବିରୋଧୀ ଦଳଗୁଡ଼ିକ ଏକାଠି କରିବା ମିଶନରେ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରବିବାର ଦିଲ୍ଲୀ ଯାଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଭେଟିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସଭା 'ଯୋଜନା' ସେମି ଫାଇନାଲ ହୋଇପାରିବ ବୋଲି କେଜ୍‌ରିୱାଲ ପ୍ରସ୍ତାବ ଦେଇଛନ୍ତି। ଏହି ଆଲୋଚନା ବେଳେ ଆର୍‌ଜେଡି ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଉପସ୍ଥିତ ଥିଲେ। ସେବା ଅଧିକାରୀ ନିଯୁକ୍ତି ଓ ବଦଳି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏଏପି ସରକାର ସପକ୍ଷରେ ରାୟ ଦେଇଥିବାବେଳେ ଏହାକୁ ଅକାମୀ କରିଦେବା ଲାଗି କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିବା ଅସାମ୍ବିଧାନିକ। ଦିଲ୍ଲୀ ପ୍ରତି କେନ୍ଦ୍ରର ଏହି ଅନ୍ୟାୟ ବିରୋଧରେ ପୂର୍ଣ୍ଣ ସହଯୋଗ ଯୋଗାଇଦେବେ ଏବଂ ଏକାଠି ଲଢ଼ିବେ ବୋଲି ନୀତୀଶ କୁମାର କେଜ୍‌ରିୱାଲଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ସବୁ ଅଣଭାଜପା ବିରୋଧୀ ଦଳ ଏକାଠି ହୁଅନ୍ତି, ତେବେ ଅଧ୍ୟାଦେଶକୁ କାଏମ ରଖିବା ପାଇଁ ଅଣାଯିବାକୁ ଥିବା ବିଲ୍ ରାଜ୍ୟ ସଭାରେ କାଟ୍ ଖାଇବ। ରାଜ୍ୟ ସଭାରେ ବିଲ୍‌କୁ ଗୃହୀତ କରାଇ ନ ଦେବା ସେମିଫାଇନାଲ ହେବ। ୨୦୨୪ରେ ଭାଜପା ପୁଣିଥରେ କ୍ଷମତାକୁ ଫେରିବାକୁ ସମର୍ଥ ନୁହେଁ ବୋଲି ସାରା ଦେଶକୁ ବାର୍ତ୍ତା ଯାଇପାରିବ ବୋଲି କେଜ୍‌ରିୱାଲ କହିଛନ୍ତି।


ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ।

କେନ୍ଦ୍ରର ଅଧ୍ୟାଦେଶକୁ ନୀତୀଶ ନିନ୍ଦା କରିଛନ୍ତି। ଏକ ନିର୍ବାଚିତ ସରକାରର କ୍ଷମତାକୁ କିପରି ଛଡ଼ାଇ ନିଆଯାଇପାରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ ସରକାରଙ୍କୁ କାର୍ଯ୍ୟ କରିବା ଅଧିକାର ସୁପ୍ରିମକୋର୍ଟ ଦେଇଥିବାବେଳେ କେନ୍ଦ୍ର ଏହାକୁ ଛଡ଼ାଇନେବା ଆଶ୍ଚର୍ଯ୍ୟ କରିଛି। ଆମେ ଏଏପି ସହିତ ରହିଛୁ। ଏଥିପାଇଁ ଅଧିକରୁ ଅଧିକ ବିରୋଧୀ ଦଳଙ୍କୁ ଏକାଠି କରି ଦେଶବ୍ୟାପୀ ଅଧ୍ୟାଦେଶ ବିରୋଧରେ ଅଭିଯାନ ଚଳାଇବୁ ବୋଲି ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶରେ ଆଇନର ଶାସନ ଚାଲିବା ସହ ଲୋକଙ୍କ ମଧ୍ୟରେ ସଦ୍‌ଭାବନା ବଜାୟ ରଖିବାକୁ ହେବ। ଏନେଇ ମଙ୍ଗଳବାର ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିବେ ବୋଲି କହିଛନ୍ତି। କେଜ୍‌ରିୱାଲ ମଧ୍ୟ ୨୪ ତାରିଖରେ ଶିବସେନା (ୟୁବିଟି) ନେତା ଉଦ୍ଧବ ଠାକ୍‌ରେ ଏବଂ ୨୫ରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ମୁମ୍ବାଇରେ ଭେଟି ରାଜ୍ୟ ସଭାରେ ଅଧ୍ୟାଦେଶକୁ ଅଟକାଇବା ଯୋଜନା ଉପରେ ଆଲୋଚନା କରିବେ। କେନ୍ଦ୍ର ସରକାରଙ୍କ କାର୍ଯ୍ୟ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ସେମାନେ ସମ୍ବିଧାନକୁ ବଦଳାଇଦେବାକୁ ଚାହୁଁଛନ୍ତି। ଆମେ ତାହା ହେବାକୁ ଦେବୁ ନାହିଁ ବୋଲି ଆର୍‌ଜେଡି ନେତା ତେଜସ୍ୱୀ କହିଛନ୍ତି।

ଶନିବାର କର୍ନାଟକରେ କଂଗ୍ରେସ ସରକାର ଶପଥ ଗ୍ରହଣ ଉତ୍ସବରେ ବହୁସଂଖ୍ୟାରେ ବିରୋଧୀ ନେତା ଏକାଠି ହୋଇ ଶକ୍ତି ପ୍ରଦର୍ଶନ କରିଥିଲେ। ଏହାଠାରୁ ଆହୁରି ଅଧିକ ଆବଶ୍ୟକ ବୋଲି ରାଜ୍ୟ ସଭା ସଦସ୍ୟ କପିଲ ସିବଲ କହିଛନ୍ତି। ସମସ୍ତଙ୍କ ମନ ମିଳିବା ସହ ଏକ ସାଧାରଣ ଏଜେଣ୍ଡା ରହିବା ଆବଶ୍ୟକ। ଏଥିସହିତ ପକ୍ଷପାତପୂର୍ଣ୍ଣ ସ୍ୱାର୍ଥ ତ୍ୟାଗ କରିବାକୁ ହେବ ବୋଲି ସିବଲ କହିଛନ୍ତି।

ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ କର୍ନାଟକ ଜନସାଧାରଣ ଫାସିବାଦୀ, ସାମ୍ପ୍ରଦାୟିକ ତଥା ବିଭେଦ ସୃଷ୍ଟିକାରୀ ଭାଜପାକୁ ପରାସ୍ତ କରି ସାରା ଦେଶକୁ ଆଶାର କିରଣ ଦେଇଥିବାରୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍‌ତି ସେମାନଙ୍କୁ ପ୍ରଶଂସା କରିଛନ୍ତି। ଦିଲ୍ଲୀ ସରକାରଙ୍କ କ୍ଷମତା ସଙ୍କୁଚିତ କରିବାକୁ କେନ୍ଦ୍ର ଆଣିଥିବା ଅଧ୍ୟାଦେଶ ସମ୍ପର୍କରେ ସେ ସମସ୍ତଙ୍କୁ ସତର୍କ କରିଦେଇଛନ୍ତି। ଅନ୍ୟ ରାଜ୍ୟରେ ମଧ୍ୟ ଏଭଳି ଘଟିପାରେ। ସେହିପରି ଜମ୍ମୁ-କଶ୍ମୀରରେ ଯାହା ଘଟିଛି, ଅନ୍ୟତ୍ର ମଧ୍ୟ ହୋଇପାରେ ବୋଲି ପିଡିପି ନେତ୍ରୀ କହିବା ସହ ଏହା ବିରୋଧରେ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି।

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ବିଭାଗୱାରି ସମୀକ୍ଷା ଆରମ୍ଭ

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

## ୨୯ରେ ବିଜେଡି ସରକାରର ୫ମ ପାଳିକୁ ପୂରିବ ୪ ବର୍ଷ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରର ପଞ୍ଚମ ପାଳି ଆସନ୍ତା ୨୯ ତାରିଖରେ ୪ ବର୍ଷ ପୂରଣ ହେବ। ଏହି ପରିପ୍ରେକ୍ଷୀରେ ସରକାର ରାଜ୍ୟବାସୀଙ୍କ ଆଗରେ ତାଙ୍କ ସଫଳତାର ହିସାବ ରଖିବେ। ଚତୁର୍ଥ ବର୍ଷ ପୂର୍ତ୍ତି ପୂର୍ବରୁ ସୋମବାରଠାରୁ ବିଭିନ୍ନ ବିଭାଗର ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ସମୀକ୍ଷା ବୈଠକରେ ବିଭାଗୀୟ ମନ୍ତ୍ରୀମାନେ ନିଜ ବିଭାଗର ୫ଟି ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରିବେ ବୋଲି ସ୍ଥିର ହୋଇଛି।

୨୦୧୯ ମେ' ୨୯ ତାରିଖରେ ନବଗଠିତ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ନିର୍ବାଚନ ଇସ୍ତାହାରରେ ରହିଥିବା ସମସ୍ତ ପ୍ରସ୍ତାବକୁ ଅଗ୍ରାଧିକାର ଭାବେ କାର୍ଯ୍ୟକାରୀ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ଏସବୁର ସମୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ବିଭାଗଗୁଡ଼ିକର ସଚିବଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଚାଲିବ। ସରକାରଙ୍କ ଚତୁର୍ଥ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ହେବାକୁ ଥିବା ମନ୍ତ୍ରି ପରିଷଦ ବୈଠକରେ ହାସଲ କରିଥିବା ସଫଳତା ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରାଯିବ। ପ୍ରଥମ ଦିନ କୃଷି ଏବଂ କୃଷକ ସଶକ୍ତୀକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ରହିଛି। ସେହିପରି ୨୩ରେ ପୂର୍ତ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ୨୪ରେ ପଞ୍ଚାୟତିରାଜ, ବାଣିଜ୍ୟ ଓ ପରିବହନ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ସମୀକ୍ଷା ବୈଠକ ହେବ। ୨୫ରେ ଜଳସମ୍ପଦ, ଉଚ୍ଚଶିକ୍ଷା, ଯୋଜନା ଏବଂ ସଂଯୋଜନ ବିଭାଗ, ୨୬ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ, ୨୭ରେ ମିଶନ ଶକ୍ତି, ଦକ୍ଷତା ବିକାଶ, ଶ୍ରମ ଏବଂ ନିଯୋଜନ ବିଭାଗର ବୈଠକ ଧାର୍ଯ୍ୟ ହୋଇଥିବା ବେଳେ ୨୯ ତାରିଖରେ ଗ୍ରାମ୍ୟ ଉନ୍ନୟନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବୈଠକ ଅନୁଷ୍ଠିତ ହେବ। ସେହିପରି ୩୦ ତାରିଖରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ବିକାଶ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା, ୩୧ରେ କ୍ରୀଡ଼ା ଏବଂ ଯୁବସେବା, ମହିଳା ଓ ଶିଶୁ ବିକାଶ, ଶକ୍ତି, ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ବୈଠକ ଅନୁଷ୍ଠିତ ହେବ। ଜୁନ୍ ପହିଲାରେ ପର୍ଯ୍ୟଟନ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଶାସକ ଦଳ ଇଙ୍ଗିତରେ ଓପିଏସ୍‌ସି ଦୁର୍ନୀତିର ଗନ୍ତାଘର ସାଜିଛି: ଭାଜପା

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତିକୁ ନେଇ ବହୁ ଦୁର୍ନୀତି ଓ ଅନିୟମିତତା ପଦାକୁ ଆସିଛି। ଅତୀତରେ ଆର୍‌ଆଇ ଓ ଅମିନ ପରୀକ୍ଷାରେ ଦୁର୍ନୀତି ହୋଇଥିଲା। ସେହିପରି ଜାଲ୍ ସାର୍ଟିଫିକେଟ, ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହୋଇଛି। ବିଜେଡି ସରକାରର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ସରକାରୀ ନିଯୁକ୍ତିରେ ଚଞ୍ଚକତା କରାଯାଇ ଯୁବତୀ, ଯୁବକଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରାଯାଉଛି। ବର୍ତ୍ତମାନ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ନିଯୁକ୍ତିରେ ଦୁର୍ନୀତି ଛାତ୍ରୀଛାତ୍ର ଓ




ଯୁବପିଢ଼ିଙ୍କ ଭିତରେ ହତାଶାର ବାତାବରଣ ସୃଷ୍ଟି କରିଛି ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି ଯେ, ୨୦୨୧-୨୨ରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ୭୯୬ଟି ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦେଢ଼ଲକ୍ଷ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ମୂଳରୁ ବିବାଦ ଘେରରେ ଥିବା ଏହି ପରୀକ୍ଷାରେ ୧୧୦୪ ଜଣଙ୍କ ମେରିଟ୍ ଲିଷ୍ଟରେ ନାଁ ପ୍ରକାଶିତ ହୋଇଥିଲା। ଏହାପରେ ପ୍ରକାଶ ପାଇଥିବା ବୃତ୍ତାନ୍ତ ତାଲିକାଟି ସମ୍ପୂର୍ଣ୍ଣ ଅନୈତିକ ଭାବେ ପ୍ରସ୍ତୁତ ହେବାକୁ ନେଇ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଥିଲେ। ପ୍ରକାଶିତ ମେଧା ତାଲିକାକୁ ରଦ୍ଦ କରିବା ସହିତ ଆଉ ଥରେ ନୂତନ ମେରିଟ୍ ଲିଷ୍ଟ ପ୍ରକାଶ କରିବାକୁ ଓପିଏସ୍‌ସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଏସ୍‌ଓ ପଦବୀ ପାଇଁ ପରୀକ୍ଷା ଦେଇଥିବା ଯୁବପିଢ଼ିଙ୍କ ଭବିଷ୍ୟତ କ'ଣ ହେବ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। କେବଳ ସେତିକି ନୁହେଁ ଯେଉଁ ପରୀକ୍ଷାର୍ଥୀମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନଙ୍କୁ ମଧ୍ୟ ସରକାର ପ୍ରତାରଣା କରିଛନ୍ତି ବୋଲି ଇରାଶିଷ କହିଛନ୍ତି।

## ଫୁର୍‌ସତ୍

# ପ୍ରକୃତି-ମାନବ ଜୀବନ ମଧ୍ୟରେ ରହିଛି ସ୍ଥାୟୀ ସମ୍ପର୍କ



**ଜୈବ** ବିବିଧତାର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଜୈବ ବିବିଧତା କ୍ଷୟ ସମେତ ବିଶ୍ୱ ସ୍ତରୀୟ ପ୍ରସଙ୍ଗ ଉପରେ ଧ୍ୟାନ ଦେବା ପାଇଁ ୨୨ ମେ ରେ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ କରାଯାଇଥାଏ। ପ୍ରକୃତି ଏବଂ ମାନବ ଜୀବନ ମଧ୍ୟରେ ଏକ ସ୍ଥାୟୀ ସମ୍ପର୍କ ଅଛି। ଆମର ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପାଇଁ ଆମେ ସୁସ୍ଥ, ବିବିଧ ପ୍ରାକୃତିକ ପ୍ରଣାଳୀ ଉପରେ ନିର୍ଭର କରୁ। ପ୍ରକୃତି ସବୁକିଛି ଦେଇଛି, ଆମେ ପ୍ରକୃତରେ ପ୍ରକୃତିରୁ ଲାଭବାନ। ତେଣୁ ନିଜକୁ ରକ୍ଷା କରିବା ପାଇଁ ପ୍ରକୃତି ସଂରକ୍ଷଣ କରିବା ଆବଶ୍ୟକ। ଏହା ଏକ ଜରୁରୀ ଆବଶ୍ୟକତା। ଜୈବ ବିବିଧତା ଦୁଇଟି ଶବ୍ଦ " ଜୈବିକ" ଏବଂ "ବିବିଧତା" ରୁ ଉତ୍ପନ୍ନ। ଏହା ପୃଥିବୀର ସମସ୍ତ ପ୍ରକାର ଜୀବନକୁ ବୁଝାଏ ଯେପରିକି ଉଦ୍ଭିଦ, ପ୍ରାଣୀ, କବକ ଏବଂ ମାଇକ୍ରୋ ଅଣୁଜୀବ। ଏହା ସହିତ, ଏହା ସେମାନେ ରହୁଥିବା ବାସସ୍ଥାନକୁ ମଧ୍ୟ ସୂଚିତ କରେ। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜୈବ ବିବିଧତା ବହୁ ସଂଖ୍ୟକ ଦ୍ରବ୍ୟ ଏବଂ ସେବା ଯୋଗାଇଥାଏ ଯାହା ଆମ ଜୀବନକୁ ବଞ୍ଚାଇଥାଏ।

୧୯୯୨ରେ, ବ୍ରାଜିଲର ରିଓ ଡି ଜେନେରିଓରେ "ପୃଥିବୀ ସମ୍ମିଳନୀ" ଭାବରେ ଜଣାଶୁଣା ମିଳିତ ଜାତିସଂଘର ପରିବେଶ ଏବଂ ବିକାଶ ସମ୍ମିଳନୀରେ ନେତାମାନେ ନିରନ୍ତର ବିକାଶ ପାଇଁ ରଣନୀତି ଉପରେ ସହମତ ହୋଇଥିଲେ। ନିରନ୍ତର ବିକାଶ ହେଉଛି ବିଶ୍ୱର ଲୋକଙ୍କ ଆବଶ୍ୟକତା ପୂରଣ କରିବାର ଏକ ମାଧ୍ୟମ ଏବଂ ଏହା

## ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ

ଭବିଷ୍ୟତ ପିଢ଼ି ପାଇଁ ପୃଥିବୀକୁ ସୁସ୍ଥ ଏବଂ ଜୀବିତ ରଖିବ। ପୃଥିବୀ ସମ୍ମିଳନୀରେ ସର୍ବୋଚ୍ଚ ଚୁକ୍ତିନାମା ମଧ୍ୟରୁ ଗୋଟିଏ ହେଲା ଜୈବ ବିବିଧତା ସମ୍ମିଳନୀ। ଏହି ସମ୍ମିଳନୀ ୨୯ ଡିସେମ୍ବର ୧୯୯୩ ରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଏହାକୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୦୧ ପରଠାରୁ, ଏହାକୁ ୨୨ ମେର ପାଳନ କରାଯାଉଛି। ପ୍ରତିବର୍ଷ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଏକ ନିର୍ଦ୍ଦିଷ୍ଟ ଥିମ ଉପରେ ଧ୍ୟାନ ଦେଇଥାଏ ଏବଂ ସେହି ଅନୁଯାୟୀ ପାଳନ କରାଯାଏ। ଚଳିତ ୨୦୨୩ ବର୍ଷର ଥିମ୍ ହେଉଛି ଚୁକ୍ତିନାମା ଠାରୁ କାର୍ଯ୍ୟ ପର୍ଯ୍ୟନ୍ତ: ଜୈବ ବିବିଧତା ନିର୍ମାଣ କରନ୍ତୁ,( ଫ୍ରମ ଏଗ୍ରିମେଣ୍ଟ ଟୁ ଆକ୍ସନ: ବିଲ୍ଡ ବ୍ୟାକ ବାୟୋଡାଇଭରସିଟି)।

# ରାଣାଙ୍କ ସହ ନଜର ଆସିବେ ଶ୍ରଦ୍ଧା

**ମୁମ୍ବାଇ**

ବଲିଉଡ୍‌ର ଆଗଧାଡ଼ିର ନାୟିକା ଶ୍ରଦ୍ଧା କପୁର ସବୁବେଳେ ତାଙ୍କ ଅଭିନୟକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ଶ୍ରଦ୍ଧା ରବିବାର ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଷ୍ଟୋରି ଦେଇଛନ୍ତି, ଯାହା ଦେଖିବାକୁ ଏକ ଚଳଚ୍ଚିତ୍ର ଭଳି ଲାଗୁଛି। ସେଥିରେ ସେ ସାଉଥ୍‌ର ଜଣାଶୁଣା ଅଭିନେତା ରାଣା ଦଗ୍ଗୁପତିଙ୍କ ସହ ନଜରକୁ ଆସିଛନ୍ତି। ଭିଡିଓ ଆରମ୍ଭରେ ଲେଖାଯାଇଛି, ମୋଷ୍ଟ ୱାଣ୍ଟେଡ୍। ପରେ ଦୁହିଁଙ୍କ ଆକ୍ସିଂର ଝଲକ ଦେଖିବାକୁ ମିଳିଛି। ସେଥିରେ ଶ୍ରଦ୍ଧା ଡରିଯାଇ ଦୌଡୁଥିବାବେଳେ ରାଣା କାହାକୁ ଖୋଜୁଥିବା ଦେଖିବାକୁ ମିଳିଛି। ଭିଡିଓ ଶେଷରେ ଏହା ଜୁନ୍ ୧, ୨୦୨୩ରେ ଦେଶବ୍ୟାପୀ ମୁକ୍ତିଲାଭ ହେବ ବୋଲି ଲେଖାଯାଇଛି। ଏହାକୁ ଦେଖି ଅନେକ ୟୁଜର୍ସ ବହୁତ ଉତ୍ସୁକତାର ସହ ମୁଭିକୁ ଅପେକ୍ଷା କରିଥିବା ଲେଖିଛନ୍ତି। ତେବେ ରାଣା ଏବଂ ଶ୍ରଦ୍ଧା ପ୍ରଥମ ଥର ପାଇଁ ପରଦାରେ ଏକାଠି ନଜର ଆସିବେ। ରାଣା ପ୍ରଥମ ଥର ପାଇଁ ୨୦୧୦ରେ ତାଙ୍କ ତେଲୁଗୁ କ୍ୟାରିୟର ଆରମ୍ଭ କରିଥିଲେ। ତା'ପରଠାରୁ ସେ ଦର୍ଶକଙ୍କୁ ତାଙ୍କ ଅଭିନୟର ଯାଦୁ ଦେଖାଇ ଆସୁଛନ୍ତି। ବାହୁବଳି-୨ରେ ମଧ୍ୟ ତାଙ୍କୁ ଭଲାଲଦେବ ଭୂମିକାରେ ଦେଖିବାକୁ ମିଳିଥିଲା। ଅନ୍ୟପଟେ ଶେଷ ଥର ପାଇଁ ଶ୍ରଦ୍ଧା କପୁରଙ୍କୁ ଅଭିନେତା ରଣବୀର କପୁରଙ୍କ ସହ ମୁଭି 'ତୁ ଝୁଟି ମେ ମକ୍କାର'ରେ ଦେଖିବାକୁ ମିଳିଥିଲା।



# ରେଷ୍ଟୁରାଣ୍ଟ କର୍ମଚାରୀରୁ ମାଲିକାଣୀ

**ୱାଶିଂଟନ**

ଯେଉଁଠାରେ କାମ କରୁଥିବ, ପରେ ସେଠାର ମାଲିକ ହୋଇଯିବା ଟିକେ କାଠିକର ପାଠ। ହେଲେ ଏହାକୁ ଜଣେ ୧୮ ବର୍ଷୀୟା ଯୁବତୀ ପ୍ରମାଣ କରିଦେଖାଇଛନ୍ତି। ସେ ଯେଉଁ ରେଷ୍ଟୁରାଣ୍ଟରେ କାମ କରୁଥିଲେ, ଏବେ ସେ ସେହି ରେଷ୍ଟୁରାଣ୍ଟର ମାଲିକାଣୀ ହୋଇଛନ୍ତି। ସେ ଏକ ସାକ୍ଷାତକାରରେ ତାଙ୍କର ଏହି ସଫଳତା ବିଷୟରେ କହିଛନ୍ତି। ଆମେରିକାର ଓହାୟୋର ବାସିନ୍ଦା ସାମନ୍ଥା ଫ୍ରାଇ ପ୍ରଥମରୁ ବିଜ୍‌ନେସ କରିବାକୁ ଚାହୁଁଥିଲେ। ସେ ୧୬ ବର୍ଷ ବୟସରେ ହାଇସ୍କୁଲ ପାଠପଢ଼ା ଶେଷ କରିଥିଲେ। ପରେ ସେ ଇଞ୍ଜିନିୟରିଂ କଲେଜରେ ଆଡ୍‌ମିଶନ ନେଲେ। କଲେଜରୁ ମିଳୁଥିବା କଲେଜ ଫଣ୍ଡରୁ ସେ ତାଙ୍କ ପକେଟମନି ସଞ୍ଚୟ କରୁଥିଲେ। ପରେ ଶୀତଦିନିଆ ଛୁଟିରେ ତାଙ୍କୁ ଏକ ରେଷ୍ଟୁରାଣ୍ଟରେ ଚାକିରି ମିଳିଗଲା। ସେ ସେଠାରେ ପ୍ରଥମେ ବାସନ ମାଜିବା କାମ କରୁଥିଲେ। କିଛିଦିନ କାମ କରିବା ପରେ ସେ



ସେଠାରେ ରାନ୍ଧିବା ଆରମ୍ଭ କଲେ। ସେଠାରୁ ମିଳୁଥିବା ଦରମାକୁ ମଧ୍ୟ ସେ ସଞ୍ଚୟ କରୁଥିଲେ। ତାଙ୍କ ସଞ୍ଚୟ ଟଙ୍କାକୁ ରେଷ୍ଟୁରାଣ୍ଟ କିଣିବାରେ ଇନ୍‌ଭେଷ୍ଟ କଲେ ଭଲ ହେବ ବୋଲି ସେ ଚିନ୍ତା କଲେ। ଗତ ଏପ୍ରିଲରେ ସେ ରେଷ୍ଟୁରାଣ୍ଟର ମାଲିକଙ୍କୁ ଡାଉନ ପେମେଣ୍ଟ କଲେ। ବର୍ତ୍ତମାନ ସାମନ୍ଥାଙ୍କୁ ୧୮ ବର୍ଷ ହୋଇଥିବାବେଳେ ସେ ସେହି ରେଷ୍ଟୁରାଣ୍ଟର ମାଲିକାଣୀ। ୬ ମାସ ତଳେ ସେ ଯେତେବେଳେ ସେହି ରେଷ୍ଟୁରାଣ୍ଟର ମାଲିକଙ୍କୁ ରେଷ୍ଟୁରାଣ୍ଟ କିଣିବା କଥା କହିଥିଲେ, ସେତେବେଳେ ମାଲିକ ତାଙ୍କୁ ପାଗଳ ବୋଲି ଭାବୁଥିଲେ। ଏବେ ସେ ତାଙ୍କ ରେଷ୍ଟୁରାଣ୍ଟକୁ ସପ୍ତାହର ୫ ଦିନ ସମୟ ଦେଉଥିବାବେଳେ ବାକି ୨ ଦିନ ତାଙ୍କ କଲେଜକୁ ଦେଉଛନ୍ତି। ସାମନ୍ଥାଙ୍କ ଏପରି କାମକୁ ବହୁତ ଯୁବକ ପ୍ରେରଣା ବୋଲି ମାନୁଛନ୍ତି।

# କୃତ୍ରିମ ଚନ୍ଦ୍ର ପାଇଁ ଖର୍ଚ୍ଚ ହେବ ୪୧.୨୭୫ କୋଟି



**ଆବୁଧାବି:** ଅନେକ ଲୋକ ଦୁବାଇ ବୁଲିବାକୁ ଯାଇଥାନ୍ତି। ଦୁବାଇ ଦେଖିବାକୁ ବହୁତ ସୁନ୍ଦର। ସେଠାରେ ବହୁ ଇଞ୍ଜିନିୟର ତାଙ୍କ କଳାକୃତି ଦେଖାଇ ବଡ଼ ବଡ଼ କୋଠା ନିର୍ମାଣ କରିସାରିଲେଣି। ଏବେ ଦୁବାଇ ତା' ପାଖକୁ ଚନ୍ଦ୍ରକୁ ଆଣିବାକୁ ଯୋଜନା କରୁଛି। ଏହା ଫଳରେ ଲୋକେ ଚନ୍ଦ୍ରକୁ ନିକଟରୁ ଦେଖି ତା' ଅନୁଭବ ନେଇପାରିବେ। ରିପୋର୍ଟ ମୁତାବକ, ପୃଥିବୀରେ ଗୋଟିଏ ଚନ୍ଦ୍ର ଥିବାବେଳେ ଦୁବାଇରେ ଅନ୍ୟ ଏକ କୃତ୍ରିମ ଚନ୍ଦ୍ରର ଯୋଜନା ହୋଇଥିବା କଥା ଜଣାପଡିଥିଲା। ତେବେ ସେହି ପ୍ରୋଜେକ୍ଟ ଏବେ ଆରମ୍ଭ ହେବାକୁ ଯାଇଛି। ଏହାର ନାମ ରଖାଯାଇଛି 'ମୁନ୍'। ଏପରି କୃତ୍ରିମ ଚନ୍ଦ୍ର କରିବାକୁ କାନାଡିଆନ ଉଦ୍ୟୋଗୀ ମାଇକେଲ ହେଣ୍ଡରସନ୍ ଯୋଜନା କରିଥିଲେ। ଯେଉଁଥିରେ ଦୁବାଇର ରିସୋର୍ଟ ଏହି ପ୍ରୋଜେକ୍ଟ ପାଇଁ ୪ ମିଲିୟନ ବ୍ରିଟିଶ ପାଉଣ୍ଡ ଖର୍ଚ୍ଚ କରିବ ବୋଲି ଜଣାପଡିଛି, ଯାହା ଭାରତୀୟ ମୁଦ୍ରାରେ ୪୧ ହଜାର ୨୭୫ କୋଟି ୩୩ ଲକ୍ଷଠାରୁ ମଧ୍ୟ ଅଧିକ। ଏହି କୃତ୍ରିମ ଚନ୍ଦ୍ରର ଆକାର ୯୦୦ ଫୁଟ ହେବାକୁ ଥିବାବେଳେ ଏହାକୁ ୧୦୦ ଫୁଟ ଉଚ୍ଚରେ ରଖାଯିବ। ମୁନ୍ ୱାର୍ଲ୍ଡ ରିସୋର୍ଟ ଆଇଏନ୍‌ସି ଏହି ପ୍ରୋଜେକ୍ଟ ପାଇଁ ଫଣ୍ଡ ଯୋଗାଡ଼ କରୁଥିବା ଜଣାପଡିଛି। ଚନ୍ଦ୍ର ଭିତରେ ୪ ହଜାର ରୁମ୍ କରାଯିବା ସହ ଏଥିରେ ୧୦ ହଜାର ଲୋକ ରହିବାକୁ ବନ୍ଦୋବସ୍ତ କରାଯାଉଛି। ଫଳରେ ବର୍ଷକୁ ୨୦ କୋଟି ଲୋକଙ୍କ ଆଗମନ ହେବ ବୋଲି କୁହାଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ବିସ୍ମୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିରାଟ କୋହଲିଙ୍କ କ୍ରମାଗତ ଶତକ



ଏକ ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

**ବେଙ୍ଗାଲୁରୁ,୨୧।୫**

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ରେ ଲଗାତାର ଦୁଇଟି ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି ବିରାଟ କୋହଲି। ରବିବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ କୋହଲି ନିଜ ଆଇପିଏଲ କ୍ୟାରିୟରର ସପ୍ତମ ଶତକ ହାସଲ କରିଛନ୍ତି। କୋହଲିଙ୍କ ୧୦୧* ରନ୍ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ୨୦ ଓଭରରେ ୫ ଉଇକେଟ ହରାଇ ୧୯୭ ରନ୍ ସଂଗ୍ରହ କରିଛି। ବର୍ଷା କାରଣରୁ ମ୍ୟାଚ୍ ପ୍ରାୟ ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ହାରି ଆରସିବି ପ୍ରଥମେ ବ୍ୟାଟିଂ କରିଥିଲା। ବିରାଟ କୋହଲି ଓ ଫାଫ୍ ଡୁ ପ୍ଲେସି ପ୍ରଥମ ଉଇକେଟରେ ୬୭ ରନ୍ ଯୋଡିଥିଲେ। ଫାଫ୍ ୨୮ ରନ୍ କରି ରଶିଦ୍ ଖାନଙ୍କ ବଲରେ ଆଉଟ ହୋଇଥିଲେ। ତେବେ ପରବର୍ତ୍ତୀ ବ୍ୟାଟର ଗ୍ଲେନ୍ ମ୍ୟାକ୍ସୱେଲ ୧୧ ଓ ମହିପାଲ ଲୋମରୋର ୧ ରନ୍ କରି ଆଉଟ ହୋଇଥିଲେ। ଉଭୟଙ୍କୁ ଆଉଟ କରିଥିଲେ ନୁର ଅହମ୍ମଦ। ୮୫ ରନ୍‌ରେ ଦଳ ୩ ଉଇକେଟ ହରାଇ ସଙ୍କଟରେ ପଡିବା ସହିତ ରନଗତି ଧୀମେଇ ଯାଇଥିଲା। ମାଇକେଲ ବ୍ରେସୱେଲ ୨୬ ରନ୍ କରି କୋହଲିଙ୍କ ସହିତ ୪୭ ରନ୍ ଯୋଡିଥିଲେ। ପରବର୍ତ୍ତୀ ବ୍ୟାଟର ଦୀନେଶ କାର୍ତ୍ତିକ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ଆରସିବି ସଙ୍କଟରେ ପଡିଥିଲା। ତେବେ ବିରାଟ କୋହଲି ଲଢେଇ ଜାରି ରଖିବା ସହିତ ଆଇପିଏଲ୍ କ୍ୟାରିୟରର ସପ୍ତମ ଶତକ ହାସଲ କରିଥିଲେ। ସେ ଶେଷ ଯାଏ ଅପରାଜିତ ରହିବା ସହିତ ୬୧ ବଲ୍ ଖେଳି ୧୩ ଚୌକା ଓ ୧ ଛକା ସହିତ ୧୦୧ ରନ୍ କରିଥିଲେ। ଏକଦା ସେଟ୍ ହେବା ପରେ କୋହଲି ଅନାୟାସରେ ପଡିଆର ଚାରି ଆଡକୁ ଚୌକା ମାରିଥିଲେ। ଷଷ୍ଠ ଉଇକେଟରେ ଅନୁଜ ରାୱତ ୨୩ଙ୍କୁ ସାଥୀ କରି ଅବିଭାଜିତ ୬୩ ରନ୍ ଯୋଡିଥିଲେ। ଗୁଜରାଟ ପକ୍ଷରୁ ନୁର ଅହମଦ ଦୁଇଟି ଉଇକେଟ ନେଇଥିବା ବେଳେ ମହମ୍ମଦ ଶାମି, ୟଶ ଦୟାଲ ଓ ରଶିଦ୍ ଖାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୯୭/୫(ବିରାଟ କୋହଲି-୧୦୧*, ଫାଫ ଡୁ ପ୍ଲେସି-୨୮, ମାଇକେଲ ବ୍ରେସୱେଲ-୨୬, ନୁର ଅହମ୍ମଦ-୨/୩୯, ରଶିଦ୍ ଖାନ୍-୧/୨୪, ମହମ୍ମଦ ଶାମି-୧/୩୯)।

# ଫୁଟ୍‌ବଲ ଷ୍ଟାଡିୟମରେ ଦଳାଚକଟା: ୯ମୃତ

**ସାନ୍ ସାଲ୍‌ଭାଡର (ଏଲ୍ ସାଲ୍‌ଭାଡର), ୨୧।୫ (ଏପି)**

ସାଲ୍‌ଭାଡୋରାନ ଫୁଟ୍‌ବଲ ଲିଗ୍‌ର ଏକ କ୍ୱାର୍ଟରଫାଇନାଲ ମ୍ୟାଚ ବେଳେ ଗୋଟିଏ ପ୍ରବେଶ ଦ୍ୱାରରେ ଦଳାଚକଟା ଘଟି ଅତି କମ୍‌ରେ ୯ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ରାଜଧାନୀର ଉତ୍ତରପୂର୍ବାଞ୍ଚଳରେ ଅବସ୍ଥିତ କସ୍କାଟଲାନ୍ ସ୍ଥିତ ମନୁମେଣ୍ଟାଲ ଷ୍ଟାଡିୟମରେ ଅଲିଆଞ୍ଜା ଓ ଫାସ୍ କ୍ଲବ ମଧ୍ୟରେ ମ୍ୟାଚ ବେଳେ ଏହି ଘଟଣା ଘଟିଛି। ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୧୨ଜଣ ଆହତ ହୋଇଛନ୍ତି, ଯେଉଁମାନଙ୍କର ପଡ଼ିଆରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଆଲିଆଞ୍ଜା ସମର୍ଥକମାନଙ୍କ ଦ୍ୱାରା ଦଳାଚକଟା ହୋଇଥିବା ଟେଲିଭିଜନ ପ୍ରସାରଣରୁ ଜଣା ପଡ଼ିଛି।


**Birthday Wish**





BISMAYA RANJAN MOHANTY
Padanipal, Aul, Kendrapara
Happy Birthday, my dear son! Today is a special day that marks another year of your incredible journey through life. It feels like just yesterday when we welcomed you into this world.
Jeje,Maa,Mama &Friends and relative
ଧ-୦୪୦୬


# ଆର୍ଜେଣ୍ଟିନା, ଆମେରିକା, ନ୍ୟୁଜିଲାଣ୍ଡ, ସ୍ଲୋଭାକିଆ ବିଜୟୀ

**ବୁଏନସ୍‌ଏୟାର୍ସ,୨୧।୫(ପି.ଟି.):** ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପ୍‌ରେ ବିଜୟୀ ହୋଇଛନ୍ତି ଆର୍ଜେଣ୍ଟିନା, ଆମେରିକା, ନ୍ୟୁଜିଲାଣ୍ଡ ଓ ସ୍ଲୋଭାକିଆ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆମେରିକା ୧-୦ ଗୋଲରେ ଇକ୍ୱେଡରକୁ ପରାସ୍ତ କରିଥିଲା। ଜୋନାଥନ ଗୋମେଜ୍ ଇଞ୍ଜୁରୀ ଟାଇମ(୯୦+୨ ମିନିଟ)ରେ ଗୋଲ ସ୍କୋର କରିବା ସହିତ ଆମେରିକାକୁ ପ୍ରଥମ ବିଜୟ ଦେଇଥିଲେ। ସେହିପରି ନ୍ୟୁଜିଲାଣ୍ଡ ଦଳ ୧-୦ ଗୋଲରେ ଗୁଏଟେମାଲାକୁ ପରାସ୍ତ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ନୋର୍ମାନ୍ ଗାର୍ବେଟ୍ ଏକମାତ୍ର ଗୋଲ ସ୍କୋର କରିଥିଲେ। ତୃତୀୟ ମ୍ୟାଚ୍‌ରେ ଘରୋଇ ଦଳ ଆର୍ଜେଣ୍ଟିନା ୨-୧ ଗୋଲରେ ଉଜ୍‌ବେକିସ୍ତାନକୁ ହରାଇଥିଲା। ମ୍ୟାଚ୍‌ର ୨୩ତମ ମିନିଟରେ ମାଖମୁଡୋନ୍ ମାଖାମଡୋନୋଭଙ୍କ ବାମ ପାଦର କ୍ରଶ୍ ଶଟ୍‌ରେ ଗୋଲ ସ୍କୋର କରିବା ସହିତ ଉଜ୍‌ବେକିସ୍ତାନକୁ ୧-୦ରେ ଆଗୁଆ କରିଥିଲେ। ଏହାର ୪ ମିନିଟ ପରେ ଆଲେଜୋ ଭେଲିଜ୍ ଗୋଲ ସ୍କୋର କରିବା ସହିତ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ୪୧ ତମ ମିନିଟରେ ଘରୋଇ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ଭାଲେଣ୍ଟିନ୍ କାର୍ବୋନୀ। ଅନ୍ତିମ ମ୍ୟାଚରେ ସ୍ଲୋଭାକିଆ ୪-୦ ଗୋଲ୍‌ରେ ଫିଜିକୁ ପରାସ୍ତ କରିଛି। ସ୍ଲୋଭାକିଆ ପକ୍ଷରୁ ଆଡାମ ଗାଜି(୧୭), ମେଟ୍ ସୋଲାଗି(୨୫), ଆର୍ଟର ଗାଜଡୋସ୍ (୭୦) ଓ ଟିମୋଟେଜ୍ ଜାମ୍ବୋର(୭୯ ମିନିଟରେ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଟୁର୍ନାମେଣ୍ଟ ପ୍ରଥମେ ଇଣ୍ଡୋନେସିଆରେ ଆୟୋଜିତ ହେବାର ଥିଲା। ମାତ୍ର ଇସ୍ରାଏଲର ଅଂଶଗ୍ରହଣକୁ ବିରୋଧ କରି ଇଣ୍ଡୋନେସିଆ ଓହରିବା କାରଣରୁ ଆର୍ଜେଣ୍ଟିନାକୁ ଆୟୋଜନ ସୁଯୋଗ ମିଳିଥିଲା।

# ଆଦିତ୍ୟ ବିକ୍ରମ ଚାମ୍ପିୟନ

## ରାଜ୍ୟ ସ୍କୁଲ ଓପନ ଚେସ୍



ଆଦିତ୍ୟ ବିକ୍ରମ ମିଶ୍ର

**ଭୁବନେଶ୍ୱର, ୨୧।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିତୀୟ କେ. ଡି. ପିଲାଇ ରାଜ୍ୟ ସ୍କୁଲ ଚେସ୍ ଚାମ୍ପିୟନଶିପ୍ ସ୍ଥାନୀୟ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲର ଆଦିତ୍ୟ ବିକ୍ରମ ମିଶ୍ର (୪.୫ ପଏଣ୍ଟ) ଚାମ୍ପିୟନ ହୋଇଥିବା ବେଳେ ବିଜେଇଏମ୍ ସ୍କୁଲ-୧ର ଭିନିତ ନାୟକ (୪.୫) ରନର ଅପ୍ ହୋଇଛନ୍ତି। ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ମଧ୍ୟରେ ରହିଥିବା ଅନ୍ୟ ଖେଳାଳିମାନେ ହେଲେ ଲଳିତ ରଞ୍ଜନ ସାହୁ (ଓଲ୍ଡ ଷ୍ଟିୱାର୍ଟ ସ୍କୁଲ, କଟକ), ଅଂଶୁମାନ ପତି (ମଦର୍ସ ପବ୍ଲିକ ସ୍କୁଲ), ଆରିହାନ ମିଶ୍ର (ଡିପିଏସ୍ କଳିଙ୍ଗ), ଅର୍ଣ୍ଣବ ମହାନ୍ତି (ବିଜେଇଏମ୍ ସ୍କୁଲ-୧), ତ୍ରିଦେବ ତୀର୍ଥଙ୍କର (କେଭି-୧ ଭୁବନେଶ୍ୱର), ପ୍ରିୟଦର୍ଶନ ରୟ (ଦିଲ୍ଲୀ ପବ୍ଲିକ ସ୍କୁଲ ସିଡିଏ), ପିନାକୀ ରୟ (ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପୋଖରୀପୁଟ)। ଏହି ଚାମ୍ପିୟନଶିପ୍‌ରେ ୭ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୧ ବର୍ଷରୁ କମ୍, ୧୩ ବର୍ଷରୁ କମ୍ ଓ ବାଳିକା ବିଭାଗରେ ମଧ୍ୟ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୁରୀ ସନ୍ତୋଷୀ ଇଂଲିଶ ମିଡିୟମ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ସୁଭାସିନୀ ବଳିୟାରସିଂ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭାବନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ଟ୍ୟାଲେଣ୍ଟ କ୍ୱେଷ୍ଟ କରାଟେ ଉଦ୍‌ଯାପିତ




ଉତ୍କଳ ଟ୍ୟାଲେଣ୍ଟ କ୍ୱେଷ୍ଟ କରାଟେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୧।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍କଳ କରାଟେ ସ୍କୁଲ ପରିସରରେ ଉତ୍କଳ ଟ୍ୟାଲେଣ୍ଟ କ୍ୱେଷ୍ଟ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରି ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱର ଏବଂ କଟକ ଶାଖାରୁ ପ୍ରତିଯୋଗୀମାନେ ୧୩୫ଟି ବିଭାଗରେ ଭାଗ ନେଇଥିଲେ। ମୁଖ୍ୟ ଶାଖା ବ୍ୟତୀତ ରସୁଲଗଡ଼, କଳ୍ପନା, ଓଏମ୍‌ସି, ଡୁମୁଡୁମା, ରଶ୍ମି ବିହାର, ଚନ୍ଦ୍ରଶେଖରପୁର, ସତ୍ୟନଗର, ଡେକାଥ୍ଲନ, ଉରାଳୀ କଟକ ଏବଂ ଆର୍ ସ୍କୋୟାର ସେଲିବ୍ରେଶନ ଶାଖାରୁ କରାଟେ ଛାତ୍ରୀ ଓ ଛାତ୍ରମାନେ ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ ଏହି ପ୍ରତିଯୋଗିତା କରାଟେକାମାନଙ୍କୁ ଆଗକୁ ଯିବା ଲାଗି ଉତ୍ସାହିତ କରିବ ବୋଲି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡଃ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।


CLASSIFIED DISPLAY — MORE SPACE SAME PRICE — ALL EDITION-B/W (Everyday) — For Booking Contact 0674-2580385

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949



REAL ESTATE

SALE

Duplex sale at Bhubaneswar @ 55 lakhs only. Contact: 9777433701. D-74864

Resale flat 1650sqft., 2nd Floor, near Old Station Square, opposite Budhheswari Temple, Cuttack Puri road, Bhubaneswar. Contact: 9439716901. D-74544

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot-1800/-, SC-1350/- 7855818549. D-74861

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ: 9438620034. D-0346

Residential plot for sale just 3.5km from KIIT Square, Bhubaneswar, immediate registration/possession. 8917362239. D-74859

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

ISO 9001-2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851



CONSTRUCTION

Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469. D-74862

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400




Newly open health benefits SPA special offer @799, Master Canteen. 9124527173. D-75107

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74685

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dated 20.05.2023 I have changed my name from "ALOKA KUMAR SAHOO" to "ALOK KUMAR SAHOO" for all purposes. As in my Educational Certificates my name was inadvertently recorded as ALOKA KUMAR SAHOO instead of "ALOK KUMAR SAHOO". D-0404

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ୱଶ୍ରୀମତୀ ସୁକାନ୍ତୀ ସାହୁ
ମେରାମଣ୍ଡଳୀ ଷ୍ଟେସନ ବଜାର
ଆବିର୍ଭାବ- ୧୯୩୭ ମସିହା
ତିରୋଧାନ- ୧୨।୦୫।୨୦୨୩
ମା, ତୁମର ତ୍ୟାଗପୂତ, ନିରଳସ ଜୀବନଚର୍ଯ୍ୟା ଏବଂ ଆଧ୍ୟାତ୍ମିକ ଦର୍ଶନ ସଦାସର୍ବଦା ଆମ ପାଇଁ ସ୍ମରଣୀୟ ହୋଇ ରହିବ। ତୁମ ଅମର ଅମ୍ଳାନ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଅଲେଖ ମହିମାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଇତି: ଗଭୀର ଶ୍ରଦ୍ଧାଞ୍ଜଳି ସହ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୭୪୦୬୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଦୀପ୍‌ଗ୍ରେସଙ୍କ ଗୋଲ୍‌ରେ ଅନ୍ତିମ ମ୍ୟାଚ୍ ଡ୍ର

**ଆଡିଲେଡ୍,୨୧।୫(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ମହିଳା ହକି ଟେଷ୍ଟ ସିରିଜ୍‌ରେ କ୍ରମାଗତ ଦୁଇଟି ପରାଜୟ ପରେ ତୃତୀୟ ମ୍ୟାଚ୍ ଡ୍ର ରଖିଛି ଭାରତ। ରବିବାର ଅନୁଷ୍ଠିତ ମ୍ୟାଚରେ ଭାରତ ସଂଘର୍ଷ କରି ୧-୧ରେ ମ୍ୟାଚ୍ ଡ୍ର ରଖିଥିଲା। ଅଷ୍ଟ୍ରେଲିଆ ପକ୍ଷର ମାଡିସନ୍ ବ୍ରୁକ୍ସ ୨୫ ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ଭାରତ ପକ୍ଷରୁ ଓଡ଼ିଆ ଝିଅ ଦୀପ୍‌ଗ୍ରେସ ଏକ୍କା ୪୨ ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଏହା ସହିତ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ପରାଜିତ ହୋଇଛି। ବିଶ୍ୱ ମାନ୍ୟତାରେ ଦ୍ୱିତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚକୁ ମଧ୍ୟ ୪-୨ ଓ ଦ୍ୱିତୀୟ ମ୍ୟାଚ୍ ୩-୨ରେ ଜିତି ନେଇଥିଲା। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆକୁ କଡା ଟକ୍କର ଦେଇଥିଲା ଭାରତ। ପ୍ରଥମ କ୍ୱାର୍ଟରରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ଭାବରେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ମାଡିସନ୍ ଘରୋଇ ଦଳ ପକ୍ଷରୁ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଭାରତୀୟ ଦଳ ଏକାଧିକ ଥର ଅଷ୍ଟ୍ରେଲିଆ ଡିଫେନ୍ସକୁ ଭେଦ କରିଥିଲେ ମଧ୍ୟ ଗୋଲ କରିବାରେ ଅସମର୍ଥ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ୧-୦ରେ ପଛୁଆ ରହିବା ପରେ ଭାରତ ତୃତୀୟ କ୍ୱାର୍ଟରକୁ ନିୟନ୍ତ୍ରଣରେ ରଖିଥିଲା। ୪୨ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ଦୀପ୍‌ଗ୍ରେସ। ମ୍ୟାଚ୍ ୧-୧ରେ ସମାନ୍ତର ରହିବା ପରେ ଉଭୟ ଦଳ ପକ୍ଷରୁ ଗୋଲ ସ୍କୋର ପାଇଁ ଆପ୍ରାଣ ଉଦ୍ୟମ କରାଯାଇଥିଲା। ଚତୁର୍ଥ କ୍ୱାର୍ଟରରେ କୌଣସି ଦଳ ଗୋଟିଏ ବି ଗୋଲ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲେ। ଭାରତ ଆସନ୍ତା ଗୁରୁବାରଠାରୁ ଅଷ୍ଟ୍ରେଲିଆ ଏ' ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବ।

**ସବିତା,ନିକ୍କିଙ୍କ ୨୫୦ ତମ ମ୍ୟାଚ୍:** ଭାରତୀୟ ମହିଳା ହକି ଦଳର ଗୋଲ୍ କିପର ତଥା ଅଧିନାୟିକା ସବିତା ପୁନିଆ ଓ ଡିଫେଣ୍ଡର ନିକ୍କି ପ୍ରଧାନ ରବିବାର ନିଜର ୨୫୦ ତମ ମ୍ୟାଚ୍ ଖେଳିଛନ୍ତି। ୩୨ ବର୍ଷୀୟା ସବିତା ୨୦୦୯ରେ ଭାରତ ପାଇଁ ପଦାର୍ପଣ କରିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ଥିବା ଭାରତୀୟ ଦଳର ସେ ସଦସ୍ୟ ରହିଥିବା ବେଳେ ୨୦୧୬ ରିଓ ଅଲିମ୍ପିକ୍ସ ମଧ୍ୟ ଖେଳିଛନ୍ତି। ଏହା ସହିତ ସବିତାଙ୍କ ନେତୃତ୍ୱରେ ଖେଳିଥିବା ଭାରତୀୟ ଦଳ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡାରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଅନ୍ୟପକ୍ଷରେ ୨୦୧୬ରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ନିକ୍କି ମଧ୍ୟ ନିଜର ୨୫୦ ତମ ମ୍ୟାଚ୍ ଖେଳିଛନ୍ତି। ସବିତାଙ୍କ ପରି ସେ ମଧ୍ୟ ରିଓ ଓ ଟୋକିଓ ଅଲିମ୍ପିକ୍ସ ଦଳର ସଦସ୍ୟ ରହିଛନ୍ତି। ୨୯ ବର୍ଷୀୟା ନିକ୍କି ୨୦୧୭ରେ ଏସିଆ କପ୍ ସ୍ୱର୍ଣ୍ଣ ବିଜେତା ଦଳ ଓ ୨୦୧୮ ଏସିଆନ୍ ଚାମ୍ପିୟନଶିପ୍‌ର ରୌପ୍ୟ ବିଜୟୀ ଦଳର ସଦସ୍ୟ ରହିଛନ୍ତି।

# ଆଲର୍ଜିରୁ ରକ୍ଷା କରେ ଗୁଡ଼



ଗୁଡ଼ରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଏହାର ଆଣ୍ଟି ଆଲର୍ଜି ଗୁଣ ଆଜମା ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ଶରୀରରେ ଆଇରନ୍ ପରିମାଣକୁ ସନ୍ତୁଳିତ ରଖିବାରେ ଏହା ସାହାଯ୍ୟ କରିଥାଏ। ଆପଣ କାଶ, କଫ କିମ୍ବା ଥଣ୍ଡାଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ପ୍ରତିଦିନ ଅଳ୍ପ ଗୁଡ଼ ଖାଇଲେ ତାହା ଏଥିରୁ ଅନେକାଂଶରେ ଉପଶମ ମିଳିଥାଏ। ଆନେମିଆ ରୋଗୀଙ୍କ ପାଇଁ ଗୁଡ଼ ଉପକାରୀ ସାବ୍ୟସ୍ତ ହୋଇଥାଏ। ନିୟମିତ ଗୁଡ଼ ଖାଇଲେ ତାହା ଶରୀରରେ ମେଟାବୋଲିଜମ ସ୍ତରକୁ ସନ୍ତୁଳିତ ରଖେ। ଏଥିରେ ଆଉ ଏକ ଖାସ୍ କଥା ରହିଛି। ଗୁଡ଼ ଖାଇବା ଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ରହିଥାଏ। ମାଇଗ୍ରେନ୍ ରୋଗୀଙ୍କ ପାଇଁ ଗୁଡ଼ ବେଶ୍ ଉପକାରୀ।

# ମାଠିଆ ପାଣି



ମାଠିଆ ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା ପ୍ରାୟ ଅନେକେ ଜାଣନ୍ତି। ତଥାପି ଏଥିରେ ଆହୁରି ଅନେକ ପ୍ରକାର ଭଲ ଗୁଣ ରହିଛି। ଯେହେତୁ ମାଠିଆ ମାଟିରେ ପ୍ରସ୍ତୁତ ହୋଇଥାଏ ତେଣୁ ଏହା ଜୀବାଣୁନାଶକ। ପ୍ରାକୃତିକ ଉପାୟରେ ଏହି ପାଣିରୁ ଦୂଷିତ ପଦାର୍ଥ ବାହାରିଯାଇଥାଏ। ନିୟମିତ ମାଠିଆ ପାଣି ପିଇବା ଦ୍ୱାରା ଅଜୀର୍ଣ୍ଣ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ। ଏହା ମଧ୍ୟ କ୍ଳାନ୍ତିରୁ ଉପଶମ ପ୍ରଦାନ କରେ। ଯଦି ଶରୀରର କୌଣସି ବାହ୍ୟ ସ୍ଥାନରୁ ରକ୍ତ କ୍ଷରଣ ହେଉଛି ତେବେ ସେହି ସ୍ଥାନରେ ମାଠିଆ ପାଣି ଢାଳିଲେ ରକ୍ତ ବୋହିବା କେତେକାଂଶରେ ବନ୍ଦ ହୋଇଯାଏ। ସକାଳୁ ଉଠି ମାଠିଆ ପାଣି ପିଇବା ଦ୍ୱାରା ଦୃଷ୍ଟିଶକ୍ତି ପ୍ରଖର ହେବା ସହ ହାର୍ଟ ସୁସ୍ଥ ରହିଥାଏ। ପେଟଜନିତ ସମସ୍ୟା ଏବଂ ବିଶେଷଭାବରେ ଗ୍ୟାଷ୍ଟ୍ରିକ ରୋଗୀଙ୍କ ପାଇଁ ଏହି ପାଣି ବେଶ୍ ଉପକାରୀ। କିନ୍ତୁ ଯଦି ଆପଣଙ୍କର ଆଜ୍‌ମା ସମସ୍ୟା ରହିଛି, ତେବେ ଏହି ପାଣିଠାରୁ ନିଜକୁ ଦୂରେଇ ରଖନ୍ତୁ। ଆଉ ଏକ କଥା, ପ୍ରତିଦିନ ଏହି ପାଣିକୁ ବଦଳାନ୍ତୁ ଏବଂ ମାଠିଆ ଭିତରଭାଗକୁ ଭଲ ଭାବରେ ପରିଷ୍କାର କରି ପାଣି ଭର୍ତ୍ତି କରନ୍ତୁ।

# ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରେ ଅସନ୍ତୁଳିତ ଡାଇବେଟିସ୍



ଡାଇବେଟିସ୍ ବା ମଧୁମେହ ପରି ସମସ୍ୟାର ସମ୍ମୁଖୀନ ହେଲେ ପ୍ରତି ମୁହୂର୍ତ୍ତରେ ନିଜକୁ ସତର୍କତାର ସହ ଆଗେଇବାକୁ ପଡ଼ିଥାଏ। କାରଣ ଯଦି ଏହା ଅସନ୍ତୁଳିତ ରହିଲା ତେବେ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ବିଶେଷଭାବରେ ଦୀର୍ଘ ମାସ ଧରି ଯଦି ରକ୍ତରେ ସୁଗାର ବା ଶର୍କରା ପରିମାଣ ଅସନ୍ତୁଳିତ ରହେ ତେବେ ତାହାର ପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡ଼େ। ଫଳରେ ଏହା ପରୋକ୍ଷରେ ବିଭିନ୍ନ ପ୍ରକାର ରୋଗକୁ ଆମନ୍ତ୍ରଣ କରିଥାଏ। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିୟମିତ ସମୟ ଅନ୍ତରାଳରେ ସୁଗାର ସ୍ତରକୁ ପରୀକ୍ଷା କରାଇନିଅନ୍ତୁ। ତା’ ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଅନ୍ୟାନ୍ୟ ରୋଗର ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ। ନିୟମିତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।

# ପୃଥିବୀର ମୃତ୍ୟୁ



ନିକୁଞ୍ଜ ବିହାରୀ ସାହୁ

ଯାହାର ଜନ୍ମ ଅଛି, ତା’ର ମଧ ଦିନେ ମୃତ୍ୟୁ ଅଛି। ଆମର ଗ୍ରହ ପୃଥିବୀ ଅତୀତରେ ୪୫୦ କୋଟି ବର୍ଷ ପୂର୍ବେ ସୌର ନେବୁଲାରୁ ଜନ୍ମ ହୋଇଥିଲା। ବିଶ୍ୱାସ କରାଯାଏ ଯେ, ଆହୁରି ୪୫୦ କୋଟି ବର୍ଷ ପରେ ଏହାର ମୃତ୍ୟୁ ହେବ। ଆଉ ପୃଥିବୀର ଏହି ମୃତ୍ୟୁର କାରଣ ହେବ ତା’ର ଜନ୍ମଦାତା ତଥା ଆମ ସୌରଜଗତର ମୁଖିଆ ନିଜେ ସୂର୍ଯ୍ୟ। ସୂର୍ଯ୍ୟ ପ୍ରକୃତରେ ଏକ ନକ୍ଷତ୍ର, ଯାହା ଆଗାମୀ ଦିନରେ ପୃଥିବୀକୁ ଗିଳି ଦେବ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରୁଛନ୍ତି।

**ନିଜ ଗ୍ରହକୁ ଗିଳିଦେଲା ତାରା**

୨୦୨୦ ମସିହା ମେ’ରେ ଯୁକ୍ତରାଷ୍ଟ୍ର ଆମେରିକାର ମାସାଚୁ୍ୟଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି(ଏମ୍‌ଆଇଟି)ର ବୈଜ୍ଞାନିକମାନେ ମହାକାଶରେ ଏକ ଅଦ୍ଭୁତ ଘଟଣା ଲକ୍ଷ୍ୟ କଲେ। ଗରୁଡ଼ ନକ୍ଷତ୍ରମଣ୍ଡଳ (Aquilla)ରେ ଆମଠାରୁ ୧୨୦୦ ଆଲୋକବର୍ଷ ଦୂରତାରେ ଥିବା ଗୋଟିଏ ତାରା (ନାମ–ZTF SLRN–୨୦୨୦) ହଠାତ୍ ଅସମ୍ଭବ ତେଜୋଦୀପ୍ତ ହୋଇ ଉଠି ଆକାରରେ ଫୁଲିବାକୁ ଲାଗିଲା। ମାତ୍ର ୧୦ ଦିନର ବ୍ୟବଧାନରେ ଏହା ଉଜ୍ଜ୍ୱଳତାରେ ପ୍ରାୟ ୧୦୦ ଗୁଣ ବୃଦ୍ଧି ପାଇ ପ୍ରସାରିତ ହେବାକୁ ଲାଗିଲା। ଏହା ଘଟଣାକ୍ରମେ ନିଜର ବୃହସ୍ପତି ଭଳି ଆକାରର ଗୋଟିଏ ଗ୍ୟାସୀୟ ଗ୍ରହର କକ୍ଷପଥ ଅତିକ୍ରମ କରି ଏକ ଭୟାନକ ଦାନବ ସଦୃଶ ଗ୍ରହଟିକୁ ସମ୍ପୂର୍ଣ୍ଣ ଗିଳିଦେଲା ଏବଂ ଗ୍ରହଟି ତାରାର ବିଶାଳ ବପୁ ମଧ୍ୟରେ ଅନ୍ତର୍ହିତ ହୋଇଗଲା। ଏହିପରି ଭାବରେ ମହାକାଶରେ ଏକ ଗ୍ରହର ଅପମୃତ୍ୟୁ ଘଟିଲା। ସମୟକ୍ରମେ, ତାରାଟି ଉଜ୍ଜ୍ୱଳତାରେ ହ୍ରାସ ପାଇ ପୁଣି ପୂର୍ବାବସ୍ଥାକୁ ଫେରି ଆସିଲା।

ବୈଜ୍ଞାନିକମାନେ ପ୍ରଥମେ ଏହି ଘଟଣାକୁ ଦୁଇଟି ନକ୍ଷତ୍ରର ସଂଘର୍ଷ ବୋଲି ଧରି ନେଇଥିଲେ। ମାତ୍ର ପରବର୍ତ୍ତୀ ପରୀକ୍ଷାରୁ ଜଣାପଡ଼ିଲା ଯେ, ଦୁଇଟି ନକ୍ଷତ୍ରର ସଂଘର୍ଷରୁ ଯେତିକି ଶକ୍ତି ଉତ୍ପନ୍ନ ହେବା କଥା, ଏଥିରେ ତା’ଠାରୁ ଯଥେଷ୍ଟ କମ୍ ଶକ୍ତି ଉତ୍ସର୍ଜିତ ହେଉଛି। ପରବର୍ତ୍ତୀ ସମୟରେ, ବୈଜ୍ଞାନିକମାନେ ଏହାକୁ ଇନଫ୍ରାରେଡ୍ ତରଙ୍ଗ ଦୈର୍ଘ୍ୟରେ ପର୍ଯ୍ୟବେକ୍ଷଣ କରିବାରୁ ଏହି ସ୍ଥାନରେ ଏକ ବିଶାଳକାୟ ଧୂଳିର ପିଣ୍ଡ ଦେଖିବାକୁ ମିଳିଥିଲା। ସୁତରାଂ ଏହା ଯେ ଏକ ମୃତ ତାରାପିଣ୍ଡର ଅବଶେଷ, ତାହା ସ୍ପଷ୍ଟ ହୋଇଯାଇଥିଲା। ବୈଜ୍ଞାନିକମାନଙ୍କୁ ଏହି ପ୍ରକ୍ରିୟାକୁ ବିଶ୍ଳେଷଣ କରି ଉପରୋକ୍ତ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ତିନି ବର୍ଷ ସମୟ ଲାଗିଯାଇଥିଲା।





ବୈଜ୍ଞାନିକମାନେ ପୂର୍ବରୁ କୌଣସି ବୟସ୍କ ଗ୍ରହ ନିଜର ପରିଣତ ବୟସରେ ଅଚାନକ ପ୍ରସାରିତ ହୋଇ ନିଜ ଗ୍ରହମାନଙ୍କୁ ଭକ୍ଷଣ କରିବା କଥା କେବଳ ପଢିଥିଲେ, ମାତ୍ର ଏହାକୁ ସ୍ୱଚକ୍ଷୁରେ କେବେ ଦେଖି ନଥିଲେ। ଏମ.ଆଇ.ଟି.ର ଜଣେ ଗବେଷକ କିଶଳୟ ଦେ’ କହନ୍ତି ଯେ, “ଆମ ସୂର୍ଯ୍ୟ ମଧ ଦିନେ ପୃଥିବୀକୁ ଗ୍ରାସ କରିବ ବୋଲି ଆମେ ଜାଣିଛେ। ମାତ୍ର ଏହା ସତ କି ମିଛ ପରୀକ୍ଷା କରିବା ପାଇଁ ଆମ ପାଖରେ କୌଣସି ଉପାୟ ନ ଥିଲା। ଆମେ ଏବେ ପ୍ରତ୍ୟକ୍ଷ ଭାବେ ଏହାର ଏକ ନମୁନା ସିଧାସଳଖ ଅନ୍ତରୀକ୍ଷରେ ଦେଖିବାକୁ ପାଇଲେ!”

**ନକ୍ଷତ୍ରର ମୃତ୍ୟୁ**

କୌଣସି ନକ୍ଷତ୍ର ମୁଖ୍ୟତଃ ହାଇଡ୍ରୋଜେନ ଗ୍ୟାସରେ ଗଢ଼ା। ନକ୍ଷତ୍ରର ଅଭ୍ୟନ୍ତର ଏକ ବୃହତ୍ ପରମାଣୁ ରିଆକ୍ଟର ସଦୃଶ। ଏଠାରେ ହାଇଡ୍ରୋଜେନର ନିଉକ୍ଲିୟସ୍ ସବୁ ଏକ ତାପ–ନାଭିକୀୟ ସଂଯୋଜନ (Thermonuclear Fusion) ପ୍ରତିକ୍ରିୟା ଦ୍ୱାରା ପରସ୍ପର ସହିତ ସଂଯୋଜିତ ହୋଇ ହିଲିୟମ୍ ନିଉକ୍ଲିୟସରେ ରୂପାନ୍ତରିତ ହୁଅନ୍ତି। ଏହି ପ୍ରକ୍ରିୟାରେ କିଛି ବସ୍ତୁତ୍ୱର ବିଲୋପନ ଘଟିଥାଏ। ଏହା ଶକ୍ତିରେ ପରିଣତ ହେବାଦ୍ୱାରା ନକ୍ଷତ୍ରଟିର ବିପୁଳ ଶକ୍ତିଉତ୍ସ ସୃଷ୍ଟି ହୁଏ ଯାହା ତାପ ଓ ଆଲୋକ ରୂପରେ ବିକିରିତ ହୁଏ। ନକ୍ଷତ୍ରଟି ନିଜର ଜୀବିତ ଅବସ୍ଥାରେ ଆକାଶରେ ଏହିପରି ଆଲୋକ ଓ ଉତ୍ତାପ ବିକିରଣ କରି ଚାଲେ।

ମାତ୍ର ଦିନେ ନକ୍ଷତ୍ରର ଜୀବନରେ ନଇଁଆସେ ବୟସର ସନ୍ଧ୍ୟା। ନକ୍ଷତ୍ରର ସୀମିତ ହାଇଡ୍ରୋଜେନ ଇନ୍ଧନର ଉତ୍ସ ସରି ଆସେ ଏବଂ ଅଭ୍ୟନ୍ତରରେ ସଞ୍ଚାଳିତ ପ୍ରକ୍ରିୟାବଳୀ ସ୍ତିମିତ ହୋଇଯାଏ। ଏପରି ଅବସ୍ଥାରେ, ଅଭ୍ୟନ୍ତରରେ ଘଟୁଥିବା ଏହି ପ୍ରକ୍ରିୟା ନକ୍ଷତ୍ରର ଅନ୍ୟ ସମସ୍ତ ଅଂଶକୁ ସମ୍ପ୍ରସାରିତ ହୁଏ ଏବଂ ନକ୍ଷତ୍ରଟିର ଅବଶିଷ୍ଟ ଅଂଶରେ ଥିବା ହାଇଡ୍ରୋଜେନ୍ ନିୟୁକ୍ଲିୟସ ସବୁ ମଧ ହିଲିୟମ୍‌ରେ ପରିଣତ ହେବା ଆରମ୍ଭ କରନ୍ତି। ଫଳରେ ଉପରୋକ୍ତ ତାପ–ନାଭିକୀୟ ସଂଯୋଜନ ପ୍ରକ୍ରିୟା ବହୁଗୁଣିତ ହୋଇ ନକ୍ଷତ୍ରଟି ପ୍ରଚଣ୍ଡ ଶକ୍ତି ଉତ୍ସର୍ଜନ କରିବାକୁ ଲାଗେ। ଏହି ପ୍ରଚଣ୍ଡ ଶକ୍ତି ବଳରେ ନକ୍ଷତ୍ରଟି ନିଜର ମାଧ୍ୟାକର୍ଷଣ ସଙ୍କୋଚନ ସୀମା ଅତିକ୍ରମ କରି ଆକାରରେ ଯଥେଷ୍ଟ ଫୁଲି ଉଠେ। ଏହି ଅବସ୍ଥାରେ ନକ୍ଷତ୍ରରୁ ଉତ୍ସର୍ଜିତ ଆଲୋକ ନକ୍ଷତ୍ରର ଅଧିକ ପୃଷ୍ଠତଳ ଉପରେ ବିସ୍ତାରିତ ହେଉଥିବାରୁ ଏହା ରଙ୍ଗରେ ଲାଲ ଦେଖାଯାଏ। ନକ୍ଷତ୍ରର ଏହି ବିଶାଳ ଲାଲ ବର୍ଣ୍ଣର ରୂପକୁ ଲୋହିତ ଦାନବ (Red Giant) କହନ୍ତି। ଏହି ଅବସ୍ଥାରେ ନକ୍ଷତ୍ରଟି ଏତେ ପ୍ରସାରିତ ହୁଏ ଯେ, ଏହା କିଛି ଗ୍ରହଙ୍କ କକ୍ଷପଥକୁ ଲାଗି ଆସି ଗ୍ରହମାନଙ୍କୁ ସମ୍ପୂର୍ଣ୍ଣ ଗ୍ରାସ କରିବାର ସମ୍ଭାବନା ସୃଷ୍ଟି ହୁଏ।

**ସୂର୍ଯ୍ୟ ପୃଥିବୀକୁ ଗ୍ରାସ କରିବ**

ଆମର ତାରା ସୂର୍ଯ୍ୟ ୪୫୦ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିଲା। ସୂର୍ଯ୍ୟର ଆୟୁଷ ପ୍ରାୟ ଅଧାଅଧି ସରିଗଲାଣି। ଏହା ଏବେ ନିଜର ଯୁବାବସ୍ଥାରେ ଅଛି ଏବଂ ଅନ୍ତରୀକ୍ଷରେ ପ୍ରଚୁର ଆଲୋକ ଓ ଉତ୍ତାପ ବିକିରଣ କରି ଚାଲିଛି। ଗଣନାରୁ ଜଣାଯାଏ ଯେ, ଏହା ଆଉ ପ୍ରାୟ ୪୫୦ କୋଟି ବର୍ଷ ପରେ ‘ଲୋହିତ ଦାନବ’ ଅବସ୍ଥାରେ ପହଞ୍ଚିବ ଏବଂ ନିଜେ ସୃଷ୍ଟି କରିଥିବା ଗ୍ରହମାନଙ୍କୁ ଗ୍ରାସ କରିବ। ଅନ୍ୟପକ୍ଷରେ ଜାଣିବାକୁ ମିଳେ ଯେ, ସୂର୍ଯ୍ୟ ଏହି ଅବସ୍ଥାରେ ନିକଟତମ ଗ୍ରହ ବୁଧ ଓ ଶୁକ୍ରଙ୍କୁ ସମ୍ପୂର୍ଣ୍ଣ ଗ୍ରାସ କରି ପୃଥିବୀର ଅତି ପାଖକୁ ଲାଗି ଆସିବ। ଏହି ଅବସ୍ଥାରେ ସୂର୍ଯ୍ୟର ପ୍ରଚଣ୍ଡ କିରଣରେ ପୃଥିବୀର ବାତାବରଣ ଅତିଶୟ ଉତ୍ତପ୍ତ ପାଲଟିଯିବ। ଏହି ପ୍ରଚଣ୍ଡ ତାପମାତ୍ରାରେ ସମୁଦ୍ରର ସମସ୍ତ ଜଳ ବାଷ୍ପୀଭୂତ ହୋଇ ଜଳୀୟବାଷ୍ପ ଆକାରରେ ବାୟୁମଣ୍ଡଳରେ ଭରିଯିବ। ଜଳୀୟବାଷ୍ପ ଏକ ଉତ୍ତମ ସବୁଜଘର ଗ୍ୟାସ୍ ହୋଇଥିବାରୁ ଏହା ପୃଥିବୀରୁ ବିକିରିତ ତାପରଶ୍ମିକୁ ଅବଶୋଷଣ କରିବା ହେତୁ ପୃଥିବୀର ତାପମାତ୍ରା ଆଶାତୀତ ବୃଦ୍ଧି ପାଇବ ଏବଂ ଆଉ ଜୀବନୋପଯୋଗୀ ହୋଇ ରହିବ ନାହିଁ। ଘଟଣାକ୍ରମେ, ସୂର୍ଯ୍ୟ ପୃଥିବୀର ଆହୁରି ପାଖକୁ ଲାଗି ଆସି ପୃଥିବୀକୁ ସମ୍ପୂର୍ଣ୍ଣ ଗ୍ରାସ କରିବ ଏବଂ ଏହିପରି ଭାବରେ ପୃଥିବୀର ମୃତ୍ୟୁ ହେବ।

> “ଆମର ତାରା, ସୂର୍ଯ୍ୟ ୪୫୦ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିଲା। ସୂର୍ଯ୍ୟର ଆୟୁଷ ପ୍ରାୟ ଅଧାଅଧି ସରିଗଲାଣି। ଏହା ଏବେ ନିଜର ଯୁବାବସ୍ଥାରେ ଅଛି ଏବଂ ଅନ୍ତରୀକ୍ଷରେ ପ୍ରଚୁର ଆଲୋକ ଓ ଉତ୍ତାପ ବିକିରଣ କରିଚାଲିଛି। ଗଣନାରୁ ଜଣାଯାଏ ଯେ, ଏହା ଆଉ ପ୍ରାୟ ୪୫୦ କୋଟି ବର୍ଷ ପରେ ‘ଲୋହିତ ଦାନବ’ ଅବସ୍ଥାରେ ପହଞ୍ଚିବ ଏବଂ ନିଜେ ସୃଷ୍ଟି କରିଥିବା ଗ୍ରହମାନଙ୍କୁ ଗ୍ରାସ କରିବ। ଜଣାଯାଏ ଯେ, ସୂର୍ଯ୍ୟ ଏହି ଅବସ୍ଥାରେ ନିକଟତମ ଗ୍ରହ ବୁଧ ଓ ଶୁକ୍ରଙ୍କୁ ସମ୍ପୂର୍ଣ୍ଣ ଗ୍ରାସ କରି ପୃଥିବୀର ଅତି ପାଖକୁ ଲାଗି ଆସିବ। ଏହି ଅବସ୍ଥାରେ ସୂର୍ଯ୍ୟର ପ୍ରଚଣ୍ଡ କିରଣରେ ପୃଥିବୀର ବାତାବରଣ ଅତିଶୟ ଉତ୍ତପ୍ତ ପାଲଟିଯିବ।”

ସୁତରାଂ ଯେଉଁ ସୂର୍ଯ୍ୟ ଦିନେ ପୃଥିବୀକୁ ଜନ୍ମ ଦେଇଥିଲା, ସେ ଆଗାମୀ ଦିନରେ ହିଂସ୍ର ପାଲଟିଯାଇ ନିଜର ସନ୍ତାନ ପୃଥିବୀକୁ ଧ୍ୱଂସ କରିବ। ମାତ୍ର ଆମେ ଏଥିରେ ବିବ୍ରତ ହେବା ଉଚିତ ନୁହେଁ; କାରଣ ଏହା ଦୀର୍ଘ ୪୫୦ କୋଟି ବର୍ଷ ପରେ ଘଟିବ ଯେତେବେଳେ ଆମେ କିମ୍ବା ଆମର ନିକଟ ବଂଶଧର କେହି ଜୀବିତ ନଥିବେ!

–ଏଜୁକେଶନ୍ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

# ମେଦ ବୃଦ୍ଧି ହୋଇପାରେ କ୍ୟାନ୍‌ସରର କାରଣ



ବର୍ତ୍ତମାନର ବ୍ୟସ୍ତ ଜୀବନ ଭିତରେ ଆମକୁ ନିଜ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ। ଏବେ ଏଭଳି କେତେକ ରୋଗ ରହିଛି ଯାହା ସମୟକ୍ରମେ ଗମ୍ଭୀର ଆକାର ଧାରଣ କରିବା ସହ ପରବର୍ତ୍ତୀ ସମୟରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଜୀବନନାଶକ ହୋଇପାରେ। ତନ୍ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ। ଏହାର କାରଣ ତାଲିକାରେ ନିକଟରେ ଏକ ନୂଆ ଜିନିଷକୁ ଯୋଡ଼ାଯାଇଛି। ଯଦି ଜଣେ ବ୍ୟକ୍ତି ଦୀର୍ଘ ବର୍ଷ ଧରି ମେଦବହୁଳତା ପରି ସମସ୍ୟା ସହ ଜଡ଼ିତ ରହନ୍ତି, ତେବେ ତାହା କ୍ୟାନ୍‌ସରର କାରଣ ସାଜିପାରେ ବୋଲି ଆୟର୍ଲାଣ୍ଡର ଡବଲିନ୍‌ଠାରେ ଆୟୋଜିତ ୟୁରୋପିଆନ କଂଗ୍ରେସ ଅଫ୍ ଓବେସିଟିରେ ବିଶେଷଜ୍ଞମାନେ ଏକମତ ହୋଇଛନ୍ତି। ନ୍ୟାଶନାଲ କଂଗ୍ରେସ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ସେମାନେ ଏଭଳି ବିଷୟରେ ଜାଣିପାରିଛନ୍ତି। ତେଣୁ ଜଣେ ବ୍ୟକ୍ତି ନିଜ ଓଜନ ସହ ମେଟାବୋଲିଜମ ସ୍ତରକୁ ସବୁବେଳେ ସନ୍ତୁଳିତ ରଖିବା ଦରକାର ବୋଲି ଏହି ସର୍ଭେର ମୁଖ୍ୟ ଡା. ହୋଲି ଲଫଟନ୍ ପ୍ରକାଶ କରିଛନ୍ତି। ଏହି ସର୍ଭେ ପରିସରଭୁକ୍ତ ତଥା ଦୀର୍ଘ ବର୍ଷ ଧରି ମେଦବହୁଳତା ସମସ୍ୟା ସହ ଜଡିତ କିଛି ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୩୨ ପ୍ରତିଶତ ଲୋକଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ଦେଖିବାକୁ ମିଳିଥିଲା।

# ଏକାଗ୍ରତା ବୃଦ୍ଧି କରିବାର ନୂଆ ଉପାୟ



କୌଣସି କାର୍ଯ୍ୟକୁ ଠିକ୍ ଭାବରେ ସମ୍ପାଦନ କରିବାକୁ ଯୋଜନାବଦ୍ଧ ଭାବରେ ଆଗେଇବାକୁ ପଡ଼ିଥାଏ। ତେବେ ଏହି ସମୟରେ ମନ ଶାନ୍ତ ରହିବା ନିହାତି ଦରକାର। କାରଣ ବ୍ୟସ୍ତ ଭିତରେ କାମକୁ ତୁଲାଇଲେ ତାହା ଠିକ୍ ଭାବରେ ସମ୍ପାଦିତ ହୋଇ ନ ଥାଏ। ତେବେ କାମ ପ୍ରତି ନିଜର ଏକାଗ୍ରତା ବୃଦ୍ଧି କରିବାର ଏକ ସରଳ ତଥା ସହଜ ଉପାୟ ରହିଛି। ଏଥିଲାଗି ମନପସନ୍ଦର ସଙ୍ଗୀତ ଶୁଣନ୍ତୁ। ଏହାଦ୍ୱାରା ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଥାଏ ଏବଂ କାମରେ ମନ ଲାଗିଥାଏ। ସିଡ୍‌ନୀ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରି ଏ ବିଷୟରେ ଜାଣିପାରିଛନ୍ତି। ନିୟମିତ ମନପସନ୍ଦର ସଙ୍ଗୀତ ଶୁଣୁଥିବା କେତେକ ବ୍ୟକ୍ତିଙ୍କ କାର୍ଯ୍ୟ ପ୍ରତି କେତେ ଏକାଗ୍ରତା ରହୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ମନପସନ୍ଦର ସଙ୍ଗୀତ ଶୁଣିବା ଦ୍ୱାରା କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିଥାଏ। ଏହାସହ ଟେନସନ୍‌ଠାରୁ ଦୂରେଇ ରଖିବାରେ ଏହା ମଧ୍ୟ ସାହାଯ୍ୟ କରେ।

# ସ୍ୱାସ୍ଥ୍ୟ ସୂଚନା

➢ସୂର୍ଯ୍ୟୋଦୟର ଅଧ ଘଣ୍ଟାଏ ପୂର୍ବରୁ କିମ୍ବା ପରେ ଯୋଗ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ସବୁବେଳେ ଶାନ୍ତ ମନରେ ଏବଂ ତରବର ନ ହୋଇ ଯୋଗ କରନ୍ତୁ। ଯୋଗ କରିବା ସମୟରେ ପାଟିବାଟେ ଶ୍ୱାସକ୍ରିୟା କରନ୍ତୁ ନାହିଁ।



➢ଯଦି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଯେତେ ଶିଡି କମ୍ ଚଢ଼ିବେ ତାହା ସେତେ ଭଲ।

➢ଭଲଭାବରେ ଦାନ୍ତ ନ ଘଷିଲେ ଦାନ୍ତ ଏବଂ ମାଢ଼ିଜନିତ ରୋଗ ସୃଷ୍ଟି ହେବାର ଯଥେଷ୍ଟ ଅଶଙ୍କା ରହିଛି। ତେଣୁ ଭଲ ଭାବରେ ଦାନ୍ତ ଘଷନ୍ତୁ।

➢ବୟସ ୫୦ ଟପିଲେ ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➢ଯଦି କୌଣସି କାରଣରୁ ଟେନ୍‌ସନର ସମ୍ମୁଖୀନ ହୋଇଛନ୍ତି ତେବେ ତାହାକୁ ନେଇ ଟେନ୍‌ସନ ହେବା ପରିବର୍ତ୍ତେ ଏଥିରୁ କିପରି ମୁକୁଳିବେ ସେ ନେଇ ଚିନ୍ତା କରନ୍ତୁ।

➢କୌଣସି ରୋଗ କିମ୍ବା ମେଡିସିନ୍ ଉପରେ ନିଜର ଯଥେଷ୍ଟ ଅଭିଜ୍ଞତା ନ ଥିଲେ ସେ ନେଇ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ।

➢ପେଟଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ଅଧିକ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।

➢ଖାଦ୍ୟ ଖାଇବା ଭିତରେ ପାଣି ପିଅନ୍ତୁ ନାହିଁ। ଏହା ମଧ୍ୟରେ ବାରମ୍ବାର ପାଣି ପିଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।

# ନିଦ୍ରାହୀନତା ଓ ଆଲଜିମର୍ସ

ନିଦ୍ରାହୀନତା ଏଭଳି ଏକ ସମସ୍ୟା ଯାହା ପରୋକ୍ଷରେ କେତେକ ରୋଗକୁ ଡାକି ଆଣିଥାଏ। ଯଦି ଏହା ଦୀର୍ଘ ଦିନ ଧରି ଲାଗିରହେ ତେବେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିଥାଏ। ଏପରି କି ଏଥିପାଇଁ ଆଲଜିମର୍ସ ଭଳି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ‘ନିଦ୍ରାହୀନତା ଏବଂ ଆଲଜିମର୍ସ’ ବିଷୟ ଉପରେ ଆମେରିକାର ଏକାଡେମୀ ଅଫ୍ ନ୍ୟୁରୋଲୋଜି ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏହି ସମୟରେ ନିଦ୍ରାହୀନତା ପରି ସମସ୍ୟା ସହ ଜଡିତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରାକୁ ତନ୍ନ ତନ୍ନ କରି ବିଶେଷଜ୍ଞମାନେ ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କଠାରେ ଆଲଜିମର୍ସ ସମସ୍ୟାର ଲକ୍ଷଣ କେତେକାଂଶରେ ଦେଖିବାକୁ ମିଳିଥିଲା। ଉକ୍ତ ଏକାଡେମୀ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିଦ୍ରାହୀନତା ଯୋଗୁ ମସ୍ତିଷ୍କର କାର୍ଯ୍ୟଧାରା ଧୀରେ ଧୀରେ ବିଗିଡିବାକୁ ଲାଗିଥାଏ। ପରେ ଏହା ଆଲଜିମର୍ସ ରୂପ ଧାରଣ କରିଥାଏ। କେବଳ ସେତିକି ନୁହେଁ, ଠିକ୍ ଭାବରେ ନିଦ ନ ହେଲେ ହୃଦ୍‌ଜନିତ ସମସ୍ୟା ଏପରିକି ବ୍ଲଡପ୍ରେସରର ସମ୍ମୁଖୀନ ହେବାର ଆଶଙ୍କା ରହିଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମେ ୨୨/୨୦୨୩ Bhubaneswar, Monday, May 22/ 2023

# ରାଜସ୍ଥାନକୁ ବିଦାକଲା ମୁମ୍ବାଇ

**ମୁମ୍ବାଇ,୨୧ା୫**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ସବୁଠୁ ମହଙ୍ଗା ଖେଳାଳି କାମେରନ୍ ଗ୍ରୀନ୍‌ଙ୍କ ଶତକ ବଳରେ ରବିବାର ସନରାଇଜର୍ସ ହାଇଦ୍ରାବାଦକୁ ୮ ଉଇକେଟରେ ପରାସ୍ତ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ମୁମ୍ବାଇ ୧୪ ମ୍ୟାଚରୁ ୮ ବିଜୟ ସହ ୧୬ ପଏଣ୍ଟ ହାସଲ କରିଛି। ଫଳରେ ରାଜସ୍ଥାନ ରୟାଲ୍ସର ପ୍ଲେ ଅଫ୍ ଆଶା ସମାପ୍ତ ହୋଇଛି। ସନରାଇଜର୍ସ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟରେ ୨୦୦ ରନ୍ କରିଥିବା ବେଳେ ୧୮ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା ମୁମ୍ବାଇ ଇଣ୍ଡିଆନ୍ସ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସନରାଇଜର୍ସ ହାଇଦ୍ରାବାଦ ପୁନର୍ବାର ଏକ ନୂତନ ଓପନିଙ୍ଗ ଯୋଡି ସହିତ ଓହ୍ଲାଇଥିଲା। ଭିଭ୍ରାନ୍ତ ଶର୍ମା(୬୯) ଓ ମୟଙ୍କ ଅଗ୍ରୱାଲ(୮୩) ଦଳ ପକ୍ଷରୁ ଓପନ କରିଥିଲେ। ଭିଭ୍ରାନ୍ତ ନିଜର ପ୍ରଥମ ଆଇପିଏଲ୍ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ମୟଙ୍କ ଅଗ୍ରୱାଲଙ୍କ ସହିତ ଶତକୀୟ ଭାଗୀଦାରି କରିଥିଲେ। ଉଭୟ ଖେଳାଳି ୧୩.୪ ଓଭରରେ ୧୪୦ ରନ୍ ଯୋଡିଥିଲେ। ଭିଭ୍ରାନ୍ତ ୪୭ ବଲ୍‌ରୁ ୯ ଚୌକା ଓ ୨ ଛକା ସହିତ ୬୯ ରନ୍ କରିଥିଲେ। ଅନ୍ୟପକ୍ଷରେ ମୟଙ୍କ ୪୬ ବଲ୍ ଖେଳି ୮ ଚୌକା ଓ ୪ ଛକା ମାରିଥିଲେ। ଗ୍ଲେନ୍ ଫିଲିପ୍ସ(୧) ଓ ହ୍ୟାରୀ ବ୍ରୁକ୍(୦) ବିଫଳ ହେବାରୁ ଶେଷ ଭାଗରେ ସନରାଇଜର୍ସର ରନ୍ ଗତି ଧିମେଇ ଯାଇଥିଲା। ଅନ୍ୟ ଖେଳାଳିଙ୍କ ମଧ୍ୟରେ ହେନରିଚ୍ କ୍ଲାସେନ୍ ୧୮ ଓ ଏଡେନ୍ ମାରକ୍ରମ ଅପରାଜିତ ୧୩ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ଆକାଶ ମାଧୱାଲ ସଫଳ ବୋଲର ଭାବରେ ୪ ଉଇକେଟ ଓ କ୍ରିସ୍ ଜୋର୍ଡାନ ୧ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଉଲ୍ଲସିତ କାମେରନ ଗ୍ରୀନ୍।

୨୦୧ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ମୁମ୍ବାଇର ଆରମ୍ଭ ଏତେ ଭଲ ରହି ନ ଥିଲା। ମ୍ୟାଚ୍‌ର ତୃତୀୟ ଓଭରରେ ୧୪ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ ଇଶାନ୍ କିଶନ୍। ଏହାପରେ କ୍ରିଜ୍‌ରେ ଯୋଗ ଦେଇଥିଲେ କାମେରନ୍ ଗ୍ରୀନ୍। ଧୂଆଁଧାର ବ୍ୟାଟିଂ କରିବା ସହିତ ସେ ଆଇପିଏଲ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ଅଧିନାୟକ ରୋହିତ ଶର୍ମା(୫୬ ରନ୍)ଙ୍କ ସହିତ ସେ ୧୨୮ ରନ୍ ଯୋଡିଥିଲେ। ରୋହିତ ୩୭ ବଲ୍ ଖେଳି ୮ ଚୌକା ଓ ୧ ଛକା ସହିତ ୫୬ ରନ୍ କରିଥିଲେ। ଅନ୍ୟପକ୍ଷରେ ଶେଷ ଯାଏ ଅପରାଜିତ ରହିଥିବା ଗ୍ରୀନ୍ ୪୭ ବଲ୍ ଖେଳି ୮ଟି ଲେଖାଏ ଛକା ଓ ଚୌକା ମାରି ୧୦୦ ରନ୍ ସ୍କୋର କରିଥିଲେ। ସୂର୍ଯ୍ୟକୁମାର ଯାଦବ ୧୬ ବଲ୍ ଖେଳି ୨୫ ରନ୍‌ରେ ଅପରାଜିତ ରହିଥିଲେ। ହାଇଦ୍ରାବାଦ ପକ୍ଷରୁ ଭୁବନେଶ୍ୱର କୁମାର ଓ ମୟଙ୍କ ଡଗର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କାମେରନ୍ ଗ୍ରୀନ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୦୦/୫(ମୟଙ୍କ ଅଗ୍ରୱାଲ–୮୩, ଭିଭ୍ରାନ୍ତ ଶର୍ମା–୬୯, ହେନ୍‌ରିଚ୍ କ୍ଲାସେନ୍–୧୮, ଆକାଶ ମାଧୱାଲ–୪/୩୭, କ୍ରିସ୍ ଜୋର୍ଡାନ–୧/୪୨)। ମୁମ୍ବାଇ ଇଣ୍ଡିଆନ୍ସ ୧୮ ଓଭରରେ ୨୦୧/୨(କାମେରନ୍ ଗ୍ରୀନ୍–୧୦୦*, ରୋହିତ ଶର୍ମା–୫୬, ସୂର୍ଯ୍ୟକୁମାର ଯାଦବ–୨୫, ଭୁବନେଶ୍ୱର କୁମାର–୧/୨୬, ମୟଙ୍କ ଡଗର–୧/୩୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୮ | ୫ | ୧୭ | +୦.୬୫୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୪ | ୮ | ୫ | ୧୭ | +୦.୨୮୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୮ | ୬ | ୧୬ | –୦.୦୪୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | +୦.୧୮୦ |
| ରାଜସ୍ଥାନ ରୟାଲ୍ସ | ୧୪ | ୭ | ୭ | ୧୪ | +୦.୧୪୮ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୪ | ୬ | ୮ | ୧୨ | –୦.୨୩୯ |
| ପଞ୍ଜାବ କିଙ୍ଗ୍ସ | ୧୪ | ୬ | ୮ | ୧୨ | –୦.୩୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୫ | ୯ | ୧୦ | –୦.୮୦୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୪ | ୪ | ୧୦ | ୮ | –୦.୫୯୦ |

ବି.ଦ୍ର.: ମେ’ ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷାରେ ବାଧାପ୍ରାପ୍ତ ଯୋଗୁ ପଏଣ୍ଟ ଭାଗ ହୋଇଥିଲା।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ